# ଅଧ୍ୟାୟ II

# ସମ୍ପାଦନ ସମୀକ୍ଷା

# ଅଧ୍ୟାୟ II
# ସମ୍ପାଦନ ସମୀକ୍ଷା

## ଜଙ୍ଗଲ, ପରିବେଶ ଏବଂ ଜଳବାୟୁ ପରିବର୍ତ୍ତନ ବିଭାଗ

## 2.1 ଓଡ଼ିଶାର ଜଙ୍ଗଲ, ପରିବେଶ ଏବଂ ଜଳବାୟୁ ପରିବର୍ତ୍ତନ ବିଭାଗ ଦ୍ୱାରା କରାଯାଇଥିବା ବୃକ୍ଷରୋପଣ କାର୍ଯ୍ୟକଳାପର ନିର୍ଦ୍ଧାରଣ ଉପରେ ସମ୍ପାଦନ ସମୀକ୍ଷା

### କାର୍ଯ୍ୟନିର୍ବାହୀ ସାରାଂଶ

*ଜାତୀୟ ଜଙ୍ଗଲ ନୀତି, 1988 କୁ ଓଡ଼ିଶା ରାଜ୍ୟ ଅନୁସରଣ କରେ ଏବଂ ବନୀକରଣ ଏବଂ ଅବକ୍ଷୟ ଜଙ୍ଗଲ ଜମିରେ ପୁନରୁତ୍ପାଦନ ମାଧ୍ୟମରେ ରାଜ୍ୟରେ ଜଙ୍ଗଲ ଏବଂ ବନ୍ୟଜନ୍ତୁଙ୍କ ପରିଚାଳନା, ସଂରକ୍ଷଣ ତଥା ରକ୍ଷା ପାଇଁ ଏଥିରେ ନିର୍ଦ୍ଦେଶ ଦିଆଯାଇଛି । ରାଜ୍ୟରେ 51,619 ବର୍ଗ କିମି ଜଙ୍ଗଲ ଥିବା ଆକଳନ କରାଯାଇଛି, ଯାହା ଭାରତ ରାଜ୍ୟ ବନ ରିପୋର୍ଟ 2019 ଅନୁଯାୟୀ ରାଜ୍ୟର ଭୌଗୋଳିକ କ୍ଷେତ୍ରର 33.15 ପ୍ରତିଶତ ଅଟେ ।*

*2013-14 ରୁ 2017-18 ଅବଧିକୁ ଅନ୍ତର୍ଭୁକ୍ତ କରି "ବୃକ୍ଷରୋପଣ କାର୍ଯ୍ୟକଳାପର ନିର୍ଦ୍ଧାରଣ" ର ସମ୍ପାଦନ ସମୀକ୍ଷା କରାଯାଇ ଲକ୍ଷ୍ୟ କରାଗଲା ଯେ;*

- *ଧାର୍ଯ୍ୟ ଅବଧି ମଧ୍ୟରେ ବୃକ୍ଷରୋପଣ ଲକ୍ଷ୍ୟ ହାସଲ ଅଯୌକ୍ତିକ ଅଭାବ ସହିତ ସମାପିତ ହେଲା, ଯାହା ଲକ୍ଷ୍ୟଗୁଡ଼ିକୁ ଅବାସ୍ତବ ଭାବେ ଧାର୍ଯ୍ୟ କରାଯାଇଥିବା ସୂଚାଇଲା । ଅବକ୍ଷୟ ଜଙ୍ଗଲ ଜମି ଏବଂ ଖାଲି ଥିବା ରାଜସ୍ୱ ଜମି ସମ୍ବନ୍ଧୀୟ ତଥ୍ୟ ଉପଲବ୍ଧ ନଥିବା କାରଣରୁ ବୃକ୍ଷରୋପଣ ପାଇଁ ଯୋଜନା ପ୍ରଣାଳୀ କେବଳ କ୍ଷେତ୍ରୀୟ କର୍ମଚାରୀଙ୍କ ଦ୍ୱାରା ଭାଗ ଭାଗ କରି ପ୍ରଦାନ କରାଯାଇଥିବା ତତ୍କ୍ଷଣାତ୍ ତଥ୍ୟ ମଧ୍ୟରେ ସୀମିତ ଥିଲା । ରେଞ୍ଜ, ବିଭାଗ ଏବଂ ବନ ମୁଖ୍ୟାଳୟ ମଧ୍ୟରେ ସମନ୍ୱୟର ଅଭାବ ହେତୁ ଲକ୍ଷ୍ୟର ଦୀର୍ଘକାଳୀନ ଯୋଜନା ଏବଂ ଧାର୍ଯ୍ୟ ଲକ୍ଷ୍ୟ ହାସଲ ହୋଇ ପାରିଲା ନାହିଁ । ବିଭିନ୍ନ ବାର୍ଷିକ ବୃକ୍ଷରୋପଣ ଯୋଜନା ସମ୍ବନ୍ଧୀୟ ଆବଶ୍ୟକୀୟ ତଥ୍ୟ ଯେପରିକି ଯୋଜନାଦ୍ୱାରା ବାର୍ଷିକ ଲକ୍ଷ୍ୟ ଏବଂ ଲକ୍ଷ୍ୟ ହାସଲ, ଆବଣ୍ଟନ ଏବଂ ବ୍ୟୟ, ଜୀବିତ ଥିବା ବୃକ୍ଷଗୁଡ଼ିକର ପ୍ରତିଶତ ଇତ୍ୟାଦି ସରକାର କିମ୍ବା ପ୍ରମୁଖ ମୁଖ୍ୟ ଜଙ୍ଗଲ ସଂରକ୍ଷକ (ଓ ଏବଂ ଏଚ୍‌ଓଏଫ୍‌ଏଫ୍) ସ୍ତରରେ ଅନୁରକ୍ଷଣ କରାଯାଇ ନଥିଲା ।*

- *ସ୍ଥାନୀୟ ଭୂ-ଜଳବାୟୁ ପରିସ୍ଥିତିକୁ ଅନୁଧ୍ୟାନ କରି ଜାତୀୟ ଜଙ୍ଗଲ ନୀତି ଅନୁଯାୟୀ ରାଜ୍ୟ, ନିଜସ୍ୱ ରାଜ୍ୟ ଜଙ୍ଗଲ ନୀତି(ଏସ୍‌ଏଫ୍‌ପି) ଗଠନ କରିବା ଆବଶ୍ୟକ ଥିଲା । ଏସ୍‌ଏଫ୍‌ପି ପ୍ରସ୍ତୁତ ନ ହେବା ଯୋଗୁଁ ରାଜ୍ୟରେ ସବୁଜ କଳେବର ବୃଦ୍ଧିର ପର୍ଯ୍ୟାପ୍ତ ଯୋଜନା ହୋଇପାରିନଥିଲା । ଅନୁମୋଦିତ କାର୍ଯ୍ୟକାରୀ ଯୋଜନା/ କାର୍ଯ୍ୟକାରୀ ପରିକଳ୍ପନା ବିନା ଜଙ୍ଗଲ ବିଭାଜନଗୁଡ଼ିକ କାର୍ଯ୍ୟ କରୁଥିଲା ।*

- *ବୃକ୍ଷରୋପଣ ପତ୍ରିକାର ରକ୍ଷଣାବେକ୍ଷଣ ପ୍ରତି କ୍ଷେତ୍ରୀୟ କାର୍ଯ୍ୟକର୍ତ୍ତା ଯତ୍ନବାନ ନଥିଲେ ଯେହେତୁ ବୃକ୍ଷରୋପଣ ସବିଶେଷ ତଥ୍ୟ ଯଥା ବୃକ୍ଷରୋପଣର ପୂର୍ବ ଏବଂ ପରବର୍ତ୍ତୀ ତଥ୍ୟ, ଅବସ୍ଥାକୁ ସହ ସମ୍ପୂର୍ଣ୍ଣ ବର୍ଷ-ଓ୍ୱାରୀ ବ୍ୟୟ, ରେଞ୍ଜ ଅଧିକାରୀମାନଙ୍କର ତ୍ରୈମାସିକ ଯାଞ୍ଚ, ବୃକ୍ଷରୋପଣର ଦାୟିତ୍ୱରେ ଥିବା (ଫରେଷ୍ଟର/ ଫରେଷ୍ଟ ଗାର୍ଡ) ଏବଂ ରେଞ୍ଜ ଅଧିକାରୀମାନଙ୍କ ଦ୍ୱାରା ଅଧିପ୍ରମାଣ ଅନ୍ତର୍ଭୁକ୍ତ ହୋଇନପାରିବାରୁ ଅଡିଟ୍, ବୃକ୍ଷରୋପଣର କାର୍ଯ୍ୟକାରିତାକୁ ଅଧିପ୍ରମାଣ କରିପାରିଲା ନାହିଁ ।*
- *ଶାଳ ପ୍ରଜାତି ହେଉଛି ଓଡ଼ିଶାର ମୂଳ ସ୍ୱଦେଶୀ ପ୍ରଜାତି କିନ୍ତୁ ଶାଗୁଆନ୍ ପ୍ରମୁଖ ପ୍ରଜାତି ଭାବରେ ରୋପଣ କରାଯାଇଥିଲା, ଯାହା ଦ୍ୱାରା ଉଦ୍ଭିଦ ସମୂହ ଏବଂ ଜୈବ ବିବିଧତା ଉପରେ ପ୍ରଭାବ ପଡ଼ିଥିଲା ।*

- *ଏକ ବିଭାଜନରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଅଧୀନରେ କାର୍ଯ୍ୟକାରୀ ବୃକ୍ଷରୋପଣ ପ୍ରକଳ୍ପର ଯୋଜନା କରିବାରେ ବନ ଖଣ୍ଡ ଅଧିକାରୀ (ଡିଏଫ୍‌ଓ) ଏବଂ ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା (ଡିଆରଡିଏ) ସ୍ତରରେ କୌଣସି ସମନ୍ୱୟ ନଥିଲା । ଡିଏଫ୍‌ଓ କିମ୍ବା ବିଭାଗରେ, ଏକ ବିଭାଜନରେ ଥିବା ସର୍ବମୋଟ୍ ଜବ୍ କାର୍ଡଧାରୀଙ୍କ ବିଷୟରେ ସୂଚନା ନଥିଲା ଯାହା ବୃକ୍ଷରୋପଣ କାର୍ଯ୍ୟକାରିତାକୁ ପ୍ରଭାବିତ କରିଥିଲା ।*

- 485 ବୃକ୍ଷରୋପଣ ମଧ୍ୟରୁ 191 ଟି ସଫଳ ହୋଇ ନଥିବାରୁ ବିଭାଗ ଦ୍ୱାରା 13.17 କୋଟି ଟଙ୍କାର ନିଷ୍ଫଳ ବ୍ୟୟ ହୋଇଥିଲା । ବିଫଳତାର କାରଣ ଥିଲା ଘଞ୍ଚ ଜଙ୍ଗଲରେ ବୃକ୍ଷରୋପଣ ସ୍ଥାନଗୁଡ଼ିକର ଅନୁପଯୁକ୍ତ ଚୟନ ଏବଂ ବନ ରକ୍ଷୀ ଅଧିକାରୀଙ୍କ ଦ୍ୱାରା ବୃକ୍ଷରୋପଣ ପ୍ରକଳ୍ପ ପ୍ରସ୍ତାବ ଦାଖଲ କରିବାରେ ବିଳମ୍ବ ।
- ରକ୍ଷଣାବେକ୍ଷଣ କାର୍ଯ୍ୟ ପାଇଁ ଦ୍ୱିତୀୟ ବର୍ଷରୁ ପାଣ୍ଠି ପ୍ରଦାନ ନହେବା କାରଣରୁ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଅଧୀନରେ କାର୍ଯ୍ୟକାରୀ ହୋଇଥିବା ବୃକ୍ଷରୋପଣ ଜୀବିତ ରହିବା ଅନିଶ୍ଚିତତା ମଧ୍ୟରେ ରହିଥିଲା ।
- ସିଏମ୍‌ପିଏ ଅଧୀନରେ କ୍ଷତିପୂରକ ବନୀକରଣ କାର୍ଯ୍ୟକ୍ରମଗୁଡ଼ିକ ଧାର୍ଯ୍ୟ ସମୟ ତିନି ବର୍ଷ ମଧ୍ୟରେ ହୋଇପାରିଲା ନାହିଁ, ଯାହାଫଳରେ ଜଙ୍ଗଲ ଜମିର ଅନ୍ୟ ଉଦ୍ଦେଶ୍ୟରେ ବ୍ୟବହାର ପାଇଁ ଜଙ୍ଗଲ ପରିସରକୁ କ୍ଷତିପୂରଣ ଦିଆଯାଇ ପାରିନଥିଲା ।
- ଅଡିଟ୍ ଟିମ୍ ଏବଂ ବନ ଅଧିକାରୀମାନେ 41 ଟି ବୃକ୍ଷରୋପଣକୁ ବାସ୍ତବିକ ଭାବରେ ଯାଞ୍ଚ କରିଥିଲେ ଏବଂ 20 ଟି ବିଫଳ ବୃକ୍ଷରୋପଣ ଏବଂ ସାତୋଟି ଆଂଶିକ ସଫଳ ବୃକ୍ଷରୋପଣ ଅବଲୋକନ କରିଥିଲେ ଯାହାଫଳରେ 2.67 କୋଟି ଟଙ୍କାର ନିଷ୍ଫଳ ବ୍ୟୟ ହୋଇଥିଲା ।
- ସ୍କୁ ଏଣ୍ଡି ବ୍ୟବହାର କରି ବୃକ୍ଷରୋପଣ ସ୍ଥାନଗୁଡ଼ିକର ଅଡିଟ୍ ବିଶ୍ଳେଷଣରୁ ଜଣାଗଲା ଯେ ଅନେକ ବୃକ୍ଷ ସହଜରେ ପ୍ରବେଶ ଯୋଗ୍ୟ ଅଞ୍ଚଳ ଯଥା ଫୁଟପାଥରେ ଲଗାଯାଇଥିଲା । ଯଦିଓ ଅଳ୍ପ କିଛି ଶାଳୁଆନ୍ ପ୍ରଜାତି ବଞ୍ଚିଥିଲେ, ଉକ୍ତ ଉଦ୍ଭିଦରେ ବୃଦ୍ଧି ପର୍ଯ୍ୟାପ୍ତ ମାତ୍ରାରେ ହୋଇନଥିଲା । ଏହା ଦେଖାଗଲା ଯେ ମୃତ୍ତିକାର ଆର୍ଦ୍ରତା ସଂରକ୍ଷଣ କାର୍ଯ୍ୟକଳାପ ଯଥା ସ୍ପାଇରଲ ଟ୍ରେଞ୍ଚ ଖୋଳା ଯାଇନଥିଲା କିମ୍ବା ଅପ୍ରଭାବୀ ଭାବରେ କାର୍ଯ୍ୟକାରୀ କରାଯାଇଥିଲା ଯଥା ଟ୍ରେଞ୍ଚ ଗୁଡ଼ିକୁ ଢାଲୁ ସହ ପର୍ପେଣ୍ଡିକୁଲାର ଭାବେ ଖୋଳା ଯାଇନଥିଲା । ତେଣୁ, 68.36 ଲକ୍ଷ ଟଙ୍କାର ନିଷ୍ଫଳ ବ୍ୟୟ ସହ ବୃକ୍ଷରୋପଣ ବିଫଳ ହୋଇଥିଲା ।
- ବାର୍ଷିକ ଉଚ୍ଚ ବଞ୍ଚିବାର ଶତକଡ଼ା ସୁନିଶ୍ଚିତ ନକରି, ବୃକ୍ଷରୋପଣର ପ୍ରଥମ ବର୍ଷରେ ନିର୍ଦ୍ଦେଶନାମାକୁ ଉଲ୍ଲଙ୍ଘନ କରି ଗୋଟିଏ କିସ୍ତିରେ ଅନିୟମିତ ଭାବେ ପାଣ୍ଠି ପ୍ରଦାନ କରାଯାଇଥିଲା ।
- ଯଦିଓ ଗ୍ୟାପ୍ ବୃକ୍ଷରୋପଣ ବିନା ସାହାଯ୍ୟକାରୀ ପ୍ରାକୃତିକ ପୁନରୁତ୍ପାଦନ (ଏଏନ୍‌ଆର୍) ରେ ବିହନ ବୁଣିବା ଆରମ୍ଭ କରାଯାଇନଥିଲା, କିନ୍ତୁ ଚାରିବର୍ଷର ପୁନରୁତ୍ପାଦନ ଅବଧି ପାଇଁ ରଖାଇବା ନିମନ୍ତେ ମୂଲ୍ୟ ମାନଦଣ୍ଡରେ ବ୍ୟବସ୍ଥା କରାଯାଇଥିଲା । ଏହି ଅନୁପଯୁକ୍ତ ବ୍ୟବସ୍ଥା ଯୋଗୁଁ 63.19 କୋଟି ଟଙ୍କାର ପରିହାର୍ଯ୍ୟ ବ୍ୟୟ ହୋଇଥିଲା ।
- ଯଦିଓ ବ୍ଲକ୍ ବୃକ୍ଷରୋପଣ ଏବଂ ସହରୀ ବୃକ୍ଷରୋପଣ କାର୍ଯ୍ୟର ବିଭିନ୍ନ ଉପାଦାନ ସମାନ ଥିଲା, ସହରୀ ବୃକ୍ଷରୋପଣ ପାଇଁ ମାନକ ରେଟ୍‌କୁ ଅଯୌକ୍ତିକ ଭାବରେ ଅଧିକ ସ୍ଥିର କରାଯାଇଥିଲା ଯାହାଫଳରେ 39.80 କୋଟି ଟଙ୍କା ମୂଲ୍ୟର ପରିହାର୍ଯ୍ୟ ବ୍ୟୟ ହୋଇଥିଲା ।
- ବିଭିନ୍ନ ଉପାଦାନ ପାଇଁ ଅଧିକ ବ୍ୟୟ ତଥା ବ୍ୟୟ ନିୟମକୁ ଉଲ୍ଲଙ୍ଘନ କରି ଅଧିକ ବ୍ୟୟ କରାଯିବା ଫଳରେ 99 ଲକ୍ଷ ଟଙ୍କାର ପରିହାର୍ଯ୍ୟ / ନିଷ୍ଫଳ ବ୍ୟୟ ହୋଇଥିଲା ।
- ସହରାଞ୍ଚଳ ବୃକ୍ଷରୋପଣ ଅଧୀନରେ ବାଡ଼ ନିର୍ମାଣ ଏବଂ ତୃତୀୟ ବର୍ଷର ରକ୍ଷଣାବେକ୍ଷଣ ପାଇଁ ପାଣ୍ଠିର ଅନିୟମିତ ଆବଣ୍ଟନ ଯୋଗୁଁ 14.82 କୋଟି ଟଙ୍କା ମୂଲ୍ୟର ଅନିୟମିତ ବ୍ୟୟ ହୋଇଥିଲା ।
- ଆର୍ଥିକ ବ୍ୟବସ୍ଥାକୁ ଅନୁସରଣ କରାଯାଇ ନଥିଲା ଯେହେତୁ ଟେଣ୍ଡର ଆହ୍ୱାନ ନ କରି ଜଳସିଞ୍ଚନ ପାଇଁ 69.12 ଲକ୍ଷ ଟଙ୍କା ବ୍ୟୟ କରାଯାଇଥିଲା ।
- ରାସ୍ତା ପ୍ରଶସ୍ତୀକରଣ ହେତୁ ଆଭେନ୍ୟୁ ବୃକ୍ଷରୋପଣ ସମ୍ପୂର୍ଣ୍ଣ ରୂପେ ନଷ୍ଟ ହୋଇଯାଇଥିଲା ଏବଂ ସମନ୍ୱୟ ଅଭାବ ଏବଂ ଅପ୍ରଭାବୀ ପର୍ଯ୍ୟାଲୋଚନା ଯୋଗୁଁ କ୍ଷତିଗ୍ରସ୍ତ ବୃକ୍ଷରୋପଣ ପାଇଁ ବ୍ୟବହାରକାରୀ ସଂସ୍ଥାମାନଙ୍କ(ୟୁଏ) ଠାରୁ ପାଣ୍ଠି ସଂଗ୍ରହ କରାଯାଇପାରି ନଥିଲା ।
- 40 ପ୍ରତିଶତରୁ ଅଧିକ କାନପିଥିବା ଜଙ୍ଗଲ ଭିତରେ ବାଉଁଶ ବୃକ୍ଷରୋପଣ କରାଯାଇଥିଲା । ପର୍ଯ୍ୟାପ୍ତ ଆଲୋକ ଉପଲବ୍ଧ ନହେବା ହେତୁ ଏହି ସ୍ଥାନଗୁଡ଼ିକରେ କ୍ଲମ୍ପ ଗୁଡ଼ିକର ଅଭିବୃଦ୍ଧି ସର୍ବୋତ୍ତମ ନଥିଲା ଏବଂ ଫଳସ୍ୱରୂପ ଏହି ସ୍ଥାନଗୁଡ଼ିକରେ ବୃକ୍ଷରୋପଣ ବିଫଳ ହୋଇଥିଲା ।

- ସ୍ଥାନର ଗୁଣବତ୍ତା, ନିଆଯାଇଥିବା ପ୍ରଜାତି, ଏବଂ ପରିଚାଳନା ସ୍ତରରେ ବିଭିନ୍ନତା, ବିଭିନ୍ନ ବୃକ୍ଷରୋପଣର କାର୍ଯ୍ୟଦକ୍ଷତାରେ ବିଭିନ୍ନତା ପାଇଁ ଦାୟୀ ଥିଲା । ସ୍ଥାନଗୁଡ଼ିକର ଭୁଲ୍ ଚୟନ ଏବଂ ଅଭାବ ପରିଚାଳନା ଯୋଗୁଁ 251 ଟି ସ୍ଥାନରେ ବୃକ୍ଷରୋପଣ ବିଫଳ ହୋଇଥିବା ଅଡିଟ୍ ଲକ୍ଷ୍ୟ କରିଥିଲା ।
- ନିର୍ଦ୍ଦିଷ୍ଟ ବିହିତ ମାନଦଣ୍ଡ ତୁଳନାରେ କ୍ଷେତ୍ର ସ୍ତରର ଅଧିକାରୀ, ବିଶେଷ କରି ରେଞ୍ଜ ଅଧିକାରୀଙ୍କ ଦ୍ୱାରା ଯାଞ୍ଚ ଏବଂ ପର୍ଯ୍ୟାଲୋଚନା ପର୍ଯ୍ୟାପ୍ତ ନଥିଲା ।
- ବିଭିନ୍ନ ବୃକ୍ଷରୋପଣ ଯୋଜନା ସମ୍ବନ୍ଧୀୟ ଆବଶ୍ୟକ ଡାଟାବେସ୍ ଯେପରିକି ସ୍କିମ୍ ଓ୍ୱାରୀ ବାର୍ଷିକ ଲକ୍ଷ୍ୟ ଏବଂ ଲକ୍ଷ୍ୟ ହାସଲ, ଆବଣ୍ଟନ ଓ ବ୍ୟୟ ଏବଂ ବଞ୍ଚିଥିବା ବୃକ୍ଷ ଗଣନା ଇତ୍ୟାଦି ସରକାର କିମ୍ବା ପିସିସିଏଫ୍ (ଓ ଏବଂ ଏଚଓଏଫ୍ଏଫ୍) ସ୍ତରରେ ଅନୁରକ୍ଷଣ କରାଯାଇ ନଥିଲା । ପିସିସିଏଫ୍ ଏବଂ ବିଭାଜନ ସ୍ତରରେ ଥିବା ତଥ୍ୟରେ ସତ୍ୟତା ନଥିଲା । ବୃକ୍ଷରୋପଣ ଯୋଜନାର ନିର୍ଦ୍ଧାରଣ ଏବଂ ତୃତୀୟ ପକ୍ଷଙ୍କ ଦ୍ୱାରା ବୃକ୍ଷରୋପଣର ନିର୍ଦ୍ଧାରଣରେ ଅଯଥା ବିଳମ୍ବ ହୋଇଥିଲା ।

## 2.1.1 ଉପକ୍ରମ

### 2.1.1.1 ଓଡ଼ିଶା ଜଙ୍ଗଲ ଏବଂ ବନୀକରଣ ଜନାଦେଶ

ବନୀକରଣ ଏବଂ ଅବକ୍ଷୟ ଜଙ୍ଗଲ ଜମିରେ ପୁନରୁତ୍ପାଦନ, ଜଙ୍ଗଲ ସୁରକ୍ଷା ତଥା ସୀମାନ୍ତ ଅଞ୍ଚଳର ଲୋକଙ୍କ ସାମାଜିକ-ଅର୍ଥନୈତିକ ଉନ୍ନତି ଏବଂ ଜଙ୍ଗଲ ଏବଂ ବନ୍ୟଜନ୍ତୁର ନିରନ୍ତର ପରିଚାଳନା ମାଧ୍ୟମରେ ରାଜ୍ୟରେ ଜଙ୍ଗଲ ଏବଂ ବନ୍ୟଜନ୍ତୁଙ୍କ ପରିଚାଳନା, ସଂରକ୍ଷଣ ତଥା ସୁରକ୍ଷା ପାଇଁ ଜଙ୍ଗଲ ବିଭାଗ ଜନାଦେଶ ଜାରି କରିଅଛି । ସାମାଜିକ ଜଙ୍ଗଲ କାର୍ଯ୍ୟକ୍ରମ ଏବଂ ବନୀକରଣ ମାଧ୍ୟମରେ ବିଶେଷକରି ଲଣ୍ଡା, ଅବକ୍ଷୟ ଏବଂ ଅଣ-ଉତ୍ପାଦନକାରୀ ଜମିରେ ବହୁଳ ମାତ୍ରାରେ ବୃକ୍ଷ ଲଗାଇ ଦେଶରେ ଜଙ୍ଗଲ ପରିସରକୁ ବ୍ୟାପକ କରିବା ଜାତୀୟ ଜଙ୍ଗଲ ନୀତି, ୧୯୮୮ ର ଏକ ମୌଳିକ ଉଦ୍ଦେଶ୍ୟ ଥିଲା ।

ଚାର୍ଟ ନଂ-1




*Density-wise percentage of forest cover of Odisha*

ଇଣ୍ଡିଆ ଷ୍ଟେଟ୍ ଅଫ୍ ଫରେଷ୍ଟ ରିପୋର୍ଟ (ଆଇଏସ୍ଏଫ୍ଆର୍), 2019 ଅନୁସାରେ, ରାଜ୍ୟରେ 51,619 ବର୍ଗ କିଲୋମିଟର ଜଙ୍ଗଲ ଅଛି, ଯାହା ରାଜ୍ୟର ଭୌଗୋଳିକ କ୍ଷେତ୍ରର 33.15 ପ୍ରତିଶତ ଅଟେ । ଜଙ୍ଗଲ କାନପି ଘନତା ଶ୍ରେଣୀ ଅନୁଯାୟୀ, ରାଜ୍ୟରେ 6,970 ବର୍ଗ କିଲୋମିଟର ଅତ୍ୟଧିକ ଘନ ଜଙ୍ଗଲ (ଭିଡିଏଫ୍), 21,552 ବର୍ଗ କିଲୋମିଟର ମଧ୍ୟମ ଘନ ଜଙ୍ଗଲ (ଏମ୍ଡିଏଫ୍), 23,097 ବର୍ଗ କିଲୋ ମିଟର ମୁକ୍ତ ଜଙ୍ଗଲ (ଓଏଫ୍) ଏବଂ 4,327 ବର୍ଗ କିଲୋମିଟର ଗୁଳ୍ମ ଅଛି ।

ଓଡ଼ିଶା ରାଜ୍ୟରେ ବୃକ୍ଷରୋପଣ କାର୍ଯ୍ୟକଳାପ ବିଭିନ୍ନ କେନ୍ଦ୍ର ତଥା ରାଜ୍ୟ ସରକାରୀ ଯୋଜନା ଯେପରିକି ରାଜ୍ୟ ଯୋଜନା (ଏସ୍ପି), କ୍ଷତିପୂରକ ବନୀକରଣ ପାଣ୍ଠି ପରିଚାଳନା ଏବଂ ଯୋଜନା ପ୍ରାଧିକରଣ (ସିଏମ୍ପିଏ), ମହାତ୍ମା ଗାନ୍ଧି ଜାତୀୟ ଗ୍ରାମୀଣ ନିଯୁକ୍ତି ଗ୍ୟାରେଣ୍ଟି ଯୋଜନା (ଏମ୍ଜିଏନ୍ଆରଇଜିଏସ୍), ଜାତୀୟ ବନୀକରଣ କାର୍ଯ୍ୟକ୍ରମ (ଏନ୍ଏପି), ଜିଲ୍ଲା ଖଣିଜ ପ୍ରତିଷ୍ଠାନ ପାଣ୍ଠି (ଡିଏମ୍ଏଫ୍), ଜାତୀୟ ବାଉଁଶ ମିଶନ (ଏନ୍ବିଏମ୍),

ଓଡ଼ିଶା ପରିବେଶ ପରିଚାଳନା ପାଣ୍ଠି (ଓଇଏମ୍ଏଫ୍), ଓଡ଼ିଶା ବନ ବିଭାଗ ବିକାଶ ପ୍ରକଳ୍ପ (ଓଏଫ୍ଏସ୍ଡିପି), କର୍ପୋରେଟ୍ ସାମାଜିକ ଦାୟିତ୍ୱ ବୋଧ (ସିଏସ୍ଆର୍), ଓଡ଼ିଶା ଖଣିଜ କ୍ଷେତ୍ର ବିକାଶ ନିଗମ (ଓଏମ୍ବିଏଡିସି), ଓଡ଼ିଶା ବାଉଁଶ ବିକାଶ ପ୍ରକଳ୍ପ (ଓବିଡିପି) ଏବଂ ସମନ୍ୱିତ ଉପକୂଳ ଅଞ୍ଚଳ ପରିଚାଳନା ପ୍ରକଳ୍ପ (ଆଇସିଜେଡ୍ଏମ୍ପି) । ଓଡିଶା ବନ ବିଭାଗ ବିକାଶ ପ୍ରକଳ୍ପ (ଓଏଫ୍ଏସ୍ଡିପି) ଏବଂ ଆଇସିଜେଡ୍ଏମ୍ପି ଯଥାକ୍ରମେ ବାଷ୍ପ ଜଙ୍ଗଲ ଏବଂ ଉପକୂଳବର୍ତ୍ତୀ ବୃକ୍ଷରୋପଣର ଯତ୍ନ ନେଉଥିବା ବାହ୍ୟ ସହାୟତା ପ୍ରକଳ୍ପ (ଇଏପି) ଅଟେ।

## 2.1.1.2 ବୃକ୍ଷରୋପଣର ବର୍ଗୀକରଣ

ଓଡିଶାରେ ଜଙ୍ଗଲ ବିଭାଗ ଦ୍ୱାରା କରାଯାଇଥିବା ବୃକ୍ଷରୋପଣକୁ[2] ତିନୋଟି ବ୍ୟାପକ ଶ୍ରେଣୀରେ ବିଭକ୍ତ କରାଯାଇପାରେ ଯଥା- ପୁନର୍ବନୀକରଣ, ବନୀକରଣ ଏବଂ ସମୃଦ୍ଧ ବୃକ୍ଷରୋପଣ ଯାହା ନିମ୍ନରେ ବର୍ଣ୍ଣନା କରାଗଲା।

- ***ପୁନର୍ବନୀକରଣ:*** -ଏହି ବୃକ୍ଷରୋପଣ ଏକ ଅଞ୍ଚଳ ଉପରେ ଅଛି ଯାହା ସମ୍ପ୍ରତି ଜଙ୍ଗଲ ଅଭିବୃଦ୍ଧିକୁ ସମର୍ଥନ କରିଥିଲା । ଏହା ସାଧାରଣତଃ ନିମ୍ନ ମୂଲ୍ୟର ବୃକ୍ଷ ପରିବର୍ତ୍ତେ ମୂଲ୍ୟବାନ ପ୍ରଜାତିର ବୃକ୍ଷରୋପଣ କିମ୍ବା ଅବୈଧ ଗଛ କାଟିବା, ଗୋଚାରଣ ତଥା ଜଙ୍ଗଲରେ ନିଆଁ ଲଗାଇବା ଭଳି ଜୈବିକ କାରଣରୁ ସମ୍ପ୍ରତି ଜଙ୍ଗଲ ବଳୟ ହରାଇଥିବା ଅଞ୍ଚଳକୁ ପୁନର୍ବାର ବନୀକରଣ କରିବା ପାଇଁ କରାଯାଇଥାଏ।

- ***ବନୀକରଣ:***- ଏହି ବୃକ୍ଷରୋପଣ ସେହି ଅଞ୍ଚଳରେ କରାଯାଏ ଯେଉଁଠାରେ କୌଣସି ସମୟରେ (ଯଥା ଉପକୂଳ ବାଲୁକା କାଦୁଅ) କିମ୍ବା ନିକଟ ଅତୀତରେ ଜଙ୍ଗଲ ଅଭିବୃଦ୍ଧି ହୋଇନଥାଏ । ଏହି କାର୍ଯ୍ୟ ପ୍ରଣାଳୀ ପୁନର୍ବନୀକରଣ ଅପେକ୍ଷା ସାଧାରଣତଃ ବହୁତ କଷ୍ଟସାଧ୍ୟ ଅଟେ କାରଣ ଏହା କିଛି ବର୍ଷ ମଧ୍ୟରେ ଯୁଗଯୁଗ ଧରି ଘଟିଆସୁଥିବା ପରିବେଶ ଅବନତିକୁ ଓଲଟା କରିବାକୁ ଚେଷ୍ଟା କରେ। କୃତ୍ରିମ ପୁନରୁତ୍ପାଦନ (ଏଆର୍) ହେଉଛି ବୃକ୍ଷରୋପଣର ଏହିପରି ଏକ ପଦ୍ଧତି ଯେଉଁଠାରେ ବୃକ୍ଷର ବିକାଶ ପାଇଁ କୃତ୍ରିମ ଉପାୟ ଜଡ଼ିତ ଥାଏ।

- ***ସମୃଦ୍ଧ ବୃକ୍ଷରୋପଣ:*** -ଏହା ସାଧାରଣତଃ ବିଦ୍ୟମାନ ଫସଲରେ ମୂଲ୍ୟବାନ ପ୍ରଜାତିର ଅନୁପାତକୁ ବୃଦ୍ଧି କରିବା ପାଇଁ କରାଯାଇଥାଏ । ଏହିପରି ପ୍ରଜାତିଗୁଡ଼ିକୁ ବୃକ୍ଷରୋପଣ ଉଦ୍ଦେଶ୍ୟରେ ନିକଟ ଅତୀତରେ ସଫା ହୋଇଥିବା ରେଖା କିମ୍ବା ଗୋଷ୍ଠୀରେ, ବ୍ୟବଧାନରେ, ରୋପଣ କରାଯାଇଥାଏ । ଅବନତି ହୋଇଥିବା ଜଙ୍ଗଲର ପୁନରୁଦ୍ଧାର ପାଇଁ ଶେଷୋକ୍ତ କାର୍ଯ୍ୟ ପ୍ରଣାଳୀ ଅବଲମ୍ବନ କରାଯାଇଥାଏ। ସହାୟକ ପ୍ରାକୃତିକ ପୁନରୁତ୍ପାଦନ (ଏଏନ୍ଆର୍) ହେଉଛି ସମୃଦ୍ଧ ବୃକ୍ଷରୋପଣର ଏକ ପଦ୍ଧତି ଯେଉଁଠାରେ ବୃକ୍ଷଗୁଡ଼ିକ ପ୍ରାକୃତିକ ଭାବରେ ଜଙ୍ଗଲର ଅବକ୍ଷୟ କ୍ଷୁଦ୍ର ଭୂଖଣ୍ଡରେ ଜଙ୍ଗଲ ବୃଦ୍ଧିରେ ସାହାଯ୍ୟ କରନ୍ତି । ଜଙ୍ଗଲ କ୍ଷେତ୍ରର ଅବକ୍ଷୟ ହୋଇଥିବା ଭୂଖଣ୍ଡରେ ଏହା କରାଯାଉଥିବାରୁ ଏହାକୁ ଗ୍ୟାପ୍ ବୃକ୍ଷରୋପଣ ମଧ୍ୟ କୁହାଯାଏ।

ବୃକ୍ଷରୋପଣର ଉପରୋକ୍ତ ବର୍ଗୀକରଣକୁ ଆଧାର କରି ଓଡ଼ିଶାରେ ଆଭେନ୍ୟୁ ବୃକ୍ଷରୋପଣ, ଲଣ୍ଡା ପାହାଡ଼ ବୃକ୍ଷରୋପଣ, ମାନ୍ଗ୍ରୋଭ୍ ବୃକ୍ଷରୋପଣ, ବାଉଁଶ ବୃକ୍ଷରୋପଣ ଏବଂ ସହରୀ ବୃକ୍ଷରୋପଣ କରାଯାଇଥିଲା ।

[2] ଉତ୍ସ: ଓଡିଶା ଜଙ୍ଗଲ ବୃକ୍ଷରୋପଣ ମାନୁଆଲ, 1977 ର ଅନୁଚ୍ଛେଦ 3 ରୁ 6

## 2.1.1.3 ସାଂଗଠନିକ ବ୍ୟବସ୍ଥା

ଜଙ୍ଗଲ ବିଭାଗର ସାଂଗଠନିକ ବ୍ୟବସ୍ଥା ନିମ୍ନରେ ଦର୍ଶାଯାଇଅଛି:

ଚାର୍ଟ ସଂଖ୍ୟା.2




ଜଙ୍ଗଲ ବିଭାଗ ଅଧୀନରେ ଥିବା କ୍ଷେତ୍ରୀୟ ସେଟ୍ ଅପ୍ ତିନୋଟି ଶାଖା ଯଥା କିଛି ପ୍ରକଳ୍ପ ଏବଂ ଓଡ଼ିଶା ବନ ବିକାଶ ନିଗମ (ଓଏଫ୍ଡିସି) ବ୍ୟତୀତ ଟେରିଟୋରିଆଲ, ବନ୍ୟପ୍ରାଣୀ ଏବଂ କେନ୍ଦୁ ପତ୍ର ଅଧୀନରେ ସଂଗଠିତ ହୋଇଅଛି । ପ୍ରତ୍ୟେକ ଶାଖାର ଜଣେ ପ୍ରମୁଖ ମୁଖ୍ୟ ବନ ସଂରକ୍ଷଣ (ପିସିସିଏଫ୍), ଓଡ଼ିଶା ଏବଂ ଜଙ୍ଗଲ ସୁରକ୍ଷାବଳର ମୁଖ୍ୟ (ଓ ଏବଂ ଏଚ୍ଓଏଫ୍ଏଫ୍), ପିସିସିଏଫ୍ (ବନ୍ୟପ୍ରାଣୀ), ଓଡ଼ିଶା ଏବଂ ପିସିସିଏଫ୍ (କେନ୍ଦୁ ପତ୍ର), ଓଡ଼ିଶାଙ୍କ ଦ୍ୱାରା ପରିଚାଳିତ । ଏହି ବିଭାଗରେ 12 ଟି ମଣ୍ଡଳ, 82 ଟି ଜଙ୍ଗଲ ବିଭାଜନ ଅର୍ଥାତ୍ 37 ଟି ଟେରିଟୋରିଆଲ ବିଭାଜନ, 12 ଟି ବନ୍ୟପ୍ରାଣୀ ବିଭାଜନ (ତିନୋଟି ମାଙ୍ଗ୍ରୋଭ୍ ବିଭାଜନ ଅନ୍ତର୍ଭୁକ୍ତ କରି), ସିମିଳିପାଳ ଟାଇଗର ରିଜର୍ଭ(ଏସ୍ଟିଆର୍), ବାରିପଦା[3], 19 ଟି କେନ୍ଦୁ ପତ୍ର ବିଭାଜନ, ତିନୋଟି ତାଲିମ ଏବଂ ବିକାଶ ବିଭାଜନ, ଦୁଇଟି ସିଲଭିକଲଚର ବିଭାଜନ ଏବଂ ଆଠଟି କାର୍ଯ୍ୟ ଯୋଜନା ବିଭାଜନ ଅଛି । କ୍ଷେତ୍ର ସହାୟକ କାର୍ଯ୍ୟଗୁଡ଼ିକୁ କାର୍ଯ୍ୟକାରୀ କରିବା ପାଇଁ 436 ରେଞ୍ଜରେ 1,674 ଉପବିଭାଗ ଅଧୀନରେ 3,683 ବିଟ୍ ଅଛି ।

## 2.1.1.4 ସମୀକ୍ଷାର ଉଦ୍ଦେଶ୍ୟ

ନିମ୍ନଲିଖିତ ନିର୍ଦ୍ଧାରଣ ଉଦ୍ଦେଶ୍ୟରେ ସମୀକ୍ଷା ପରିଚାଳନା କରାଯାଇଥିଲା;

- ଅନୁମୋଦିତ ଜଙ୍ଗଲ ନୀତି ଅନୁଯାୟୀ ବୃକ୍ଷରୋପଣ କାର୍ଯ୍ୟ ଯୋଜନା କରାଯାଇଥିଲା ଏବଂ ଦକ୍ଷତା, ମିତବ୍ୟୟୀ ଏବଂ ଏକ ପ୍ରଭାବୀ ପଦ୍ଧତିରେ କାର୍ଯ୍ୟକାରୀ କରାଯାଇଥିଲା, କିମ୍ବା କରାଯାଇ ନଥିଲା;
- ବୃକ୍ଷରୋପଣ କାର୍ଯ୍ୟକଳାପର ଠିକ୍ ସମୟରେ କାର୍ଯ୍ୟାନ୍ୱୟନ ପାଇଁ ପାଣ୍ଠି ଏବଂ ମାନବ ସମ୍ବଳ ଯଥେଷ୍ଟ ଥିଲା କିମ୍ବା ନଥିଲା; ଏବଂ
- ବୃକ୍ଷରୋପଣର ପର୍ଯ୍ୟାଲୋଚନା ଏବଂ ନିର୍ଦ୍ଧାରଣ ପ୍ରଣାଳୀ ଯଥେଷ୍ଟ, ଦକ୍ଷ ଏବଂ ପ୍ରଭାବୀ ଥିଲା କିମ୍ବା ନଥିଲା ।

[3] ଉତ୍ସ: ଏଫ୍ଇ ଏବଂ ସିସି ବିଭାଗ ଦ୍ୱାରା ପ୍ରଦାନ କରାଯାଇଥିବା ସୂଚନା

## 2.1.1.5 ସମୀକ୍ଷାର ପରିସର ଏବଂ ପଦ୍ଧତି

ବୃକ୍ଷରୋପଣ ନଥିପତ୍ର ଏବଂ ପତ୍ରିକା, ନଗଦ ହିସାବର ନମୁନା ଯାଞ୍ଚ, ବୃକ୍ଷରୋପଣର ପର୍ଯ୍ୟାଲୋଚନା ଏବଂ ନିର୍ଦ୍ଧାରଣ, ମାନବ ବିହୀନ ବିମାନ ଯାନ (ୟୁଏଭି) ଏବଂ ବାହ୍ୟ ବିଶେଷଜ୍ଞଙ୍କ ମାଧ୍ୟମରେ ବୃକ୍ଷରୋପଣର ନିର୍ଦ୍ଧାରଣ କରି ମଇ 2019 ରୁ ଫେବୃଆରୀ 2021 ମଧ୍ୟରେ ଏହି ସମ୍ପାଦନ ସମୀକ୍ଷା (ପିଏ) ପରିଚାଳନା କରାଯାଇଥିଲା । ବୃକ୍ଷ ଗଣନା, ବୃକ୍ଷର ଉଚ୍ଚତା ମାପ, ପ୍ରଜାତି ନିର୍ଣ୍ଣୟ, ଜାନପି ଏବଂ ବୃକ୍ଷର ଘନତା ଏବଂ ଭୂପୃଷ୍ଠ ଆର୍ଦ୍ରତା ସଂରକ୍ଷଣ ପଦକ୍ଷେପ ପାଇଁ ବାହ୍ୟ ବିଶେଷଜ୍ଞ ତଥା ସମ୍ପୃକ୍ତ ଜଙ୍ଗଲ ବିଭାଜନର ବନ ଅଧିକାରୀଙ୍କ ଉପସ୍ଥିତିରେ ବୃକ୍ଷରୋପଣ ସ୍ଥାନଗୁଡ଼ିକର ମିଳିତ ବାସ୍ତବିକ ଯାଞ୍ଚ (ଜେପିଭି) କରାଯାଇଥିଲା ।

2013-14 ରୁ 2017-18 ଅବଧି ମଧ୍ୟରେ ହୋଇଥିବା ବ୍ୟୟକୁ ଆଧାର କରି ଷ୍ଟ୍ରାଟିଫାଏଡ୍ ରାଣ୍ଡମ୍ ନମୁନା ସଂଗ୍ରହ ମାଧ୍ୟମରେ ଚୟନ କରାଯାଇଥିବା 49 ଟି ଜଙ୍ଗଲ ବିଭାଜନ (ଯେହେତୁ ଏହି ବିଭାଜନ ଗୁଡ଼ିକରେ ବୃକ୍ଷରୋପଣ କାର୍ଯ୍ୟକ୍ରମ କରାଯାଇଥିଲା) ମଧ୍ୟରୁ 13[4] ଟିରେ ସମ୍ପାଦନ ସମୀକ୍ଷା କରାଯାଇଥିଲା । ଏସ୍‌ଟିଆର୍, ବାରିପଦାରେ କୌଣସି ବୃକ୍ଷରୋପଣ ହୋଇନଥିବାରୁ ଏହି ବିଭାଜନକୁ ନମୁନାରେ ଅନ୍ତର୍ଭୁକ୍ତ କରାଯାଇ ନଥିଲା ।

ସେହିଭଳି, ବ୍ୟୟକୁ ଆଧାର କରି ରାଜ୍ୟରେ ବୃକ୍ଷରୋପଣ କାର୍ଯ୍ୟକଳାପ କାର୍ଯ୍ୟକାରୀ କରୁଥିବା 11[5] ଟି ଯୋଜନା ମଧ୍ୟରୁ ଅଡିଟ୍ ପାଇଁ ଛଅଟି[6] ଯୋଜନା ଚୟନ କରିବାକୁ ନମୁନା ସଂଗ୍ରହ କରାଯାଇଥିଲା । ଏତଦ୍ ବ୍ୟତୀତ, ଆଇସିଜେଡ୍‌ଏମ୍‌ପି ପ୍ରକଳ୍ପ ଅଧୀନରେ ମାଙ୍ଗ୍ରୋଭ୍ ବୃକ୍ଷରୋପଣ ବନ୍ୟପ୍ରାଣୀ ବିଭାଜନ ଅଧୀନରେ ଚୟନ କରାଯାଇଥିଲା । ଅଡିଟ୍, ସମସ୍ତ ଯୋଜନା ଅଧୀନରେ, ଏଏନ୍‌ଆର୍ ବୃକ୍ଷରୋପଣ ପାଇଁ 50 ହେକ୍ଟର ରୁ କମ୍ ଥିବା ସ୍ଥାନ, ଏଆର୍ ବୃକ୍ଷରୋପଣ ପାଇଁ 20 ହେକ୍ଟର ରୁ କମ୍ ଥିବା ସ୍ଥାନ, ଆଭେନ୍ୟୁ ବୃକ୍ଷରୋପଣ[7] ପାଇଁ ପାଞ୍ଚ ରନିଙ୍ଗ୍ କିଲୋମିଟର (ଆର୍‌କେଏମ୍) ରୁ କମ୍ ଏବଂ 10,000 ବିହନ ଥିବା ସହରୀ ବୃକ୍ଷରୋପଣକୁ ବାଦ୍ ଦେଇଥିଲା, କାରଣ ଏହି ସ୍ଥାନଗୁଡ଼ିକ କମ୍ ଗୁରୁତ୍ୱପୂର୍ଣ୍ଣ ଥିଲା । ଚୟନ ହୋଇଥିବା ସମସ୍ତ ପ୍ରକଳ୍ପ ଅନ୍ତର୍ଗତ ପ୍ରତ୍ୟେକ ବିଭାଜନର ଅବଶିଷ୍ଟ ବୃକ୍ଷରୋପଣ ସ୍ଥାନଗୁଡ଼ିକ ମଧ୍ୟରୁ 50 ପ୍ରତିଶତ ସ୍ଥାନ ରେଣ୍ଡମ୍ ସାମ୍ପଲିଙ୍ଗ୍ ପଦ୍ଧତିରେ ଚୟନ କରାଯାଇଥିଲା । ଏହା ବ୍ୟତୀତ, ଏଫ୍ଇ ଏବଂ ସିସି ବିଭାଗ, ପିସିସିଏଫ୍ (ଓ ଏବଂ ଏଚ୍‌ଓଏଫ୍‌ଏଫ୍), ପିସିସିଏଫ୍ (ଡବ୍ଲ୍ୟୁଏଲ୍), ପ୍ରକଳ୍ପ ନିର୍ଦ୍ଦେଶକ (ଓଏଫ୍‌ଏସ୍‌ଡିପି), ସିଡି(ଓବିଡିଏ) ଏବଂ ଜଙ୍ଗଲ ସମ୍ପଦ ସର୍ବେକ୍ଷଣ (ଏଫ୍‌ଆର୍‌ଏସ୍) ବିଭାଜନ, କଟକର ନଥିଗୁଡ଼ିକୁ ଅଡିଟ୍ ନମୁନା ଯାଞ୍ଚ କରିଥିଲା ।

ସମ୍ପାଦନ ସମୀକ୍ଷା ଆରମ୍ଭ ହେବା ପୂର୍ବରୁ, ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବଙ୍କ ସହ 22 ମଇ 2019 ରେ ଏକ ପ୍ରବେଶ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା ଯେଉଁଥିରେ ଅଡିଟ୍‌ର ଉଦ୍ଦେଶ୍ୟ, ମାନଦଣ୍ଡ ଏବଂ ପଦ୍ଧତି ଉପରେ ଆଲୋଚନା କରାଯାଇଥିଲା । 22 ଅକ୍ଟୋବର 2021 ରେ ଅନୁଷ୍ଠିତ ପ୍ରସ୍ଥାନ ସମ୍ମିଳନୀରେ ଅଡିଟ୍ ସିଦ୍ଧାନ୍ତ ଉପରେ ଆଲୋଚନା କରାଯାଇଥିଲା ଏବଂ ସରକାରଙ୍କ ଉତ୍ତରଗୁଡ଼ିକୁ ଏହି ରିପୋର୍ଟରେ ଉପଯୁକ୍ତ ଭାବରେ ଅନ୍ତର୍ଭୁକ୍ତ କରାଯାଇଛି ।

ଅଡିଟ୍ ସିଦ୍ଧାନ୍ତଗୁଡ଼ିକୁ ଅନୁପାଳନ କରିବା ଏବଂ ଅଡିଟକୁ ଆବଶ୍ୟକ ସୂଚନା ଏବଂ ନଥିପତ୍ର ପ୍ରଦାନ କରିବାରେ ଅଡିଟ୍, ବିଭାଗର ସହଯୋଗକୁ ସ୍ୱୀକାର କରେ ।

## 2.1.2 ଅଡିଟ୍ ମାନଦଣ୍ଡ

ନିମ୍ନଲିଖିତ ଅଧିନିୟମ, ନିୟମ ଏବଂ ନୀତିରୁ ଅଡିଟ୍ ସିଦ୍ଧାନ୍ତଗୁଡ଼ିକ ଉଦ୍ଭବ:

---

4 ବାମରା (ବନ୍ୟପ୍ରାଣୀ), ବଲାଙ୍ଗୀର, ବୌଦ୍ଧ, କଳାହାଣ୍ଡି (ଦକ୍ଷିଣ), କେନ୍ଦୁଝର, କେନ୍ଦୁଝର (ବନ୍ୟପ୍ରାଣୀ), କୋରାପୁଟ, ମାଲକାନଗିରି, ରେଢ଼ାଖୋଲ, ମାଙ୍ଗ୍ରୋଭ୍ ଫରେଷ୍ଟ ବିଭାଜନ (ଏମ୍‌ଏଫ୍‌ଡି) ରାଜନଗର, ରାୟଗଡ଼ା, ରାଉରକେଲା ଏବଂ ସୁନ୍ଦରଗଡ଼

5 ଏସ୍‌ପି, ସିଏମ୍‌ପିଏ, ଏମ୍‌ଜିଏନ୍‌ଆର୍‌ଇଜିଏସ୍, ଏନ୍‌ବିଏମ୍, ଓଇଏମ୍‌ଏଫ୍, ଡିଏମ୍‌ଏଫ୍, ଏନ୍‌ଏପି, ଓବିଡିଏ, ସିଏସ୍‌ଆର୍, ଓଏମ୍‌ବିଏଡିସି ଏବଂ ଏକ୍ସେଟ୍ରା

6 ରାଜ୍ୟ ଯୋଜନା, ସିଏମ୍‌ପିଏ, ଏମ୍‌ଜିଏନ୍‌ଆର୍‌ଇଜିଏସ୍, ଏନ୍‌ବିଏମ୍, ଡିଏମ୍‌ଏଫ୍ ଏବଂ ଏନ୍‌ଏପି

7 ସଡ଼କ ପାର୍ଶ୍ୱ, ରାଜପଥ ଏବଂ କେନାଲପଥରେ ବୃକ୍ଷରୋପଣ କରିବାକୁ ଆଭେନ୍ୟୁ ପ୍ଲାଣ୍ଟେସନ୍ କୁହାଯାଏ, ଯାହାର ପରିସରକୁ ରନିଙ୍ଗ୍ କିଲୋମିଟର (ଆର୍‌କେଏମ୍) ରେ ମାପ କରାଯାଏ

- ଓଡ଼ିଶା ଜଙ୍ଗଲ ବିଭାଗ (ଓଏଫ୍‌ଡି) ସଂହିତା, 1979, ଜଙ୍ଗଲ ବୃକ୍ଷରୋପଣ ମାନୁଆଲ୍ (ଏଫ୍‌ପିଏମ୍), 1977, ପରିଚାଳନା ଯୋଜନା ପ୍ରଣାଳୀ ସଂହିତା (ସିଏମ୍‌ପିପି), 1990 ଏବଂ ଜାତୀୟ ଜଙ୍ଗଲ ନୀତି (ଏନ୍‌ଏଫ୍‌ପି), 1988;
- ଓଡ଼ିଶା ସାଧାରଣ ଆର୍ଥିକ ନିୟମ (ଓଜିଏଫ୍‌ଆର୍), ଓଡ଼ିଶା ରାଜକୋଷ ସଂହିତା (ଓଟିସି), କ୍ରୟ ମାର୍ଗଦର୍ଶିକା ଏବଂ ଅର୍ଥ ବିଭାଗ (ଏଫ୍‌ଡି) ବିଜ୍ଞପ୍ତିରେ ଥିବା ବ୍ୟବସ୍ଥା;
- ଭାରତର ଜଙ୍ଗଲ ସର୍ବେକ୍ଷଣ (ଏଫ୍‌ଏସ୍‌ଆଇ) ଦ୍ୱାରା ପ୍ରସ୍ତୁତ ଇଣ୍ଡିଆନ୍ ଷ୍ଟେଟ୍ ଅଫ୍ ଫରେଷ୍ଟ ରିପୋର୍ଟସ୍ (ଆଇଏସ୍‌ଏଫ୍‌ଆର୍), ପ୍ରକଳ୍ପ ନିୟମାବଳୀ ଏବଂ ବୃକ୍ଷରୋପଣ ମୂଲ୍ୟ ମାନାଦର୍ଶ;
- କାର୍ଯ୍ୟ ଯୋଜନା (ଡବ୍ଲୁପି)/ ପ୍ରକଳ୍ପ ଏବଂ ସିଏଏମ୍‌ପିଏ ବାର୍ଷିକ ପରିଚାଳନା ଯୋଜନା (ଏପିଓ); ଏବଂ
- ସରକାର/ ପିସିସିଏଫ୍ / ମଞ୍ଜୁରୀ ପ୍ରାଧିକରଣ ଦ୍ୱାରା ସ୍ଥିର କରାଯାଇଥିବା ବାସ୍ତବିକ/ ଆର୍ଥିକ ଲକ୍ଷ୍ୟ / ଆଦର୍ଶ ।

## ଅଡିଟ୍ ସିଦ୍ଧାନ୍ତ

## 2.1.3 ଜଙ୍ଗଲ ନୀତି ଏବଂ ଯୋଜନା

### 2.1.3.1 2013-14 ରୁ 2017-18 ଅବଧି ମଧ୍ୟରେ ରାଜ୍ୟରେ ବୃକ୍ଷରୋପଣର ସ୍ଥିତି

2013-14 ରୁ 2017-18 ଅଡିଟ୍ ଅବଧି ପାଇଁ ସିଏଏମ୍‌ପିଏ ଅଧୀନରେ କରାଯାଇଥିବା ବୃକ୍ଷରୋପଣ କାର୍ଯ୍ୟକଳାପ ବ୍ୟତୀତ, ରାଜ୍ୟରେ ବୃକ୍ଷରୋପଣ କାର୍ଯ୍ୟକଳାପର ବାସ୍ତବିକ ଏବଂ ଆର୍ଥିକ ସ୍ଥିତି **ସାରଣୀ 2.1** ରେ ଦର୍ଶାଯାଇଅଛି ।

**ସାରଣୀ 2.1: ବୃକ୍ଷରୋପଣର ବାସ୍ତବିକ ଏବଂ ଆର୍ଥିକ ସ୍ଥିତି**

| ବର୍ଷ | ଏଆର୍ ବୃକ୍ଷରୋପଣ (ହେକ୍ଟରରେ) | ଏଏନ୍‌ଆର୍ ବୃକ୍ଷରୋପଣ (ହେକ୍ଟରରେ) | ଆଭେନ୍ୟୁ ବୃକ୍ଷରୋପଣ (ଆର୍‌କେଏମ୍) | ସହରୀ ବୃକ୍ଷରୋପଣ (ଚାରା ଲକ୍ଷରେ) | ବୃକ୍ଷରୋପଣ ପାଇଁ ଖର୍ଚ୍ଚ (କୋଟିରେ) |
|---|---|---|---|---|---|
| 2013-14 | 25,086 | 38,050 | 4,506 | 10.57 | 196.63 |
| 2014-15 | 24,600 | 60,253 | 4,755 | 14.90 | 226.75 |
| 2015-16 | 16,576 | 98,540 | 4,607 | 15.65 | 298.87 |
| 2016-17 | 15,322 | 1,27,973 | 5,588 | 13.90 | 349.75 |
| 2017-18 | 5,776 | 20,367 | 3,235 | 11.15 | 104.14 |
| ମୋଟ | **87,360** | **3,45,183** | **22,691** | **66.17** | **1,176.14** |

*(ଏ ଆର : କୃତ୍ରିମ ପୁନରୁତ୍ପାଦନ, ଏ ଏନ ଆର: ସହାୟକ ପ୍ରାକୃତିକ ପୁନରୁତ୍ପାଦନ (ବୃକ୍ଷରୋ- ଓ ପ୍ରତିବେଦନର ଅନୁଚ୍ଛେଦ -2.1.1.2 – ବୃକ୍ଷରୋପଣର ବର୍ଗୀକରଣ)*

*(ଉତ୍ସ: ଏଫ୍ ଏବଂ ଇ ବିଭାଗ ଏବଂ ପିସିସିଏଫ୍ (ଓ)/ କି ଏଫ୍‌ଡି ମାନଙ୍କ ବାର୍ଷିକ କାର୍ଯ୍ୟକଳାପ ରିପୋର୍ଟ)*

ଉପରୋକ୍ତ ଅନୁସାରେ ଏଆର୍ ବୃକ୍ଷରୋପଣ ବର୍ଷ ବର୍ଷ ଧରି ସ୍ଥିର ହ୍ରାସ ହୋଇ ଆସୁଥିଲା, କିନ୍ତୁ ଏଏନ୍‌ଆର୍ ଏବଂ ଆଭେନ୍ୟୁ ବୃକ୍ଷରୋପଣ 2013-14 ରୁ 2016-17 ପର୍ଯ୍ୟନ୍ତ ଯଥେଷ୍ଟ ବୃଦ୍ଧି ପାଇଥିଲା । କମ୍ ବ୍ୟୟ ହେତୁ ପୂର୍ବ ବର୍ଷ ତୁଳନାରେ ବର୍ଷ 2017-18 ରେ ସମସ୍ତ ବୃକ୍ଷରୋପଣ କାର୍ଯ୍ୟକଳାପ ହ୍ରାସ ପାଇଥିଲା ।

### 2.1.3.2 ଚୟନ ହୋଇଥିବା ବିଭାଜନ ଗୁଡ଼ିକରେ ବୃକ୍ଷରୋପଣର ସ୍ଥିତି

ରାଜ୍ୟରେ ପାଞ୍ଚ ବର୍ଷ ମଧ୍ୟରେ ହୋଇଥିବା ବୃକ୍ଷରୋପଣ ମଧ୍ୟରୁ ଚୟନ ହୋଇଥିବା 13 ଟି ଜଙ୍ଗଲ ବିଭାଜନର ସ୍ଥିତି **ସାରଣୀ 2.2** ରେ ବିସ୍ତୃତ ଭାବରେ ବର୍ଣ୍ଣନା କରାଯାଇଛି ।

**ସାରଣୀ 2.2: ଚୟନ ହୋଇଥିବା ଜଙ୍ଗଲ ବିଭାଜନରେ ବୃକ୍ଷରୋପଣର ସ୍ଥିତି**

| ବର୍ଷ | ଏଆର୍ ବୃକ୍ଷରୋପଣ (ହେକ୍ଟରରେ) | ଏଏନ୍ଆର୍ ବୃକ୍ଷରୋପଣ (ହେକ୍ଟରରେ) | ଆଭେନ୍ୟୁ ବୃକ୍ଷରୋପଣ (ଆର୍‌କେଏମ୍) | ସହରୀ ବୃକ୍ଷରୋପଣ (ଚାରା ଲକ୍ଷରେ) | ବୃକ୍ଷରୋପଣ ପାଇଁ ଖର୍ଚ୍ଚ (କୋଟିରେ) |
|---|---|---|---|---|---|
| 2013-14 | 6,752 | 11,965 | 1,040 | 2.03 | 60.55 |
| 2014-15 | 6,068 | 18,835 | 1,292 | 3089 | 81.06 |
| 2015-16 | 7,580 | 31,082 | 1,389 | 4.36 | 107.39 |
| 2016-17 | 5,738 | 46,684 | 1,916 | 2.78 | 150.21 |
| 2017-18 | 2,842 | 8,582 | 1,262 | 1.41 | 41.49 |
| ମୋଟ | **28,980** | **1,17,148** | **6,899** | **14.47** | **440.70** |

(ଉତ୍ସ: ବିଭାଗୀୟ ସୂଚନାରୁ ଉଦ୍ଧୃତ ତଥ୍ୟ)

### 2.1.3.3 ଚୟନ ହୋଇଥିବା ବିଭାଜନଗୁଡ଼ିକରେ ବୃକ୍ଷରୋପଣର ପ୍ରକଳ୍ପ-ୱାରୀ ଲକ୍ଷ୍ୟ ହାସଲ

ଜଙ୍ଗଲ, ପରିବେଶ ଏବଂ ଜଳବାୟୁ ପରିବର୍ତ୍ତନ (ଏଫ୍ଇ ଆଣ୍ଡ ସିସି) ବିଭାଗକୁ ବାରମ୍ବାର ଅନୁରୋଧ କରାଯିବା ସତ୍ତ୍ୱେ ସମସ୍ତ ପ୍ରକଳ୍ପ-ୱାରୀ ବାର୍ଷିକ ଲକ୍ଷ୍ୟ ଧାର୍ଯ୍ୟ ଓ ଲକ୍ଷ୍ୟ ହାସଲ, ଉଭୟ ବାସ୍ତବିକ ଓ ଆର୍ଥିକ ହିସାବ ତଥ୍ୟ ଅଡିଟ୍‌କୁ ପ୍ରଦାନ କରିନଥିଲେ । 2013-18 ଅବଧି ମଧ୍ୟରେ ଚୟନ ହୋଇଥିବା ପ୍ରକଳ୍ପଗୁଡ଼ିକ ସମ୍ପର୍କିତ ବାସ୍ତବିକ ଲକ୍ଷ୍ୟ ହାସଲ ତଥ୍ୟ ବିଶ୍ଳେଷଣରୁ ଉଦ୍ଧୃତ ହୋଇ ସାରଣୀ **2.3** ରେ ଦର୍ଶାଗଲା ।

**ସାରଣୀ 2.3: ଚୟନ ହୋଇଥିବା ବିଭାଜନରେ ପ୍ରକଳ୍ପ-ୱାରୀ ବୃକ୍ଷରୋପଣର ସଫଳତା**

| ବୃକ୍ଷରୋପଣ | ରାଜ୍ୟ ଯୋଜନା | ସିଏମ୍‌ପିଏ | ଜାଇକା/ଓଏଫ୍‌ଏସ୍‌ଡିପି | ଏନ୍‌ଏପି | ଟିଏଫ୍‌ଏସ୍ | ଜାଏଡ୍ | ଅଧିସୂଚିତ ଜିଲ୍ଲା (ମାଟ୍ରିକ୍) | ମୋଟ |
|---|---|---|---|---|---|---|---|---|
| ଏଆର୍ (ହେକ୍ଟର) | 10,158 | 4,296 | 8,029 | 1,596 | 47 | 494 | 240 | 24,860 |
| ଏଏନ୍ଆର୍ (ହେକ୍ଟର) | 8,485 | 63,166 | 39,884 | 50 | 0 | 645 | 0 | 112,234 |
| ଆଭେନ୍ୟୁ (ଆର୍‌କେଏମ୍) | 871 | 50 | 5,488 | 0 | 0 | 0 | 0 | 6,409 |
| ସହରୀ (ଚାରା ଲକ୍ଷରେ) | 12.85 | 0 | 0 | 0 | 0.48 | 0 | 0 | 13.33 |

(ଉତ୍ସ: ବିଭାଗୀୟ ସୂଚନାରୁ ଉଦ୍ଧୃତ ତଥ୍ୟ)

### 2.1.3.4 ବାର୍ଷିକ ଲକ୍ଷ୍ୟ ଧାର୍ଯ୍ୟର ଯୋଜନାରେ ଅଭାବ

ଏନ୍‌ଏଫ୍‌ପି, 1988 ର ଅନୁଚ୍ଛେଦ 4.14 ରେ ଧାର୍ଯ୍ୟ କରାଯାଇଛି ଯେ ଆଧୁନିକ ପ୍ରଯୁକ୍ତିବିଦ୍ୟା ଏବଂ ଯନ୍ତ୍ରପାତି ସହିତ ଜଙ୍ଗଲ ପରିଚାଳନାର ପ୍ରାସଙ୍ଗିକ ଦିଗ ଉପରେ ନିର୍ଭରଯୋଗ୍ୟ ତଥ୍ୟର ସାମୟିକ ସଂଗ୍ରହ, ସଂକଳନ ଏବଂ ପ୍ରକାଶନ ଉନ୍ନତ ହେବା ଆବଶ୍ୟକ । ଓଏଫ୍‌ଡି ସଂହିତା, 1979 ର ନିୟମ 21 ରେ ଦର୍ଶାଯାଇଛି ଯେ ଡିଏଫ୍‌ଓ, ତାଙ୍କ ଉଚ୍ଚ ପଦାଧିକାରୀଙ୍କ ଠାରୁ ଗ୍ରହଣ କରିବାକୁ ଥିବା ନିର୍ଦ୍ଦେଶକୁ ଧ୍ୟାନରେ ରଖି ନିଜ ବିଭାଜନରେ କରାଯାଇଥିବା ସମସ୍ତ ବୈଷୟିକ କାର୍ଯ୍ୟର ସଠିକତା ପାଇଁ ଦାୟୀ ରହିବେ ।

2013-14 ରୁ 2017-18 ଅବଧି ମଧ୍ୟରେ ସମଗ୍ର ରାଜ୍ୟ ପାଇଁ ବୃକ୍ଷରୋପଣ କାର୍ଯ୍ୟକଳାପ ନିମନ୍ତେ ଧାର୍ଯ୍ୟ କରାଯାଇଥିବା ବାସ୍ତବିକ ଲକ୍ଷ୍ୟ ସାରଣୀ 2.4 ରେ ଦର୍ଶାଗଲା ।

**ସାରଣୀ 2.4: ବୃକ୍ଷରୋପଣ କାର୍ଯ୍ୟକଳାପର ବାସ୍ତବିକ ଲକ୍ଷ୍ୟ**

| ବର୍ଷ | ଏଆର୍ ବୃକ୍ଷରୋପଣ | | ଏଏନ୍ଆର୍ ବୃକ୍ଷରୋପଣ | | ମୋଟ ଧାର୍ଯ୍ୟ ଲକ୍ଷ୍ୟ (ହେକ୍ଟରରେ) | ମୋଟ ଲକ୍ଷ୍ୟ ହାସଲ (ହେକ୍ଟରରେ) | କମ୍ତି (+)/ ଅଧିକ (-) (ହେକ୍ଟରରେ) | ଆଭେନ୍ୟୁ ବୃକ୍ଷରୋପଣ | | କମ୍ତି (+)/ଅଧିକ (-) (ଆର୍‌କେଏମ୍) |
|---|---|---|---|---|---|---|---|---|---|---|
| | ଧାର୍ଯ୍ୟ ଲକ୍ଷ୍ୟ (ହେକ୍ଟରରେ) | ଲକ୍ଷ୍ୟ ହାସଲ (ହେକ୍ଟରରେ) | ଧାର୍ଯ୍ୟ ଲକ୍ଷ୍ୟ (ହେକ୍ଟରରେ) | ଲକ୍ଷ୍ୟ ହାସଲ (ହେକ୍ଟରରେ) | | | | ଧାର୍ଯ୍ୟ ଲକ୍ଷ୍ୟ (ଆର୍‌କେଏମ୍) | ଲକ୍ଷ୍ୟ ହାସଲ (ଆର୍‌କେଏମ୍) | |
| 2013-14 | 40,000 | 25,086 | 40,000 | 38,050 | 80,000 | 63,136 | 16,864 | 4,000 | 4,506 | -506 |
| 2014-15 | 27,252 | 24,600 | 49,196 | 60,253 | 76,448 | 84,853 | -8,405 | 5,015 | 4,755 | 260 |
| 2015-16 | 24,002 | 16,576 | 1,95,584 | 98,540 | 2,19,586 | 1,15,116 | 1,04,470 | 5,440 | 4,607 | 833 |
| 2016-17 | 25,417 | 15,322 | 2,12,529 | 1,27,973 | 2,37,946 | 1,43,295 | 94,651 | 5,941 | 5,588 | 353 |
| 2017-18 | 19,683 | 5,776 | 2,47,042 | 20,367 | 2,66,725 | 26,143 | 2,40,582 | 5,383 | 3,235 | 2,148 |
| ମୋଟ | **1,36,354** | **87,360** | **7,44,351** | **3,45,183** | **8,80,705** | **4,32,543** | **4,48,162** | **25,779** | **22,691** | **3,088** |
| କମ୍ତିର ପ୍ରତିଶତ | | | | | | | **50.89** | | | **11.98** |

(ଉତ୍ସ: ବିଭାଗର ବାର୍ଷିକ କାର୍ଯ୍ୟକଳାପ ରିପୋର୍ଟ)

2013-14 ରୁ 2017-18 ମଧ୍ୟରେ ବିଭିନ୍ନ ପ୍ରକାରର ବୃକ୍ଷରୋପଣ ଅଧୀନରେ ବୃକ୍ଷରୋପଣ ଲକ୍ଷ୍ୟ ହାସଲ 11.98 ରୁ 50.89 ପ୍ରତିଶତ ମଧ୍ୟରେ ରହିଥିଲା । ବୃକ୍ଷରୋପଣ ଲକ୍ଷ୍ୟ ହାସଲ କରିବାରେ ବିଫଳ ହେବାର ମୁଖ୍ୟ କାରଣଗୁଡ଼ିକ ନିମ୍ନମତେ ଥିଲା:

- ତଳୁ ସ୍ତରରେ ଯଥା ରେଞ୍ଜ, ବିଭାଜନ ଏବଂ ଜଙ୍ଗଲ ମୁଖ୍ୟାଳୟରେ ବୃକ୍ଷରୋପଣ ଉଦ୍ଦେଶ୍ୟରେ ଅବକ୍ଷୟ ଜଙ୍ଗଲ ଜମି ଏବଂ ରାଜ୍ୟରେ ଖାଲି ଥିବା ରାଜସ୍ୱ ଜମି ସମ୍ବନ୍ଧରେ କୌଣସି ବିସ୍ତୃତ ଡାଟାବେସ୍ ନଥିଲା । ଯୋଜନା ପ୍ରଣାଳୀ କେବଳ କ୍ଷେତ୍ରୀୟ କର୍ମଚାରୀଙ୍କ ଦ୍ୱାରା ଭାଗ ଭାଗ କରି ପ୍ରଦତ୍ତ ଚେକ୍‌ଲିଷ୍ଟ ତଥ୍ୟରେ ସୀମିତ ଥିଲା ।

- ବୃକ୍ଷରୋପଣ ଉପରେ ବାର୍ଷିକ ଲକ୍ଷ୍ୟଗୁଡ଼ିକ ରେଞ୍ଜ ଏବଂ ବିଭାଜନ ସ୍ତରରେ ସଂକଳନ କରାଯାଇ ନଥିଲା । ଲକ୍ଷ୍ୟଗୁଡ଼ିକ ପିସିସିଏଫ୍‌ଙ୍କ ଦ୍ୱାରା ସ୍ଥିର କରାଯାଇଥିଲା ଏବଂ ସମ୍ପୃକ୍ତ ବିଭାଜନଗୁଡ଼ିକୁ ଜଣାଇ ଦିଆଯାଇଥିଲା । ଏହା ରେଞ୍ଜ, ବିଭାଜନ ଏବଂ ଜଙ୍ଗଲ ମୁଖ୍ୟାଳୟ ମଧ୍ୟରେ ସମନ୍ୱୟର ଅଭାବକୁ ସୂଚିତ କଲା ।

- ଆହୁରି ମଧ୍ୟ, ଲକ୍ଷ୍ୟ ହାସଲ କରିବାରେ ବିଫଳତା ମୁଖ୍ୟତଃ କେନ୍ଦ୍ରୀୟ ପ୍ରାୟୋଜିତ ଯୋଜନା (ସିଏସ୍‌ପି) ଅଧୀନରେ ଥିଲା । ଉଦାହରଣ ସ୍ୱରୂପ, ବୃକ୍ଷରୋପଣ କାର୍ଯ୍ୟକ୍ରମ ଏମ୍‌ଜିଏନ୍‌ଆର୍‌ଜିଏସ୍ ଅଧୀନରେ କରାଯାଇଥିଲା, ଯେଉଁଠାରେ ଲକ୍ଷ୍ୟ ହାସଲ କରିବାରେ କମ୍‌ତି 23 ରୁ 68 ପ୍ରତିଶତ ମଧ୍ୟରେ ଥିଲା, ଯାହା ଅନୁଚ୍ଛେଦ **2.1.4.4** ରେ ଆଲୋଚନା କରାଯାଇଛି । ପ୍ରକଳ୍ପଗୁଡ଼ିକର ଅନୁମୋଦନରେ ବିଳମ୍ବ, ଜବ୍ କାର୍ଡଧାରୀ ଉପଲବ୍ଧ ନଥିବା, ସମୟାନୁଯାୟୀ ପାଣ୍ଠି ପ୍ରଦାନ କରାନଯିବା ଏବଂ କମ୍ ବେତନ ହାର ଇତ୍ୟାଦି ଏହାର କାରଣ ଥିଲା ।

ତେଣୁ, ବୃକ୍ଷରୋପଣ କାର୍ଯ୍ୟକଳାପ ପାଇଁ କୌଣସି ଦୀର୍ଘକାଳୀନ ଯୋଜନା ଏବଂ ବାର୍ଷିକ ଲକ୍ଷ୍ୟ ସ୍ଥିର କରିବା ପାଇଁ ଆବଶ୍ୟକୀୟ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ଜଙ୍ଗଲ ବିଭାଗ ନିକଟରେ ଉପଲବ୍ଧ ନଥିଲା ।

ଅଡିଟ୍ ସିଦ୍ଧାନ୍ତକୁ ସ୍ୱୀକାର କରି ସରକାର ବ୍ୟକ୍ତ କଲେ (ଅକ୍ଟୋବର 2021) ଯେ କାର୍ଯ୍ୟ ଯୋଜନା ଏବଂ ଖାଲି ଜମି ତଥା ଅବକ୍ଷୟ ଜମିର ଉପଲବ୍ଧତା ଅନୁଯାୟୀ ବିଭାଜନ ଠାରୁ ବୃକ୍ଷରୋପଣ ଲକ୍ଷ୍ୟର ପ୍ରସ୍ତାବ ଗ୍ରହଣ କରାଯାଇଛି ଏବଂ ଏହାକୁ ଅନୁମୋଦନ କରାଯାଇ ସମସ୍ତଙ୍କୁ ଜଣାଇଦିଆଯାଇଥିଲା । ଯଦିଓ ବିଭାଜନ ଗୁଡ଼ିକ ଠାରୁ ବାର୍ଷିକ ଲକ୍ଷ୍ୟଗୁଡ଼ିକର ସମସ୍ତ ପ୍ରସ୍ତାବ ଗ୍ରହଣ କରାଯାଇଥିଲା, ଉଭୟ ବିଭାଜନ ଏବଂ ପିସିସିଏଫ୍ (ଓ ଏବଂ ଏଚ୍‌ଓଏଫ୍‌ଏଫ୍), ଅଡିଟ୍‌କୁ ଏଭଳି କୌଣସି ନଥି ପ୍ରଦାନ କରିପାରିନଥିଲେ ।

### 2.1.3.5 ଜଙ୍ଗଲ ସମ୍ପଦର ପରିଚାଳନା ପାଇଁ ରାଜ୍ୟ ଜଙ୍ଗଲ ନୀତି ଉପଲବ୍ଧ ନଥିବା

ଜଙ୍ଗଲ ଏବଂ ବନ୍ୟଜନ୍ତୁ ସମ୍ପଦର ନିରନ୍ତର ପରିଚାଳନା ପାଇଁ ଏନ୍‌ଏଫ୍‌ପି, 1988 ଅନୁଯାୟୀ ରାଜ୍ୟ ଜଙ୍ଗଲ ନୀତି (ଏସ୍‌ଏଫ୍‌ପି) ଗଠନ କରିବା ପାଇଁ ଜାତୀୟ ଜଙ୍ଗଲ କମିଶନ ସୁପାରିଶ କରିଥିଲା (ମାର୍ଚ୍ଚ 2006) ।

ଅଡିଟ୍ ଲକ୍ଷ୍ୟ କଲା ଯେ ବିଭାଗ ଏପର୍ଯ୍ୟନ୍ତ ଏସ୍‌ଏଫ୍‌ପି ଗଠନ କରିନାହିଁ । ଏସ୍‌ଏଫ୍‌ପି ଗଠନ କରିବାରେ ବିଫଳତା ଯୋଗୁଁ ରାଜ୍ୟରେ ସବୁଜ ବଳୟ ବୃଦ୍ଧି ପାଇଁ ପର୍ଯ୍ୟାପ୍ତ ଯୋଜନା କରାଯାଇପାରି ନଥିଲା ।

ଏହାର ଉତ୍ତରରେ, ସରକାର ଦର୍ଶାଇଲେ (ଅକ୍ଟୋବର 2021) ଯେ, ଯଦିଓ ଏସ୍‌ଏଫ୍‌ପି ଉପଲବ୍ଧ ନଥିଲା, ରାଜ୍ୟ ଏହା ବଦଳରେ ଏନ୍‌ଏଫ୍‌ପିକୁ ଅନୁସରଣ କରୁଥିଲେ । ଉତ୍ତର ଗ୍ରହଣୀୟ ନଥିଲା ଯେହେତୁ ଏନ୍‌ଏଫ୍‌ପି, ସମସ୍ତ ରାଜ୍ୟ ପାଇଁ ଏକ ଗାଇଡ୍ ଡକ୍ୟୁମେଣ୍ଟ୍ ଅଟେ । ସ୍ଥାନୀୟ ଭୂ-ଜଳବାୟୁ ପରିସ୍ଥିତିକୁ ଅନୁଧ୍ୟାନ କରି ଏନ୍‌ଏଫ୍‌ପି ଅନୁଯାୟୀ, ରାଜ୍ୟ, ନିଜସ୍ୱ ଏସ୍‌ଏଫ୍‌ପି ଗଠନ କରିବା ଆବଶ୍ୟକ ।

### 2.1.3.6 କାର୍ଯ୍ୟ ଯୋଜନା ପ୍ରସ୍ତୁତିରେ ବିଳମ୍ବ ଏବଂ ଏହିପରି ଯୋଜନା ବିନା କାର୍ଯ୍ୟ କରିବା

ଚାର୍ଟ ସଂଖ୍ୟା.3




ଭାରତ ସରକାରଙ୍କ ପରିବେଶ ଏବଂ ଜଙ୍ଗଲ ମନ୍ତ୍ରାଳୟ ଦ୍ୱାରା ଜାରି କରାଯାଇଥିବା ଜାତୀୟ କାର୍ଯ୍ୟ ଯୋଜନା (ଏନ୍‌ଡବ୍ଲୁପି) ସଂହିତା 2014 ର ଅଧ୍ୟାୟ 1 ର ଅନୁଚ୍ଛେଦ 3 ଅନୁଯାୟୀ, ସମସ୍ତ ଜଙ୍ଗଲକୁ ଏକ କାର୍ଯ୍ୟ ଯୋଜନା/ ପ୍ରବନ୍ଧର ବ୍ୟବସ୍ଥାପତ୍ର ଅନୁଯାୟୀ ନିରନ୍ତର ଭାବରେ ପରିଚାଳନା କରାଯିବା କଥା । ପୁନଶ୍ଚ, ଏନ୍‌ଏଫ୍‌ପି, 1988 ସ୍ପଷ୍ଟ ଭାବରେ ଦର୍ଶାଇଛି ଯେ ଉଚିତ୍ କର୍ତ୍ତୃପକ୍ଷଙ୍କ ଅନୁମୋଦିତ କାର୍ଯ୍ୟ ଯୋଜନା ବିନା କୌଣସି ଜଙ୍ଗଲକୁ ପରିଚାଳନା କରିବା ପାଇଁ ଅନୁମତି ଦିଆଯିବା ଉଚିତ୍ ନୁହେଁ । କାର୍ଯ୍ୟ ଯୋଜନା (ଡବ୍ଲୁପି) / ପ୍ରବନ୍ଧ ପ୍ରସ୍ତୁତି ନିଶ୍ଚିତ କରିବା ଜଙ୍ଗଲ କ୍ଷେତ୍ରର ପରିଚାଳକ ଜିମା ମାଲିକଙ୍କ କର୍ତ୍ତବ୍ୟ । ପ୍ରତ୍ୟେକ ଡବ୍ଲୁପିରେ ଏକ ନିର୍ଦ୍ଦିଷ୍ଟ ଜଙ୍ଗଲ ବିଭାଜନରେ ଥିବା ଜଙ୍ଗଲର ସଠିକ୍ ପରିଚାଳନା ପାଇଁ କ୍ଷେତ୍ର ନିର୍ଦ୍ଦିଷ୍ଟ ବ୍ୟବସ୍ଥାପତ୍ର ଅନ୍ତର୍ଭୁକ୍ତ କରିବା ଆବଶ୍ୟକ ଏବଂ ଏହା ପ୍ରତି ଦଶ ବର୍ଷରେ ଥରେ ସଂଶୋଧିତ ହେବ । ବେସରକାରୀ, ଗ୍ରାମ ଇତ୍ୟାଦି ନିୟନ୍ତ୍ରଣ/ ମାଲିକାନା ଅଧୀନରେ କ୍ଷୁଦ୍ର ଅଞ୍ଚଳକୁ ଏକ ନିର୍ଦ୍ଦିଷ୍ଟ ଉଦ୍ଦେଶ୍ୟ ପାଇଁ କିମ୍ବା ଜଙ୍ଗଲ କ୍ଷେତ୍ର ପାଇଁ କାର୍ଯ୍ୟ ଯୋଜନା (ଡବ୍ଲୁଏସ୍) ପ୍ରସ୍ତୁତ କରାଗଲା ।

ଅଡିଟ୍‌କୁ ପ୍ରଦାନ କରାଯାଇଥିବା ସୂଚନା ଅନୁଯାୟୀ 44 ବିଭାଜନ ଯଥା 37 ଟେରିଟୋରିଆଲ୍ ଏବଂ 7 ବନ୍ୟ ପ୍ରାଣୀ ବିଭାଜନ ବିଧିମାନ୍ୟ ଡବ୍ଲୁପି ଅନୁଯାୟୀ କାର୍ଯ୍ୟ କରିବାର ଥିଲା । କିନ୍ତୁ, ଏହା ଲକ୍ଷ୍ୟ କରାଯାଇଥିଲା ଯେ 44 ଟି ବିଭାଜନ ମଧ୍ୟରୁ କେବଳ 13 ଟି ବିଭାଜନ ଅନୁମୋଦିତ ଡବ୍ଲୁପି ଅଧୀନରେ କାର୍ଯ୍ୟ କରୁଥିଲା, 27 ଟି ବିଭାଜନ ଅନୁମୋଦିତ ଡବ୍ଲୁଏସ୍ ଅଧୀନରେ କାର୍ଯ୍ୟ କରୁଥିଲା ଏବଂ ଚାରିଟି ବିଭାଜନ କୌଣସି ଅନୁମୋଦିତ ଡବ୍ଲୁପି/ ଡବ୍ଲୁଏସ୍ ବିନା କାର୍ଯ୍ୟ କରୁଥିଲା । ଏହା ମଧ୍ୟ ଦେଖାଗଲା ଯେ, 27 ଟି ବିଭାଜନର ଡବ୍ଲୁଏସ୍ ଗୁଡ଼ିକର ଅବଧି ମାର୍ଚ୍ଚ 2021 ସୁଦ୍ଧା ସମାପ୍ତ ହୋଇସାରିଥିଲା । ତେଣୁ, 31 ଟି ବିଭାଜନ ଅନୁମୋଦିତ ଡବ୍ଲୁପି/ ଡବ୍ଲୁଏସ୍ (ଜୁନ୍ 2021) ବିନା କାର୍ଯ୍ୟ କରୁଥିଲା ଯାହା ପରିଶିଷ୍ଟ-**1** ରେ ଦର୍ଶାଯାଇଅଛି । ବିଧିମାନ୍ୟ ଡବ୍ଲୁପି/ ଡବ୍ଲୁଏସ୍ ବିନା ଜଙ୍ଗଲ ବିଭାଜନଗୁଡ଼ିକ କାର୍ଯ୍ୟ କରିବା ଏନ୍‌ଡବ୍ଲୁପି ସଂହିତା, 2014 ର ମୌଳିକ ନୀତିକୁ ଉଲ୍ଲଙ୍ଘନ କରୁଥିଲା ଏବଂ ଏହି ଅଞ୍ଚଳରେ ଜଙ୍ଗଲ ଏବଂ ଜୈବ ବିବିଧତାର ନିରନ୍ତର ପରିଚାଳନାରେ ବାଧା ସୃଷ୍ଟି କଲା ।

ସମୀକ୍ଷା ସିଦ୍ଧାନ୍ତକୁ ସ୍ୱୀକାର କରି ସରକାର ବ୍ୟକ୍ତ କଲେ (ଅକ୍ଟୋବର 2021) ଯେ 2020-21 ରେ 10 ଟି ଡବ୍ଲୁପି ଅନୁମୋଦିତ ହୋଇଥିଲା ଏବଂ 2021-22 ରେ 20 ଟି ଡବ୍ଲୁପି ଅନୁମୋଦନ ପାଇଁ ଦାଖଲ କରାଯାଇଥିଲା । ସେହିପରି 2021-22 ରେ 10 ଟି ଡବ୍ଲୁଏସ୍ ଅନୁମୋଦନ ପାଇଁ ଦାଖଲ କରାଯାଇଥିଲା ।

### 2.1.3.7 ସର୍ବେକ୍ଷଣ ବିଭାଜନ ଦ୍ୱାରା ଜଙ୍ଗଲ ସମ୍ବଳର ନିର୍ଦ୍ଧାରଣ ନହେବା

ଏନ୍‌ଡବ୍ଲୁପି ସଂହିତା, 2014 ର ଅଧ୍ୟାୟ VI ର ଅନୁଚ୍ଛେଦ 76 ଅନୁଯାୟୀ ବୃକ୍ଷରୋପଣ ବିଷୟରେ ଏକ ଅତ୍ୟାଧୁନିକ ଏବଂ ନିର୍ଭରଯୋଗ୍ୟ ଜ୍ଞାନ ଆବଶ୍ୟକ । ବୃକ୍ଷରୋପଣ ନିର୍ଦ୍ଧାରଣ ପାଇଁ ଏହାର ସର୍ବେକ୍ଷଣ ବ୍ୟବସ୍ଥା କରାଯାଇଛି ଏବଂ ସର୍ବେକ୍ଷଣର ଫଳାଫଳ ବୃକ୍ଷରୋପଣ ପତ୍ରିକାରେ ଲିପିବଦ୍ଧ ହେବା ଆବଶ୍ୟକ । ଓଏଫ୍‌ଡି ସଂହିତା, 1979 ର ନିୟମ 227 ଅନୁଯାୟୀ, ଜଙ୍ଗଲ ସଂପଦର ସର୍ବେକ୍ଷଣ, ଜଙ୍ଗଲ କଞ୍ଚାମାଲ ଯୋଗାଣ ଏବଂ ଚାହିଦା ଆକଳନ କରିବା ପାଇଁ ରାଜ୍ୟରେ ଜଙ୍ଗଲ ସମ୍ବଳ ସର୍ବେକ୍ଷଣ (ଏଫ୍‌ଆର୍‌ଏସ୍) ବିଭାଜନ ପ୍ରତିଷ୍ଠା କରାଯାଇଥିଲା (1970) । ଓଏଫ୍‌ଡି ସଂହିତାର ନିୟମ 228 ଏବଂ ନିୟମ 233 ଅନୁଯାୟୀ, ଉକ୍ତ ସର୍ବେକ୍ଷଣ ପାଇଁ ଯଥାକ୍ରମେ ଏକ ପଞ୍ଚ ବର୍ଷର କାର୍ଯ୍ୟକ୍ରମ ଏବଂ ବାର୍ଷିକ ସର୍ବେକ୍ଷଣ ଯୋଜନା (ଏଏସ୍‌ପି) ସମ୍ବଳ ସର୍ବେକ୍ଷଣ ଦାୟିତ୍ୱରେ ଥିବା ଡିଏଫ୍‌ଓଙ୍କ ଦ୍ୱାରା ତାଙ୍କ ସଂରକ୍ଷକଙ୍କ ପରାମର୍ଶ କ୍ରମେ ପ୍ରସ୍ତୁତ କରାଯିବା ଉଚିତ୍ । ବାର୍ଷିକ ପ୍ରଶାସନିକ (ଏଏ) ରିପୋର୍ଟରେ ଅନ୍ତର୍ଭୁକ୍ତ କରିବା ପାଇଁ ବିଭାଜନ ଦ୍ୱାରା ଜଙ୍ଗଲ ସମ୍ବଳ ଉପରେ ଏକ ବାର୍ଷିକ ସର୍ବେକ୍ଷଣ ରିପୋର୍ଟ ଉପସ୍ଥାପନ କରାଯିବା କଥା ।

ଅଡିଟ୍, ସର୍ବେକ୍ଷଣ ବିଭାଜନର ନଥିପତ୍ର ଯାଞ୍ଚ କରି ନିମ୍ନଲିଖିତ ଅନିୟମିତତା ଅବଲୋକନ କଲା:

- ଉପରୋକ୍ତ ବାଧ୍ୟତାମୂଳକ କାର୍ଯ୍ୟକ୍ରମଗୁଡ଼ିକୁ ଏଫ୍ଆର୍ଏସ୍ ବିଭାଜନକୁ ନ୍ୟସ୍ତ କରାଯାଇ ନଥିଲା । 2009-10 ପରେ ଏଏସ୍‌ପି ପ୍ରସ୍ତୁତ ହୋଇନଥିଲା । ବାଧ୍ୟତାମୂଳକ କାର୍ଯ୍ୟ ପରିବର୍ତ୍ତେ ବିଭାଗ ଦ୍ୱାରା 2015-16 ରେ କେନ୍ଦୁଝର ବନ୍ୟପ୍ରାଣୀ ବିଭାଜନର ଡବ୍ଲୁପିକୁ ପୁନରୀକ୍ଷଣ କରିବା ପାଇଁ ଏହି ବିଭାଜନକୁ ଦାୟିତ୍ୱ ଦିଆଯାଇଥିଲା, ଯଦିଓ ଡବ୍ଲୁପି ବିଭାଜନର କାର୍ଯ୍ୟ ଯୋଜନା ଅଧିକାରୀ (ଡବ୍ଲୁପିଓ) ଙ୍କ ଦ୍ୱାରା ଡବ୍ଲୁପି ପ୍ରସ୍ତୁତ କରାଯିବା କଥା ।

- 2013-16 ମଧ୍ୟରେ କାର୍ଯ୍ୟ ଉପରେ ଖର୍ଚ୍ଚ ପାଇଁ କୌଣସି ପାଣ୍ଠି ଆବଣ୍ଟନ ହୋଇନଥିଲା । ବିଭାଜନରେ 38 ରୁ 42 କର୍ମଚାରୀ ଉପଲବ୍ଧ ରହିବା ତୁଳନାରେ 22 ରୁ 31 କର୍ମଚାରୀ ଉପଲବ୍ଧ ଥିଲେ ଏବଂ 2013-18 ମଧ୍ୟରେ ପ୍ରତିଷ୍ଠାନ ଖର୍ଚ୍ଚ ବାବଦରେ 4.89 କୋଟି ଟଙ୍କା ଏବଂ 2016-18 ମଧ୍ୟରେ କାର୍ଯ୍ୟ ଖର୍ଚ୍ଚ ପାଇଁ 11.56 ଲକ୍ଷ ଟଙ୍କା ବ୍ୟୟ ହୋଇଥିଲା । ତେଣୁ, ଉପରୋକ୍ତ ବ୍ୟବସ୍ଥା ଅନୁଯାୟୀ ଏହି ବ୍ୟୟ ବିଭାଜନର କାର୍ଯ୍ୟକାରିତା ପାଇଁ ଯଥାର୍ଥ ନୁହେଁ ।

ଅଣ ବାଧ୍ୟତାମୂଳକ କାର୍ଯ୍ୟ ନ୍ୟସ୍ତ କରାଯିବା ଏବଂ କାର୍ଯ୍ୟ ବ୍ୟୟ ପାଇଁ ବଜେଟ୍‌ର ବ୍ୟବସ୍ଥା କରାନଯିବା ଏହି ବିଭାଜନର ଅଣକାର୍ଯ୍ୟକାରିତାର କାରଣ ଥିଲା ।

ଅଡିଟ୍ ସିଦ୍ଧାନ୍ତକୁ ସ୍ୱୀକାର କରି ସରକାର ଦର୍ଶାଇଲେ (ଅକ୍ଟୋବର 2021) ଯେ କେନ୍ଦୁଝର ବନ୍ୟପ୍ରାଣୀ ବିଭାଜନର ଡବ୍ଲୁପି ପ୍ରସ୍ତୁତ ପାଇଁ ଏହି ବିଭାଜନକୁ ଦାୟିତ୍ୱ ଦିଆଯାଇଥିଲା । ବିଭାଜନର ମୂଳ କାର୍ଯ୍ୟ ସମ୍ପନ୍ନ ହୋଇନପାରିଥିବାରୁ ଉତ୍ତର ଗ୍ରହଣୀୟ ନୁହେଁ । ଡବ୍ଲୁପିର ପ୍ରସ୍ତୁତି ଏବଂ ସଂଶୋଧନ ସରକାରଙ୍କ ଦ୍ୱାରା ଦାୟିତ୍ୱ ଦିଆଯାଇଥିବା ଅନୁସାରେ ଜଙ୍ଗଲ ସମ୍ବଳ ସର୍ବେକ୍ଷଣ ଏବଂ ନିର୍ଦ୍ଧାରଣର ମୂଳ କାର୍ଯ୍ୟ ସହ ଏହା ଏକ ଅତିରିକ୍ତ କାର୍ଯ୍ୟ ଅଟେ ।

ସୁପାରିଶ (ଜଙ୍ଗଲ ନୀତି ଏବଂ ଯୋଜନା)

- *ରାଜ୍ୟରେ ସବୁଜ ବଳୟ ବୃଦ୍ଧି ପାଇଁ ଜଙ୍ଗଲ ଏବଂ ବନ୍ୟଜନ୍ତୁ ସମ୍ବଳର ନିରନ୍ତର ପରିଚାଳନା ନିମନ୍ତେ ସରକାର ରାଜ୍ୟ ଜଙ୍ଗଲ ନୀତି ପ୍ରସ୍ତୁତ କରିପାରନ୍ତି ।*

- *ସମସ୍ତ ସ୍ତର ଯଥା-ରେଞ୍ଜ, ବିଭାଜନ ଏବଂ ଜଙ୍ଗଲ ମୁଖ୍ୟାଳୟରେ ବୃକ୍ଷରୋପଣ ଉଦ୍ଦେଶ୍ୟରେ ରାଜ୍ୟରେ ଅବକ୍ଷୟ ହୋଇଥିବା ଜଙ୍ଗଲ ଜମି ଏବଂ ଖାଲି ରାଜସ୍ୱ ଜମି ଉପରେ ବିସ୍ତୃତ ଡାଟାବେସ୍‌ର ପ୍ରସ୍ତୁତି କରିବାକୁ ସରକାର ବିଚାର କରିପାରନ୍ତି ।*

- *ଜଙ୍ଗଲ ବିଭାଗରେ ବୃକ୍ଷରୋପଣ କାର୍ଯ୍ୟକଳାପ ପାଇଁ ବାର୍ଷିକ ଲକ୍ଷ୍ୟ ସ୍ଥିର କରିବା ପୂର୍ବରୁ ସବୁ ସ୍ତରରେ ସମନ୍ୱିତ ଯୋଜନା ସୁନିଶ୍ଚିତ କରାଯାଇପାରେ ।*

- *ରାଜ୍ୟରେ ଜଙ୍ଗଲର ନିରନ୍ତର ପରିଚାଳନା ଏବଂ ଜୈବ ବିବିଧତା ପାଇଁ ବିଭାଜନର କାର୍ଯ୍ୟ ନିମନ୍ତେ ଜଙ୍ଗଲ ବିଭାଗ ବିଧିମାନ୍ୟ କାର୍ଯ୍ୟଯୋଜନା ଏବଂ କାର୍ଯ୍ୟ ପ୍ରକଳ୍ପ ପ୍ରସ୍ତୁତ କରିପାରନ୍ତି ।*

## 2.1.4 ବୃକ୍ଷରୋପଣ କାର୍ଯ୍ୟକ୍ରମର କାର୍ଯ୍ୟାନ୍ୱୟନ

### 2.1.4.1 ପ୍ରଜାତି ଗୁଡ଼ିକର ଅନିୟମିତ ଚୟନ

ଏକ ଅଞ୍ଚଳରେ ଉଦ୍ଭିଦରାଜିର ମୌଳିକତାକୁ ପ୍ରଭାବିତ ନକରି ସେହି ଅଞ୍ଚଳକୁ ବୃକ୍ଷ ଦ୍ୱାରା ଆଚ୍ଛାଦିତ କରିବା ହେଉଛି ଜଙ୍ଗଲ ବୃକ୍ଷରୋପଣ କାର୍ଯ୍ୟକ୍ରମର ଲକ୍ଷ୍ୟ । ବୃକ୍ଷରୋପଣ ପାଇଁ ଉଦ୍ଦିଷ୍ଟ କାର୍ଯ୍ୟ ଯୋଜନା/ ପ୍ରକଳ୍ପ ଗୁଡ଼ିକ ବ୍ୟବସ୍ଥା କରେ ଯେ ସ୍ଥାନୀୟ ପ୍ରଜାତିଗୁଡ଼ିକ ସ୍ଥାନୀୟ ପରିବେଶ ସହିତ ଅଧିକ ଅନୁକୂଳ ହୋଇଥିବାରୁ ସେଗୁଡ଼ିକୁ ପ୍ରାଧାନ୍ୟ ଦିଆଯିବ । ପୁନଶ୍ଚ, ଅଡିଟ୍ ହୋଇଥିବା ବିଭାଜନଗୁଡ଼ିକର ଡବ୍ଲୁପି/ ଡବ୍ଲୁଏସ୍ ଗୁଡ଼ିକର ଯାଞ୍ଚରୁ ଜଣାଗଲା ଯେ ଶାଳ

ଗଛ ହେଉଛି ଓଡ଼ିଶାର ମୁଖ୍ୟ ପ୍ରଜାତି । ପିସିସିଏଫ୍ ସର୍କୁଲାର (ଅକ୍ଟୋବର 2018) ମଧ୍ୟମରେ ଏହି ତଥ୍ୟ ପ୍ରମାଣିତ ହୋଇଥିଲା ଯେଉଁଥିରେ କି ଶାଗୁଆନ, ଆକାସିଆ ଏବଂ ଇଉକାଲିପଟାସ ଗଛ ଜଙ୍ଗଲରେ ଲଗାଯିବ ନାହିଁ ବୋଲି ଦର୍ଶାଯାଇଥିଲା କାରଣ ଏହି ପ୍ରଜାତିଗୁଡ଼ିକ ଜୈବ ବିବିଧତାକୁ ହ୍ରାସ କରିଥାଏ ।

- ଅଡିଟ୍, ବୃକ୍ଷରୋପଣ ପତ୍ରିକା, ଡବ୍ଲୁପି/ ଡବ୍ଲୁଏସ୍ ଏବଂ ଚୟନ ହୋଇଥିବା ବିଭାଜନ ଦ୍ୱାରା ପ୍ରଦାନ କରାଯାଇଥିବା ସୂଚନା ପରି ବୃକ୍ଷରୋପଣ ନଥିପତ୍ରଗୁଡ଼ିକୁ ଯାଞ୍ଚ କରିଥିଲା । ଚୟନ ହୋଇଥିବା 13 ଟି ବିଭାଜନ ମଧ୍ୟରୁ 12 ଟିରେ 2013-18 ଅବଧିରେ ସହାୟକ ପ୍ରାକୃତିକ ପୁନରୁତ୍ପାଦନ (ଏଏନ୍ଆର୍) ଅଧୀନରେ 73,692.46 ହେକ୍ଟର ଜମିରେ ହୋଇଥିବା 926 ଟି ବୃକ୍ଷରୋପଣରେ ଶାଳ ପ୍ରଜାତି ଉପରେ ଶାଗୁଆନ ପ୍ରଜାତିକୁ ପ୍ରାଧାନ୍ୟ ଦିଆଯାଇଥିବା ଲକ୍ଷ୍ୟ କରାଯାଇଥିଲା । ରେଢ଼ାଖୋଲ ବିଭାଜନରେ ସମୁଦାୟ 173.81 ଲକ୍ଷ ବିହନ ମଧ୍ୟରୁ, 67.53 ଲକ୍ଷ ଶାଗୁଆନ୍ (36 ପ୍ରତିଶତ) ଏବଂ କେବଳ 3,000 ଶାଳ (0.02 ପ୍ରତିଶତ) ବୃକ୍ଷରୋପଣ କରାଯାଇଥିଲା । ବଳକା 106.25 ଲକ୍ଷ ବିହନ ଆମଳା, ସିମାରୁବା, ଗମ୍ଭାରୀ, କରଞ୍ଜ, ଶିଶୁ, କାଜୁ, ଚାକୁଣ୍ଡା ଇତ୍ୟାଦି ଥିଲା । କିନ୍ତୁ, ରାଜନଗର (ଏମ୍ଏଫ୍‌ଡିଡବ୍ଲୁଏଲ୍) ବିଭାଜନ ଅଧୀନରେ ଏଏନ୍ଆର୍ ବୃକ୍ଷରୋପଣ କାର୍ଯ୍ୟକାରୀ କରାଯାଇନଥିଲା । କେବଳ ସ୍ୱଦେଶୀ ପ୍ରଜାତି ଲଗାଇବାକୁ ପ୍ରାଥମିକତା ଦିଆଯାଇଥିବାରୁ ବିଭାଜନ ଗୁଡ଼ିକର ଡବ୍ଲୁପି/ ଡବ୍ଲୁଏସ୍‌ର ଏହା ଏକ ଉଲ୍ଲଘଂନ ଥିଲା ।

- ବୌଦ୍ଧ ଜଙ୍ଗଲ ବିଭାଜନରେ 2013-14 ଅବଧିରେ ପୁରୁଣା କଟକ ରେଞ୍ଜ ଅଧୀନରେ ଥିବା ଜାମୁନାଥପୁରରେ 10 ହେକ୍ଟର ଜମିରେ ଗୋଟିଏ ବୃକ୍ଷରୋପଣ କରାଯାଇଥିଲା । ଜମିର ବାସ୍ତବିକ ଲକ୍ଷଣ ଯଥା–ବୃଷ୍ଟିପାତ/ ତାପମାତ୍ରା ତଥ୍ୟ, ମୃତ୍ତିକା ବିଶ୍ଳେଷଣ ଇତ୍ୟାଦି ବୃକ୍ଷରୋପଣ ପତ୍ରିକାରେ ଲିପିବଦ୍ଧ କରାଯାଇ ନଥିବା ଅଡିଟ୍ ଲକ୍ଷ୍ୟ କରିଥିଲା । ଏଫ୍‌ପିଏମ୍‌ର ନିୟମ 207 ଅନୁଯାୟୀ ବୃକ୍ଷରୋପଣର ସ୍ଥିତି, ଅଭିବୃଦ୍ଧି ଏବଂ ବଞ୍ଚିବାର ଶତକଡ଼ା ସମ୍ବଳିତ ଆରଓଙ୍କ ତ୍ରୈମାସିକ ଯାଞ୍ଚ ଉପଲବ୍ଧ ନଥିଲା । ପତ୍ରିକା ଅନୁଯାୟୀ 4,000 ଶାଗୁଆନ, 4,000 ଶିଶୁ ଏବଂ 3,000 ଚାକୁଣ୍ଡା ଏହିପରି ମୋଟ 11,000 ବିହନ ବୁଣାଯାଇଥିଲା । ସ୍ଥାନଗୁଡ଼ିକର ମିଳିତ ବାସ୍ତବିକ ଯାଞ୍ଚ (ଜେପିଭି) ସମୟରେ ଏହା ଦେଖାଗଲା ଯେ ଛଅ ବର୍ଷର ବୃକ୍ଷରୋପଣ ପରେ ହାରାହାରି ଉଚ୍ଚତା 12 ରୁ 15 ଫୁଟ ଉଚ୍ଚତାରେ ହାରାହାରି 80 ପ୍ରତିଶତ ବଞ୍ଚିବା ସହିତ ଦୁଇଟି କ୍ଷୁଦ୍ର ଭୂଖଣ୍ଡରେ ଭଲ ଭାବରେ ବଞ୍ଚି ରହିଥିଲା । ଯେହେତୁ ଜରୁରୀକାଳିନ ପୁନଃସ୍ଥାପନ ସମୟରେ କେବଳ ଶାଗୁଆନ୍ ଲଗାଯାଇଥିଲା, ଉଭୟ ଶିଶୁ ଏବଂ ଚାକୁଣ୍ଡା ଗଛକୁ ଲକ୍ଷ୍ୟ କରାଯାଇପାରିଲା ନାହିଁ । ତେଣୁ, ବୃକ୍ଷର ହାରାହାରି ବଞ୍ଚିବା 37 ପ୍ରତିଶତ ଥିଲା । ଉପରୋକ୍ତ ବିଷୟରୁ ଏହା ସ୍ପଷ୍ଟ ହେଲା ଯେ ମୃତ୍ତିକା, ବୃଷ୍ଟିପାତ, ତାପମାତ୍ରା, ଡ୍ରେନେଜ୍ ସିଷ୍ଟମ ଇତ୍ୟାଦି ଭଳି ଆବଶ୍ୟକୀୟ ପାରାମିଟରଗୁଡ଼ିକର ବୃକ୍ଷରୋପଣ ପୂର୍ବରୁ ବିଶ୍ଳେଷଣ ସହିତ ସ୍ଥାନ ଅନୁଯାୟୀ ପ୍ରଜାତିର ଚୟନ ଅନୁପଯୁକ୍ତ ଥିଲା ।

ଏହାର ଉତ୍ତରରେ, ସରକାର ଦର୍ଶାଇଲେ (ଅକ୍ଟୋବର 2021) ଯେ ବୃକ୍ଷରୋପଣର ମୂଳ ଉଦ୍ଦେଶ୍ୟ ହେଉଛି ରାଜ୍ୟରେ ସବୁଜ ବଳୟ ବୃଦ୍ଧି କରିବା ଏବଂ ବୃକ୍ଷରୋପଣ ପାଇଁ ପ୍ରଜାତିଗୁଡ଼ିକ ସ୍ଥାନୀୟ ଜଳବାୟୁ ପରିସ୍ଥିତି ଏବଂ ପ୍ରଜାତିର ବଞ୍ଚିବାର ହାରକୁ ଆଧାର କରି ଚୟନ କରାଯାଇଥିଲା । ଉତ୍ତର ଗ୍ରହଣୀୟ ନଥିଲା ଯେହେତୁ ଭୂ-ଜଳବାୟୁ ପରିସ୍ଥିତି ଅନୁଯାୟୀ ସମ୍ପୃକ୍ତ ବିଭାଜନଗୁଡ଼ିକର ଡବ୍ଲୁପି/ ଡବ୍ଲୁଏସ୍ ଗୁଡ଼ିକ ପ୍ରସ୍ତୁତ କରାଯାଇଥିଲା ଏବଂ ଜଙ୍ଗଲର ଜୈବ ବିବିଧତାକୁ ସୁରକ୍ଷା ଦେବା ପାଇଁ ସ୍ୱଦେଶୀ ପ୍ରଜାତିଗୁଡ଼ିକୁ ବୃକ୍ଷରୋପଣ ପାଇଁ ପ୍ରାଥମିକତା ଦିଆଯାଇଥିଲା ।

### 2.1.4.2 ବୃକ୍ଷରୋପଣ ନଥିପତ୍ରଗୁଡ଼ିକର ଅନୁପଯୁକ୍ତ ଅନୁରକ୍ଷଣ

ଏଫ୍‌ପିଏମ୍, 1977 ର ନିୟମ 197 ଏବଂ 201 ଅନୁଯାୟୀ, ବୃକ୍ଷରୋପଣ ରେଜିଷ୍ଟର ଏବଂ ବୃକ୍ଷରୋପଣ ପତ୍ରିକା ଯଥାକ୍ରମେ ପରିଶିଷ୍ଟ-XI ଏବଂ XII ରେ ବିଭାଗ ତଥା ରେଞ୍ଜ ସ୍ତରରେ ଅନୁରକ୍ଷଣ କରାଯିବ । ଏହି ପତ୍ରିକାଗୁଡ଼ିକର ସମସ୍ତ ନକଲ ସର୍ବଦା ଅପ୍‌ଡେଟ୍ ରଖାଯିବ ଏବଂ ଯାଞ୍ଚ ସମୟରେ ଉଚ୍ଚ କର୍ତ୍ତୃପକ୍ଷଙ୍କ ନିକଟରେ ସର୍ବଦା ଉପସ୍ଥାପନ କରାଯିବ । ବୃକ୍ଷ ଲଗାଯିବ ଦିନ ଠାରୁ ଲଗାତାର ତିନି ବର୍ଷ ପାଇଁ ସର୍ବାଧିକ/ ହାରାହାରି

ଉଚ୍ଚତା, ବଞ୍ଚିବାର ଶତକଡ଼ା, ମୃତ୍ୟୁର କାରଣ ଇତ୍ୟାଦିରେ ବୃକ୍ଷରୋପଣର ଅବସ୍ଥା, ବିଭାଜନ ତଥା ରେଞ୍ଜ ସ୍ତରରେ ସମସ୍ତ ବୃକ୍ଷରୋପଣ ପତ୍ରିକାରେ ଅନ୍ତର୍ଭୁକ୍ତ ହେବ।

ଚୟନ ହୋଇଥିବା 13 ଟି ଜଙ୍ଗଲ ବିଭାଜନରେ ନଥିପତ୍ର ଯାଞ୍ଚ କରି ସମୀକ୍ଷା ଦେଖିଲେ ଯେ ବିଭିନ୍ନ ଯୋଜନା ଅଧିନରେ ସମୁଦାୟ 4,586 ବୃକ୍ଷରୋପଣ କରାଯାଇଥିଲା । ସେଥିମଧ୍ୟରୁ, 2013-14 ରୁ 2017-18 ସମ୍ପର୍କିତ 312 ଟି (07 ପ୍ରତିଶତ) ପତ୍ରିକା ସଂପୃକ୍ତ ବୃକ୍ଷରୋପଣ ସ୍ଥାନ ପାଇଁ ଖୋଲାଯାଇ ନଥିଲା ଯେହେତୁ ଅଡିଟ୍‌କୁ ଯାଞ୍ଚ ପାଇଁ ତାହା ଉପସ୍ଥାପନ କରାଯାଇପାରି ନଥିଲା ।  4,586 ବୃକ୍ଷରୋପଣ ପତ୍ରିକା ମଧ୍ୟରୁ 2,373 ପତ୍ରିକା ନମୁନା ଯାଞ୍ଚ ପାଇଁ ଚୟନ କରାଯାଇଥିଲା । ନମୁନା ସଂଗ୍ରହ ଉପରେ ଆଧାର କରି, ମନୋନୀତ ପତ୍ରିକାର 50 ପ୍ରତିଶତ ଅର୍ଥାତ୍ 1,187 ଟି ପତ୍ରିକାକୁ ବିସ୍ତୃତ ଭାବରେ ଯାଞ୍ଚ କରାଯାଇଥିଲା ଏବଂ ଏହା ଲକ୍ଷ୍ୟ କରାଗଲା ଯେ 148 ବୃକ୍ଷରୋପଣ ପତ୍ରିକା (12.47 ପ୍ରତିଶତ ) ସଠିକ୍ ଭାବରେ ଅନୁରକ୍ଷଣ କରାଯାଇ ନଥିଲା ଯାହା **ପରିଶିଷ୍ଟ–2** ରେ ବର୍ଣ୍ଣନା କରାଯାଇଅଛି । ବୃକ୍ଷରୋପଣର ପୂର୍ବ ଏବଂ ପର ବିସ୍ତୃତ ତଥ୍ୟ, ବିତରଣ ସହ ସଂପୂର୍ଣ୍ଣ ବାର୍ଷିକ ବ୍ୟୟ, ରେଞ୍ଜ ଅଫିସରଙ୍କର ତ୍ରୈମାସିକ ଯାଞ୍ଚ, ବୃକ୍ଷରୋପଣ (ଫରେଷ୍ଟର/ ଫରେଷ୍ଟ ଗାର୍ଡ) ଏବଂ ରେଞ୍ଜ ଅଧିକାରୀଙ୍କ ଦ୍ୱାରା ପ୍ରାମାଣିକିକରଣ ବୃକ୍ଷରୋପଣ ପତ୍ରିକାରେ ଅନ୍ତର୍ଭୁକ୍ତ କରାଯାଇ ନଥିଲା । ଯେହେତୁ ଏକ ବୃକ୍ଷରୋପଣ ହୋଇଥିବା ସ୍ଥାନରେ କାର୍ଯ୍ୟକାରୀ ହୋଇଥିବା କାର୍ଯ୍ୟର ବିବରଣୀ ସଠିକ୍ ଭାବରେ ବୃକ୍ଷରୋପଣ ପତ୍ରିକାଗୁଡ଼ିକରେ ଅନୁରକ୍ଷଣ କରାଯାଇନଥିଲା, ଅଡିଟ୍ ବୃକ୍ଷରୋପଣର ପ୍ରକୃତ କାର୍ଯ୍ୟକାରିତାକୁ ପ୍ରାମାଣିକରଣ କରିପାରି ନଥିଲା ।

ଅଡିଟ୍ ସିଦ୍ଧାନ୍ତକୁ ଗ୍ରହଣ କରି ସରକାର ପ୍ରକାଶ କଲେ (ଅକ୍ଟୋବର 2021) ଯେ ଯେହେତୁ ବୃକ୍ଷରୋପଣ କାର୍ଯ୍ୟ ସମୟ ସୀମିତ ଥିଲା ଏବଂ କ୍ଷେତ୍ର କର୍ମଚାରୀଙ୍କ ସଂଖ୍ୟା କମ୍ ଥିଲା, ୟୁନିଟ୍ ଗୁଡ଼ିକରେ ବୃକ୍ଷରୋପଣ ରେକର୍ଡ ପ୍ରସ୍ତୁତି ବାଧାପ୍ରାପ୍ତ ହୋଇଥିଲା । ତେଣୁ, ପତ୍ରିକାଗୁଡ଼ିକ ସଠିକ୍ ଭାବରେ ଅନୁରକ୍ଷଣ କରାଯାଇପାରି ନଥିଲା ।

## ବିଭିନ୍ନ ପ୍ରକଳ୍ପ ଏବଂ କାର୍ଯ୍ୟକ୍ରମ ଅଧୀନରେ ବୃକ୍ଷରୋପଣ କାର୍ଯ୍ୟକଳାପ

### 2.1.5 ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଅଧିନରେ ବୃକ୍ଷରୋପଣ

ଆର୍ଥିକ ବର୍ଷରେ ଶହେ ଦିନର ବେତନ ରୋଜଗାରର ଗ୍ୟାରେଣ୍ଟି ଦେଇ ଗ୍ରାମାଞ୍ଚଳରେ ବୟସ୍କ ସଦସ୍ୟମାନେ ଯେଉଁମାନେ ଅଣକୁଶଳୀ ହସ୍ତଚାଳିତ କାମ ସେଚ୍ଛାକୃତ ଭାବେ କରନ୍ତି, ସେମାନଙ୍କ ଜୀବିକା ସୁରକ୍ଷା ବଢ଼ାଇବା ହେଉଛି ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ର ଲକ୍ଷ୍ୟ । ଓଡ଼ିଶାରେ 2006 ମସିହା ଠାରୁ ଏହି ଯୋଜନା କାର୍ଯ୍ୟକାରୀ ହେଉଛି । ଅନ୍ୟ କାର୍ଯ୍ୟଗୁଡ଼ିକ ସହ ଜଙ୍ଗଲ ନଷ୍ଟ, ମୃତ୍ତିକା କ୍ଷୟ ଭଳି ସମସ୍ୟାର ସମାଧାନ ପାଇଁ ଏହି କାର୍ଯ୍ୟଗୁଡ଼ିକ କରାଯାଇଥାଏ ।

ପଞ୍ଚାୟତିରାଜ (ପିଆର୍) ବିଭାଗ ଏବଂ ଅନ୍ୟ ଗୁରୁତ୍ୱପୂର୍ଣ୍ଣ ବିଭାଗ ମଧ୍ୟରେ ଆଲୋଚନା ପରେ 2014-15 ରେ ଅନ୍ୟାନ୍ୟ ଯୋଜନା ସହିତ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ସମ୍ମିଶ୍ରଣ ପାଇଁ ପ୍ରକ୍ରିୟା ପ୍ରସ୍ତୁତ କରାଯାଇଥିଲା । ଏଫ୍‌ଇ ଏବଂ ସିସି ବିଭାଗ ହେଉଛି ଏକ ମୁଖ୍ୟ ବିଭାଗ ଏବଂ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଅଧିନରେ ଥିବା ଅନ୍ୟାନ୍ୟ ପ୍ରକଳ୍ପ ସହ ବୃକ୍ଷରୋପଣ ଏବଂ ଖାଲ ଖୋଳିବା କାର୍ଯ୍ୟ ସମ୍ପାଦନ କରିଥାଏ । ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ପ୍ରାଧିକରଣ (ଡିଆର୍‌ଡିଏ) ମାଧ୍ୟମରେ କାର୍ଯ୍ୟକାରୀ ସଂସ୍ଥାକୁ ଜିଲ୍ଲାପାଳ ସିଧାସଳଖ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ପାଣ୍ଠି ପ୍ରଦାନ କରିଥାନ୍ତି ।

#### 2.1.5.1 ଲକ୍ଷ୍ୟ ହାସଲ ଏବଂ ପାଣ୍ଠି ବିନିଯୋଗରେ କାର୍ଯ୍ୟଦକ୍ଷତାର ଅଭାବ

ପିସିସିଏଫ୍ (ଓ ଏବଂ ଏଚ୍‌ଓଏଫ୍‌ଏଫ୍) ଏବଂ 2013-14 ରୁ 2016-17 ପର୍ଯ୍ୟନ୍ତ ପ୍ରକାଶିତ ବିଭାଗର ବାର୍ଷିକ କାର୍ଯ୍ୟକଳାପ ରିପୋର୍ଟ ଅନୁଯାୟୀ ପ୍ରଦାନ କରାଯାଇଥିବା ସୂଚନା ଅନୁଯାୟୀ, ଅନୁମୋଦିତ ପାଣ୍ଠିର ବିନିଯୋଗ ଏବଂ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଅଧିନରେ କରାଯାଇଥିବା ବୃକ୍ଷରୋପଣ କାର୍ଯ୍ୟକଳାପ **ସାରଣୀ 2.5** ରେ ବିସ୍ତୃତ ଭାବରେ ବର୍ଣ୍ଣନା କରାଯାଇଛି । କିନ୍ତୁ, 2017-18 ରେ ଆରମ୍ଭ ହୋଇଥିବା ଏହି ଯୋଜନା ଅନ୍ତର୍ଗତ ବୃକ୍ଷରୋପଣ ସମ୍ବନ୍ଧୀୟ ସୂଚନା ପ୍ରକାଶିତ ହୋଇନଥିଲା କିମ୍ବା ବିଭାଗ ଦ୍ୱାରା ଅଡିଟ୍‌କୁ ପ୍ରଦାନ କରାଯାଇ ନଥିଲା ।

ସାରଣୀ **2.5:** ଅନୁମୋଦିତ ପାଣ୍ଠିର ବିନିଯୋଗ ଏବଂ ବୃକ୍ଷରୋପଣର ଲକ୍ଷ୍ୟ ହାସଲ

| ବୃକ୍ଷରୋପଣ ବର୍ଷ | ପାଣ୍ଠି (ଟଙ୍କା ଲକ୍ଷରେ) | | ବ୍ଲକ ବୃକ୍ଷରୋପଣ (ହେକ୍ଟର) | | ବ୍ୟକ୍ତିଗତ ବୃକ୍ଷରୋପଣ (ହେକ୍ଟର) | | ଏଭେନ୍ୟୁ ବୃକ୍ଷରୋପଣ (ଆରକେଏମ୍) | |
|---|---|---|---|---|---|---|---|---|
| | ଅନୁମୋଦିତ | ବିନିଯୋଗ | ଅନୁମୋଦିତ | ବିନିଯୋଗ | ଅନୁମୋଦିତ | ବିନିଯୋଗ | ଅନୁମୋଦିତ | ବିନିଯୋଗ |
| 2013-14 | 13,557.09 | 6,661.12 | 25,782 | 8,313 | 30,757 | 29,774 | 3,000 | 3,506 |
| 2014-15 | 18,181.25 | 6,749.54 | 4,195 | 3,596 | 31,745 | 36,308 | 4,015 | 3,755 |
| 2015-16 | 14,134.99 | 8,056.32 | 10,117 | 2,109 | 29,330 | 26,245 | 4,138 | 3,340 |
| 2016-17 | 14,646.88 | 8,838.92 | 3,000 | 913 | 25,000 | 16,893 | 4,000 | 3,714 |
| **ମୋଟ** | **60,520.21** | **30,305.9** | **46,094** | **14,931** | **1,41,832** | **1,09,220** | **19,153** | **14,315** |
| କମତିର ପ୍ରତିଶତ | *50* | | *68* | | *23* | | *25* | |

*(ଉତ୍ସ: ଡିଭିଜନର ବାର୍ଷିକ କାର୍ଯ୍ୟକଳାପ ରିପୋର୍ଟ ଏବଂ ପିସିସିଏଫ୍ (ଓ)ଙ୍କ ଦ୍ୱାରା ପ୍ରଦତ୍ତ ସୂଚନା)*

ଉପରୋକ୍ତ ସାରଣୀରୁ ଏହା ଲକ୍ଷ୍ୟ କରାଯାଇପାରେ ଯେ 50 ପ୍ରତିଶତ ପାଣ୍ଠି ବିନିଯୋଗ କରାଯାଇ ନଥିଲା ଏବଂ ବୃକ୍ଷରୋପଣ କାର୍ଯ୍ୟକଳାପରେ କମତି 23 ରୁ 68 ପ୍ରତିଶତ ମଧ୍ୟରେ ଥିଲା । ପୁନଶ୍ଚ, ଏଫ୍‌ପିଏମ୍ 1977 ର ନିୟମ 130( b) ଅନୁଯାୟୀ, ନିୟମିତ ମୌସୁମୀ ବର୍ଷା ସମୟରେ ଆରମ୍ଭ କରି ଜୁଲାଇ ସୁଦ୍ଧା ଚାରା ରୋପଣ କାର୍ଯ୍ୟ ଶେଷ ହେବ । ସେହି ଅନୁଯାୟୀ, ଏହି ଯୋଜନା ଅନ୍ତର୍ଗତ ବୃକ୍ଷରୋପଣ କାର୍ଯ୍ୟକ୍ରମ ପାଇଁ ପ୍ରସ୍ତାବଗୁଡ଼ିକ ଦାଖଲ ଏବଂ ବୃକ୍ଷ ରୋପଣ ଋତୁ ପୂର୍ବରୁ ଅନୁମୋଦନ କରାଯିବା ଉଚିତ୍ । ଚୟନ ହୋଇଥିବା ବିଭାଜନ ଗୁଡ଼ିକରେ ବୃକ୍ଷରୋପଣର ଲକ୍ଷ୍ୟ ଏବଂ ସଫଳତାକୁ ଅଡିଟ୍ ବିଶ୍ଳେଷଣ କରିଥିଲା । ଅଡିଟ୍ ବିଶ୍ଳେଷଣ ନିମ୍ନଲିଖିତ ତଥ୍ୟ ପ୍ରକାଶ କଲା:

- ❖ ଏହା ଦେଖାଗଲା ଯେ ବୃକ୍ଷରୋପଣ ପାଇଁ 527 ଟି ପ୍ରକଳ୍ପ ପ୍ରସ୍ତାବ ପାଞ୍ଚଟି ଡିଏଫ୍‌ଓ[8]ଙ୍କ ଦ୍ୱାରା ବିଳମ୍ବିତ ଭାବରେ ଅର୍ଥାତ୍ ମଇ ରୁ ଜୁଲାଇ ମଧ୍ୟରେ ଅନୁମୋଦନ ପାଇଁ ଦାଖଲ କରାଯାଇଥିଲା ଏବଂ ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ପ୍ରାଧିକରଣଙ୍କ ଦ୍ୱାରା ସେଗୁଡ଼ିକ ସେହି ବର୍ଷର ଜୁଲାଇ/ ଅଗଷ୍ଟରେ ଅନୁମୋଦିତ ହୋଇଥିଲା । କିନ୍ତୁ, ତିନୋଟି[9] ଡିଏଫ୍‌ଓ ଠିକ୍ ସମୟରେ ଯଥା- 2013-14, 2015-16 ଏବଂ 2017-18 ମଧ୍ୟରେ ବୃକ୍ଷରୋପଣ ଋତୁ ପୂର୍ବରୁ 95ଟି ପ୍ରକଳ୍ପ ଦାଖଲ କରିଥିଲେ ଯାହା ଡିଆରଡିଏ ଦ୍ୱାରା ଠିକ୍ ସମୟରେ ଅନୁମୋଦିତ ହୋଇଥିଲା । ଡିଏଫ୍‌ଓ ଏବଂ ଡିଆରଡିଏ ମଧ୍ୟରେ ତଥା ବିଭାଗ ସ୍ତରରେ ସମନ୍ୱୟର ଅଭାବ ଏବଂ ଉପରୋକ୍ତ ଅବଧିରେ ବୃକ୍ଷରୋପଣ କାର୍ଯ୍ୟକ୍ରମ କାର୍ଯ୍ୟକାରୀ କରିବା ପାଇଁ ପ୍ରତ୍ୟେକ ବିଭାଗରେ ଡିଏଫ୍‌ଓଙ୍କ ଦ୍ୱାରା ଜବ୍‌କାର୍ଡଧାରୀଙ୍କ ଉପଲବ୍ଧତାର ନିର୍ଦ୍ଧାରଣ ନହେବା ଏହି କମତିର କାରଣ ଥିଲା । ଏଥିଯୋଗୁଁ ବୃକ୍ଷରୋପଣ କାର୍ଯ୍ୟକ୍ରମରେ ଧାର୍ଯ୍ୟ ଲକ୍ଷ୍ୟ ହାସଲ ହୋଇପାରି ନଥିଲା ।

- ❖ ଡିଆରଡିଏ ଦ୍ୱାରା ଯଦିଓ ପାଣ୍ଠି ଠିକ୍ ସମୟରେ ଅନୁମୋଦିତ ହୋଇଥିଲା ଏବଂ ଅନୁମୋଦିତ ପ୍ରକଳ୍ପଗୁଡ଼ିକ ଉପରେ ବିଭାଜନ ଗୁଡ଼ିକୁ ଏଫ୍‌ଏମ୍‌ଏସ୍ ମାଧ୍ୟମରେ ଉପଲବ୍ଧ ଥିବା ପାଣ୍ଠି ପ୍ରଦାନ କରାଯାଇଥିଲା, ବୃକ୍ଷରୋପଣ ଲକ୍ଷ୍ୟ ହାସଲ କରିବା ପାଇଁ ଡିଏଫ୍‌ଓମାନେ ଏହି ପାଣ୍ଠିକୁ ସମ୍ପୂର୍ଣ୍ଣ ଭାବରେ ବ୍ୟବହାର କରିପାରି ନଥିଲେ ।

- ❖ ଏହା ମଧ୍ୟ ଲକ୍ଷ୍ୟ କରାଯାଇଥିଲା ଯେ ଏହି ଯୋଜନା ଅନ୍ତର୍ଗତ ବୃକ୍ଷରୋପଣକୁ ପର୍ଯ୍ୟାଲୋଚନା କରିବା ପାଇଁ ବିଭାଜନ-ଓ୍ୱାରୀ ଜବ୍ କାର୍ଡଧାରୀଙ୍କ ଉପଲବ୍ଧତା, ପିସିସିଏଫ୍ (ଓ ଏବଂ ଏଚ୍‌ଓଏଫ୍‌ଏଫ୍)ଙ୍କ ନିକଟରେ ଉପଲବ୍ଧ ନଥିଲା ।

- ❖ ଡିଏଫ୍‌ଓମାନେ ଏମ୍‌ଜିଏନ୍‌ଆରଇଜିଏସ୍ ଅଧିନରେ ବିଭିନ୍ନ ଜଙ୍ଗଲ କାର୍ଯ୍ୟ କାର୍ଯ୍ୟକାରୀ କରିବା ପାଇଁ ଡିଆରଡିଏ ଦ୍ୱାରା ଅନୁମୋଦିତ ସର୍ବମୋଟ ମ୍ୟାନ୍‌ଡେଜ୍ ବ୍ୟବହାର କରିନଥିଲେ ଯଦିଓ ଜବ୍ କାର୍ଡଧାରୀ ଏବଂ ପାଣ୍ଠି ଉପଲବ୍ଧ ଥିଲା । ଏହି ଯୋଜନା ଅଧିନରେ ବୃକ୍ଷରୋପଣ କାର୍ଯ୍ୟର ଯୋଜନା ଏବଂ କାର୍ଯ୍ୟାନ୍ୱୟନ ଉପରେ ଏହା ପ୍ରତିକୂଳ ପ୍ରଭାବ ପକାଇଥିଲା । ମ୍ୟାନ୍‌ଡେଜ୍ ଉପଯୋଗ ଉପରେ ସିଦ୍ଧାନ୍ତ ***ଅନୁଚ୍ଛେଦ 2.1.4.5*** ରେ ବର୍ଣ୍ଣନା କରାଯାଇଛି ।

---

[8] ଡିଏଫ୍‌ଓ, ବାମରା (ବନ୍ୟଜୀବ) (92), ଦେଓଗଡ଼ (61), କେନ୍ଦୁଝର (100), ରାୟଗଡ଼ା (215) ଏବଂ ସୁନ୍ଦରଗଡ଼ (159)

[9] ଦେଓଗଡ଼ (2015-16 = 12 ଏବଂ 2017-18 = 10), କେନ୍ଦୁଝର (2013-14 = 20) ଏବଂ ରାୟଗଡ଼ା 2017-18 =53)

ସରକାର ଦର୍ଶାଇଲେ (ଅକ୍ଟୋବର 2021) ଯେ ଡିଆରଡିଏ ଦ୍ୱାରା ପ୍ରସ୍ତାବ ଅନୁମୋଦନରେ ବିଳମ୍ବ, ଜଙ୍ଗଲ ଅଞ୍ଚଳରେ ଜବ୍ କାର୍ଡଧାରୀ ଉପଲବ୍ଧ ନଥିବା ଏବଂ କମ୍ ବେତନ ହାର ପାଇଁ ଶ୍ରମିକମାନେ କାମ କରିବାକୁ ଅନିଚ୍ଛା ପ୍ରକାଶ କରିବା ଯୋଗୁଁ ଏହି ଯୋଜନା ଅନ୍ତର୍ଗତ ଲକ୍ଷ୍ୟ ହାସଲ ପର୍ଯ୍ୟାପ୍ତ ମାତ୍ରାରେ ହୋଇପାରି ନଥିଲା। ଉତ୍ତର ଗ୍ରହଣୀୟ ନୁହେଁ, ଯେହେତୁ ଏହା ଉପରୋକ୍ତ ଡିବାନ୍ତ ଗୁଡ଼ିକରୁ ଦେଖାଯାଇପାରେ ଯେ ଜବ୍ କାର୍ଡଧାରୀ ଉପଲବ୍ଧ ଥିବା ସତ୍ତ୍ୱେ ବିଭାଜନଗୁଡ଼ିକ ଅନୁମୋଦିତ ମ୍ୟାନ୍‌ଡେଜଗୁଡ଼ିକୁ ସମ୍ପୂର୍ଣ୍ଣ ଭାବରେ ବ୍ୟବହାର କରିନଥିଲେ। ଆହୁରି ମଧ୍ୟ, ଯେହେତୁ ଡିଏଫ୍‌ଓମାନେ ପ୍ରକଳ୍ପ ପ୍ରସ୍ତାବଗୁଡ଼ିକ ବିଳମ୍ବରେ ଦାଖଲ କରିଥିଲେ, ଡିଆରଡିଏ ଦ୍ୱାରା ଅନୁମୋଦନରେ ମଧ୍ୟ ବିଳମ୍ବ ହୋଇଥିଲା। ଯେହେତୁ ମଞ୍ଜୁରୀପ୍ରାପ୍ତ ପ୍ରକଳ୍ପ ଅନୁଯାୟୀ ପାଣ୍ଠି ଉପଲବ୍ଧ ଥିଲା ଏବଂ ପିଏଫ୍‌ଏମ୍‌ଏସ୍ ମାଧ୍ୟମରେ ପ୍ରକୃତ ଖର୍ଚ୍ଚ ଆଧାରରେ ପାଣ୍ଠି ପ୍ରଦାନ କରାଯାଇଥିଲା, ପାଣ୍ଠି ଆବଣ୍ଟନରେ ବିଳମ୍ବ ଠିକ୍ ମନେ ହେଉନାହିଁ। ଅଧିକନ୍ତୁ, ଏହି ଯୋଜନା ଅନ୍ତର୍ଗତ ମଜୁରୀ ହାର କେନ୍ଦ୍ର ସରକାର ଅନୁମୋଦନ କରିଥିଲେ ଏବଂ ଏହା ରାଜ୍ୟର ଅନ୍ୟ ସମସ୍ତ ମୁଖ୍ୟ ବିଭାଗ ପାଇଁ ପ୍ରଯୁଜ୍ୟ ଅଟେ।

### 2.1.5.2 ମ୍ୟାନ୍‌ଡେଜ୍ ଉପଯୋଗରେ ଅଭାବ

ଚୟନ କରାଯାଇଥିବା ବିଭାଜନ ଗୁଡ଼ିକରେ ଏମ୍‌ଜିଏନ୍‌ଆର୍‌ଜିଏସ୍ ଅଧିନରେ ବୃକ୍ଷରୋପଣ କାର୍ଯ୍ୟକଳାପକୁ କାର୍ଯ୍ୟକାରୀ କରିବା ସମ୍ପର୍କିତ ମ୍ୟାନ୍‌ଡେଜ୍‌ର ଅନୁମୋଦନ ଏବଂ ଉପଯୋଗର ସ୍ଥିତି[10]କୁ ଅଡିଟ୍ ବିଶ୍ଳେଷଣ କରିଥିଲା। ଅଡିଟ୍ ସଂପୃକ୍ତ ଡିଆରଡିଏ ଗୁଡ଼ିକରୁ ପ୍ରାସଙ୍ଗିକ ମ୍ୟାନ୍‌ଡେଜ୍ ମଞ୍ଜୁର ଏବଂ ଉପଯୋଗ ତଥ୍ୟ ହାସଲ କରିଥିଲା। ଅଡିଟ୍ ଲକ୍ଷ୍ୟ କଲା ଯେ 2013-18 ମଧ୍ୟରେ ବୃକ୍ଷରୋପଣ ସମେତ ବିଭିନ୍ନ କାର୍ଯ୍ୟ କାର୍ଯ୍ୟକାରୀ କରିବା ପାଇଁ ଚୟନ କରାଯାଇଥିବା 13ଟି ବିଭାଜନକୁ ମୋଟ ୨୪.93 ଲକ୍ଷ ମ୍ୟାନ୍‌ଡେଜ୍ ମଞ୍ଜୁର କରାଯାଇଥିଲା। ସେଥିମଧ୍ୟରୁ 2,013 ଟି ବୃକ୍ଷରୋପଣ ଅନ୍ତର୍ଭୁକ୍ତ ଥିବା 5,100 ଜଙ୍ଗଲ ପ୍ରକଳ୍ପ ପାଇଁ କେବଳ 51.04 ଲକ୍ଷ ମ୍ୟାନ୍‌ଡେଜ୍ (51.5୪ ପ୍ରତିଶତ) ଉପଯୋଗ କରାଯାଇଥିଲା। ବିଭାଜନଗୁଡ଼ିକରେ ମ୍ୟାନ୍‌ଡେଜ୍ ଉପଯୋଗର ପ୍ରତିଶତ 15 ରୁ ୨6 ପର୍ଯ୍ୟନ୍ତ ଥିଲା।

13 ଟି ଜଙ୍ଗଲ ବିଭାଜନ ମଧ୍ୟରୁ ସାତଟି ବିଭାଜନରେ ପାଣ୍ଠି ଆବଣ୍ଟନ ଏବଂ ବିନିଯୋଗ ଉପରେ ଉପଲବ୍ଧ ଥିବା ସୂଚନା ଆଧାରରେ ବିଶ୍ଳେଷଣ କରାଯାଇଥିଲା ଯାହା **ସାରଣୀ 2.6** ରେ ବର୍ଣ୍ଣନା କରାଯାଇଅଛି।

**ସାରଣୀ 2.6: ବିଭାଜନ ଓ୍ୱାରୀ ପାଣ୍ଠି ଏବଂ ମ୍ୟାନ୍‌ଡେଜ୍ ଉପଯୋଗ**

| କ୍ର.ସଂ. | ବିଭାଜନର ନାମ | ବାସ୍ତବିକ ସଫଳତା | | ପରିମାଣ(ଟଙ୍କା ଲକ୍ଷରେ) | | ପାଣ୍ଠିର ବିନିଯୋଗରେ ଅଭାବର ପ୍ରତିଶତ {(5-6)/5 x 100} | ମ୍ୟାନଡେଜ (ସଂଖ୍ୟାରେ) | | |
|---|---|---|---|---|---|---|---|---|---|
| | | ହେକ୍ଟର | ଆରକେ ଏମ୍ | ଆବଣ୍ଟିତ | ବିନିଯୋଗ | | ସୃଷ୍ଟି | କମ୍ପତି {(8/10) x 7} | ଉପଯୋଗ ମ୍ୟାନଡେଜର ପ୍ରତିଶତ {100 – (7)} |
| *1* | *2* | *3* | *4* | *5* | *6* | *7* | *8* | *9* | *10* |
| 1 | ବାମରା ବନ୍ୟଜନ୍ତୁ | 1,100 | 271 | 483.76 | 305.82 | 36.78 | 1,13,345 | 65,949 | 63.22 |
| 2 | ଜୟପୁର | 3,290 | 263 | 1210.13 | 673.07 | 44.38 | 2,29,453 | 1,83,086 | 55.62 |
| 3 | କେନ୍ଦୁଝର | 4,883 | 472 | 1936.96 | 950.30 | 50.94 | 2,90,053 | 3,01,151 | 49.06 |
| 4 | ବୌଦ୍ଧ | 1,941 | 302 | 994.79 | 443.34 | 55.43 | 1,54,385 | 1,92,032 | 45.47 |
| 5 | ସୁନ୍ଦରଗଡ଼ | 5838 | 455 | 2186.24 | 1120.47 | 48.75 | 269254 | 256109 | 51.25 |
| 6 | ମାଲକାନଗିରି | 2020 | 195 | 799.76 | 435.15 | 45.59 | 205249 | 171977 | 54.41 |
| 7 | ରାଉରକେଲା | 7030 | 613 | 2446.43 | 1905.56 | 22.11 | 805183 | 228541 | 77.89 |
| | ମୋଟ | **26105** | **2575** | **10063.07** | **5839.71** | | **2066930** | **1398854** | |

*ଉତ୍ସ: ସଂପୃକ୍ତ ଡିଏଫ୍‌ଓ ମାନଙ୍କ ଦ୍ୱାରା ଦାଖଲ କରାଯାଇଥିବା ସୂଚନା*

ଉପରୋକ୍ତ ସାରଣୀରୁ ଏହା ଦେଖାଗଲା ଯେ 2013-18 ମଧ୍ୟରେ ଆର୍ଥିକ ବିନିଯୋଗରେ ଅଭାବ 22.11 ରୁ 55.43 ପ୍ରତିଶତ ମଧ୍ୟରେ ଥିଲା। ବୃକ୍ଷରୋପଣ କାର୍ଯ୍ୟକ୍ରମ ସମେତ ସମସ୍ତ କାର୍ଯ୍ୟକଳାପ ପାଇଁ ବିଭାଜନ ଗୁଡ଼ିକ 48,47,471 ମ୍ୟାନ୍‌ଡେଜ୍ ମଞ୍ଜୁର ନେବା ସତ୍ତ୍ୱେ ଡିଏଫ୍‌ଓମାନେ ସେମାନଙ୍କ ଆବଶ୍ୟକତା ଅନୁଯାୟୀ ମ୍ୟାନ୍‌ଡେଜ୍ ଉପଯୋଗ କରିବାରେ ବିଫଳ ହୋଇଥିଲେ ଏବଂ ମୋଟ ମଞ୍ଜୁରୀ ପ୍ରାପ୍ତ ମ୍ୟାନ୍‌ଡେଜର 45.47 ରୁ 77.89 ପ୍ରତିଶତ ମଧ୍ୟରେ ଉପଯୋଗ କରିପାରିଥିଲେ। ଏହା ଡିଏଫ୍‌ଓମାନଙ୍କ ଦ୍ୱାରା ଏହି ଯୋଜନା ଅନ୍ତର୍ଗତ ବୃକ୍ଷରୋପଣ

[10] ପିସିସିଏଫ୍, ଓଡ଼ିଶା ପରିଶିଷ୍ଟ III ଦ୍ୱାରା ସମୀକ୍ଷା ପାଇଁ ସୂଚନା ପ୍ରଦାନ କରାଯାଇଛି

କାର୍ଯ୍ୟକଳାପ କାର୍ଯ୍ୟକାରୀ କରିବାରେ ଯୋଜନାର ଅଭାବ ଥିବା ଦର୍ଶାଇଲା । ବୃକ୍ଷରୋପଣ କାର୍ଯ୍ୟକ୍ରମର ପ୍ରଭାବୀ କାର୍ଯ୍ୟକାରିତା ପାଇଁ ଜବ୍‌କାର୍ଡଧାରୀ ଏବଂ ମ୍ୟାନ୍‌ଡେଜର ଉପଲବ୍ଧତା ସୁନିଶ୍ଚିତ କରିବା ନିମନ୍ତେ ଡିଏଫ୍‌ଓ ମାନେ ଡିଆର୍‌ଡିଏ ସହିତ ମଧ୍ୟ ସମନ୍ୱୟ ରକ୍ଷା କରିନଥିଲେ ।

ଏହାର ଉତ୍ତରରେ ସରକାର ଦର୍ଶାଇଲେ (ଅକ୍ଟୋବର 2021) ଯେ, ଜବ୍ କାର୍ଡଧାରୀ ଉପଲବ୍ଧ ନଥିବା, କମ୍ ବେତନ ହାର ଏବଂ ପ୍ରକଳ୍ପ ଅନୁମୋଦନରେ ବିଳମ୍ବ ହେତୁ ମ୍ୟାନ୍‌ଡେଜ୍‌ରେ ଅଭାବ ଥିଲା । ଉତ୍ତର ଗ୍ରହଣୀୟ ନଥିଲା ଯେହେତୁ ଡିଆର୍‌ଡିଏ ଦ୍ୱାରା ଦିଆଯାଇଥିବା ସୂଚନା ଅନୁଯାୟୀ ବିଭାଜନରେ ଜବ୍ କାର୍ଡଧାରୀ ଉପଲବ୍ଧ ଥିଲେ କିନ୍ତୁ ବିଭାଜନ ଗୁଡ଼ିକ ସେମାନଙ୍କ ଆବଶ୍ୟକତା ଅନୁଯାୟୀ ମ୍ୟାନ୍‌ଡେଜ୍ ଉପଯୋଗ କରିପାରିନଥିଲେ । ପ୍ରକଳ୍ପ ଗୁଡ଼ିକର ଠିକ୍ ସମୟରେ ଅନୁମୋଦନ ପାଇଁ ଡିଏଫ୍‌ଓମାନେ ସଂପୃକ୍ତ ଡିଆର୍‌ଡିଏ ସହିତ ସମନ୍ୱୟ ମଧ୍ୟ ରକ୍ଷା କରିନଥିଲେ । ଡିଏଫ୍‌ଓ ଏବଂ ଡିଆର୍‌ଡିଏ ମଧ୍ୟରେ ସମନ୍ୱୟର ଅଭାବ, ଲକ୍ଷ୍ୟ ହାସଲ କରି ନ ପାରିବାର ମୁଖ୍ୟ କାରଣ ଥିଲା ।

### 2.1.5.3 ରକ୍ଷଣାବେକ୍ଷଣ ନହେବା କାରଣରୁ ଅସଫଳ ବୃକ୍ଷରୋପଣ

ଜଙ୍ଗଲ ବୃକ୍ଷରୋପଣ ମାନୁଆଲ, 1977 ର ନିୟମ 35 ଅଧୀନରେ ଥିବା "ବୃକ୍ଷରୋପଣ ସମୟ ସାରଣୀ"ରେ ଦର୍ଶାଯାଇଛି ଯେ ବୃକ୍ଷରୋପଣ ସହିତ ଜଡ଼ିତ ସମସ୍ତ କାର୍ଯ୍ୟ ସମୟ ସୀମାବଦ୍ଧ ଅଟେ । ଯଦି ସଂପୃକ୍ତ କୌଣସି କାର୍ଯ୍ୟ ବିଳମ୍ବ ହୁଏ, ତେବେ ପୁରା ବୃକ୍ଷରୋପଣ ସଫଳତା ବିପଦରେ ପଡ଼ିଥାଏ । ବିଳମ୍ବରେ ଆରମ୍ଭ ହେଲେ ଗମ୍ଭୀର ପରିଣାମ ହେବା ପ୍ରାୟ ନିଶ୍ଚିତ ଥାଏ । ତେଣୁ, ବୃକ୍ଷରୋପଣ ସଂପର୍କରେ ସମସ୍ତ କାର୍ଯ୍ୟକଳାପ ପାଇଁ ଏକ ସବିଶେଷ ସମୟ ସାରଣୀ ପ୍ରସ୍ତୁତ କରିବା ଏବଂ ଏହାକୁ କଠୋର ଭାବରେ ପାଳନ କରିବା ଆବଶ୍ୟକ । ନିୟମ 30 ଅନୁଯାୟୀ, ବୃକ୍ଷରୋପଣ ସ୍ଥଳର ମୃତ୍ତିକା ପ୍ରୋଫାଇଲ୍ ପରୀକ୍ଷା କରାଯିବା ଆବଶ୍ୟକ ଏବଂ ବିଭିନ୍ନ ଭୂଖଣ୍ଡରେ ପ୍ରୟୋଗ କରାଯିବାକୁ ଥିବା ଉପଚାର ଯତ୍ନର ସହ ଯୋଜନା କରାଯିବା ଉଚିତ୍ । ପୁନଶ୍ଚ, ନିୟମ 130 (ଚ) ଅନୁଯାୟୀ, ନିୟମିତ ମୌସୁମୀ ବର୍ଷା ସମୟରେ ଆରମ୍ଭ କରି ଜୁଲାଇ ସୁଦ୍ଧା ବୃକ୍ଷରୋପଣ ଶେଷ ହେବ । ବୃକ୍ଷରୋପଣ କେବଳ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଅଧୀନରେ କରାଯାଇଥିଲା କିମ୍ବା ରାଜ୍ୟ ଯୋଜନା ଠାରୁ ଏମ୍‌ଜିଏନ୍‌ଆର୍‌ଇଜିଏସ୍[11] ସହିତ ମିଶ୍ରଣ କରି କରାଯାଇଥିଲା । ସମ୍ମିଶ୍ରଣର ବ୍ୟବସ୍ଥା ଅନୁଯାୟୀ, ବୃକ୍ଷରୋପଣର ପରବର୍ତ୍ତୀ ରକ୍ଷଣାବେକ୍ଷଣ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ପାଣ୍ଠି ବ୍ୟତୀତ ଅନ୍ୟ ପାଣ୍ଠି ଦ୍ୱାରା ବହନ କରାଯିବ ।

ସେହିଭଳି, ପରିଚାଳନା ଯୋଜନା ପ୍ରଣାଳୀ ସଂହିତା (ସିଏମ୍‌ପିପି), 1990 ର ନିୟମ 2.98 ଅନୁଯାୟୀ, ଉତ୍ତମ ଗୁଣାବତ୍ତା ସ୍ଥାନରେ 60 ପ୍ରତିଶତ ଏବଂ ତଦୁର୍ଦ୍ଧ୍ୱ ବଞ୍ଚିଥିବା ବୃକ୍ଷଗୁଡ଼ିକ ଦୀର୍ଘ ମିଆଦି ଫସଲ ପାଇଁ ସଫଳ ବୋଲି କୁହାଯାଇପାରେ । 40 ରୁ 60 ପ୍ରତିଶତ ମଧ୍ୟରେ ବଞ୍ଚିବା ଆଂଶିକ ସଫଳ ଏବଂ 40 ପ୍ରତିଶତରୁ କମ୍ ବଞ୍ଚିବା ବିଫଳ ବୃକ୍ଷରୋପଣ ବୋଲି କୁହାଯାଇପାରେ ।

ବିଭାଗର ବାର୍ଷିକ କାର୍ଯ୍ୟକଳାପ ରିପୋର୍ଟ ଅନୁଯାୟୀ, 2013-17 ମଧ୍ୟରେ 14,315 ଆର୍‌କେଏମ୍ ଆଭେନ୍ୟୁ ବୃକ୍ଷରୋପଣ ବ୍ୟତୀତ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଅଧୀନରେ 1,24,151 ହେକ୍ଟର ଜମିରେ 2,013 ବୃକ୍ଷରୋପଣ କରାଯାଇଥିଲା । ଏହା ଲକ୍ଷ୍ୟ କରାଗଲା ଯେ ପ୍ରଥମ 2013 ବୃକ୍ଷରୋପଣ ମଧ୍ୟରୁ 11,296 ହେକ୍ଟର ଜମି ସମ୍ବଳିତ 485 ଟି ବୃକ୍ଷରୋପଣ ଏବଂ 1,035 ଆର୍‌କେଏମ୍ ପାଇଁ ପ୍ରଥମ ବର୍ଷରେ 18.43 କୋଟି ଟଙ୍କା ବ୍ୟୟ ହୋଇ ଥିଲା । 2017-18 ରେ ଆରମ୍ଭ କରାଯାଇଥିବା ବୃକ୍ଷରୋପଣ ସମ୍ବନ୍ଧୀୟ ସୂଚନା ପ୍ରକାଶିତ ହୋଇନଥିଲା କିମ୍ବା ବିଭାଗ ଦ୍ୱାରା ଅଡିଟ୍‌କୁ ପ୍ରଦାନ କରାଯାଇ ନଥିଲା । ଅବଶ୍ୟ, ଦ୍ୱିତୀୟ ବର୍ଷରୁ ଏହି ବୃକ୍ଷରୋପଣ ପାଇଁ ଜରୁରୀକାଳିନ ପରିବର୍ତ୍ତନ, ସମ୍ପୂର୍ଣ୍ଣ ଅନାବନା ବୃକ୍ଷ ବାଛିବା ଏବଂ ଛେଦନ, ମୃତ୍ତିକା କାର୍ଯ୍ୟ ଏବଂ ଖାତ, ମୃତ୍ତିକା ସଂରକ୍ଷଣ ବ୍ୟବସ୍ଥା, ସାର ଏବଂ କୀଟନାଶକ, ଅଗ୍ନି ନିର୍ବାହକ ପଥ ଅନୁସନ୍ଧାନ ଏବଂ ଯାଞ୍ଚ ପଥ, ଜଳସେଚନ ଏବଂ ତଦାରଖ ପାଇଁ ଏହି ଯୋଜନା ଅଧୀନରେ ପାଣ୍ଠିର ଅଭାବ ହେତୁ ତଥା ସମ୍ମିଶ୍ରଣର ସର୍ତ୍ତ ଅନୁଯାୟୀ ଅନ୍ୟ ଯୋଜନାଗୁଡ଼ିକରୁ କୌଣସି ଖର୍ଚ୍ଚ କରାଯାଇ ନଥିଲା । ଏହିପରି, ଏହି ବୃକ୍ଷରୋପଣରେ ରକ୍ଷଣାବେକ୍ଷଣ କାର୍ଯ୍ୟ କରାଯାଇନଥିଲା ଏବଂ ସେମାନଙ୍କର ବଞ୍ଚିବା ଅନିଶ୍ଚିତତା ମଧ୍ୟରେ ରହିଥିଲା ଯାହା **ପରିଶିଷ୍ଟ -3** ରେ ବିସ୍ତୃତ ଭାବରେ ଦର୍ଶାଯାଇଛି ।

---

11 ଭଜ: ପିସିସିଏଫ୍(ଓ) ପତ୍ର ସଂଖ୍ୟା. 8781 ତା- 03.5.2016

ସେହିଭଳି, ଚୟନ କରାଯାଇଥିବା ବିଭାଜନ ଦ୍ୱାରା ଦିଆଯାଇଥିବା ସୂଚନା ଅନୁଯାୟୀ, ପାଞ୍ଚଟି ବିଭାଜନ[12]ରେ 925 ହେକ୍ଟରରେ 35ଟି ବୃକ୍ଷରୋପଣ ଏବଂ 160 ଆର୍‌କେଏମ୍‌ରେ 2.78 କୋଟି ଟଙ୍କା ବ୍ୟୟ ହୋଇ ମଧ୍ୟ ବୃକ୍ଷରୋପଣ ବିଫଳ ଥିଲା କାରଣ ଉଦ୍ଭିଦଗୁଡ଼ିକର ବଞ୍ଚିବାର ହାର 40 ପ୍ରତିଶତରୁ କମ୍ ଥିଲା । 10ଟି[13] ବିଭାଜନରେ 4,585 ହେକ୍ଟରରେ 146 ଟି ବୃକ୍ଷରୋପଣ ଏବଂ 207 ଆରକେଏମ୍‌ରେ 9.13 କୋଟି ଟଙ୍କା ବ୍ୟୟ ସତ୍ତ୍ୱେ ବୃକ୍ଷରୋପଣ ଆଂଶିକ ବିଫଳ ଥିଲା କାରଣ ଉଦ୍ଭିଦଗୁଡ଼ିକର ବଞ୍ଚିବାର ଶତକଡ଼ା 40 ରୁ 60 ମଧ୍ୟରେ ଥିଲା । ଉପଯୁକ୍ତ ସମୟରେ ପାଣ୍ଠି ଉପଲବ୍ଧ ନ ହେବା ଯୋଗୁଁ ବୃକ୍ଷରୋପଣରେ ଭୌତିକ କାର୍ଯ୍ୟକଳାପ ଆରମ୍ଭ ହୋଇପାରି ନଥିଲା ଯାହାଫଳରେ ବୃକ୍ଷ ଗୁଡ଼ିକର ବଞ୍ଚିବାର ଶତକଡ଼ା କମ୍ ଥିଲା । ଏହିପରି, ସର୍ବମୋଟ 11.91 କୋଟି ଟଙ୍କାର ନିଷ୍ଫଳ ବ୍ୟୟ ହୋଇଥିଲା । ତେଣୁ, ଏହି ବିଭାଜନଗୁଡ଼ିକରେ ଯୋଜନାର ଧାର୍ଯ୍ୟ ଲକ୍ଷ୍ୟ ହାସଲ ହୋଇପାରି ନଥିଲା ।

ଏହିପରି ବୃକ୍ଷରୋପଣର ସ୍ଥିତି ଜାଣିବା ପାଇଁ, କ୍ଷେତ୍ର ଅଡିଟ୍ ସମୟରେ ନିମ୍ନଲିଖିତ ଏମ୍‌ଜିଏନ୍‌ଆରଇଜିଏସ୍ ବୃକ୍ଷରୋପଣ ସ୍ଥଳ ଗୁଡ଼ିକର ଜେପିଭି କରାଯାଇଥିଲା ଯାହା **ସାରଣୀ 2.7** ରେ ବର୍ଣ୍ଣନା କରାଯାଇଛି ।

**ସାରଣୀ 2.7: ଦୁଇଟି ବୃକ୍ଷରୋପଣ ସ୍ଥଳରେ ମିଳିତ ବାସ୍ତବିକ ଯାଞ୍ଚର ଫଳାଫଳ**

| କ୍ର.ସଂ. | ବିଭାଜନ | ରେଞ୍ଜ | ବୃକ୍ଷରୋପଣ ବର୍ଷ | ପ୍ରକାର | କ୍ଷେତ୍ର | ପଞ୍ଜିକା ଅନୁଯାୟୀ ବଞ୍ଚିବାର ପ୍ରତିଶତ | ଜେପିଭି ଅନୁଯାୟୀ ବଞ୍ଚିବାର ପ୍ରତିଶତ |
|---|---|---|---|---|---|---|---|
| 1. | ବାମରା (ବନ୍ୟ ପ୍ରାଣୀ) | ବାମରା (ବେଣ୍ଟବାଲ ଅଭୟାରଣ୍ୟ) | 2013-14 | ଏଏନଆର | 50 ହେକ୍ଟର | ପଞ୍ଜିକାରେ ଲିପିବଦ୍ଧ କରାଯାଇନଥିଲା | 50 |
| 2. | ମାଲକାନଗିରି | ମାଲକାନଗିରି (ବାହ୍ୟସ୍ଥଳ) | 2013-14 | ଏଏନଆର | 50 ହେକ୍ଟର | ପଞ୍ଜିକାରେ ଲିପିବଦ୍ଧ କରାଯାଇନଥିଲା | 32 |

ବାମରା ବନ୍ୟପ୍ରାଣୀ ବିଭାଜନରେ ଲକ୍ଷ୍ୟ କରାଗଲା ଯେ କେବଳ ଶାଗୁଆନ ଉଦ୍ଭିଦ ବଞ୍ଚିଥିଲା ଏବଂ ଅନ୍ୟ ପ୍ରଜାତି ଯଥା-ଗମ୍ଭାରୀ, ଜାମୁନ୍, ଆକାସିଆ ଇତ୍ୟାଦି ନଷ୍ଟ ହୋଇଯାଇଥିଲା । ବୃକ୍ଷରୋପଣର ଛଅ ବର୍ଷ ପରେ ଉଦ୍ଭିଦଗୁଡ଼ିକର ଉଚ୍ଚତା 3 ରୁ 18 ଫୁଟ ମଧ୍ୟରେ ଥିଲା । ମାଲକାନଗିରି ବିଭାଜନରେ ଦେଖାଯାଇଥିଲା ଯେ ଅଳ୍ପ କିଛି ଶାଗୁଆନ୍, କାଜୁ ଏବଂ ଚାକୁଣ୍ଡା ପ୍ରଜାତି ବଞ୍ଚିଥିଲେ ଏବଂ ବୃକ୍ଷରୋପଣର ଛଅ ବର୍ଷ ପରେ ମଧ୍ୟ ଉଦ୍ଭିଦଗୁଡ଼ିକର ଉଚ୍ଚତା ତିନି ରୁ ଆଠ ଫୁଟ୍ ମଧ୍ୟରେ ଥିଲା । ମୃତ୍ତିକାର ଗୁଣବତ୍ତା ଆକଳନ ପାଇଁ ବୃକ୍ଷରୋପଣ କାର୍ଯ୍ୟ ପୂର୍ବରୁ ବିଭାଜନଗୁଡ଼ିକ ମୃତ୍ତିକା ପରୀକ୍ଷା କରିନଥିଲେ । ମୃତ୍ତିକାର ଆର୍ଦ୍ରତା ସଂରକ୍ଷଣ (ଏସ୍‌ଏମ୍‌ସି) ପଦକ୍ଷେପ କୌଣସି ସ୍ଥଳରେ ମଧ୍ୟ ନିଆଯାଇନଥିଲା ।

ଏମ୍‌ଜିଏନ୍‌ଆରଇଜିଏସ୍ କିମ୍ବା ଅନ୍ୟ କୌଣସି ଯୋଜନାରୁ ପାଣ୍ଠି ଆବଣ୍ଟନ ନହେବା ଯୋଗୁଁ ଦ୍ୱିତୀୟ ବର୍ଷ ଠାରୁ ରକ୍ଷଣାବେକ୍ଷଣ କାର୍ଯ୍ୟ ହୋଇପାରି ନଥିଲା । ତେଣୁ, ବୃକ୍ଷରୋପଣର ପ୍ରଥମ ବର୍ଷ ପରେ ଅନାବନା ବୃକ୍ଷ ବାଛିବା, ସିଲଭିକଲଚର, ଏସ୍‌ଏମ୍‌ସି ଇତ୍ୟାଦି ଆବଶ୍ୟକୀୟ ରକ୍ଷଣାବେକ୍ଷଣ କାର୍ଯ୍ୟ କରାଯାଇନଥିଲା । ଏହାଦ୍ୱାରା ଅସମାନ ଅଭିବୃଦ୍ଧି ହୋଇଥିଲା ଏବଂ ହାରାହାରି ବଞ୍ଚିବା ପାଇଁ ବୃକ୍ଷରୋପଣ ବିଫଳ ହୋଇଥିଲା ।

ଅଡିଟ୍ ସିଦ୍ଧାନ୍ତକୁ ସ୍ୱୀକାର କରି ସରକାର ପ୍ରକାଶ କଲେ (ଅକ୍ଟୋବର 2021) ଯେ ଏହି ଯୋଜନା ଅଧୀନରେ ପାଣ୍ଠି ଆବଣ୍ଟନ ନ ହୋଇପାରିବାରୁ ଦ୍ୱିତୀୟ ବର୍ଷ ଠାରୁ ବୃକ୍ଷରୋପଣର ରକ୍ଷଣାବେକ୍ଷଣ ହୋଇପାରି ନଥିଲା, ଯାହାଫଳରେ ବୃକ୍ଷ ବଞ୍ଚିବାର ଶତକଡ଼ା କମ୍ ରହିଥିଲା ।

### 2.1.5.4 ସ୍ଥାନ ଚୟନରେ ଅନିୟମିତତା ହେତୁ ଅସଫଳ ବୃକ୍ଷରୋପଣ

ଅନୁର୍ବର, ଅନାବୃତ ଜମି, ନଷ୍ଟ ହୋଇଯାଇଥିବା ଜମି, ଖାଲି ସ୍ଥାନ ଏବଂ ଲାଟେରାଇଟ୍ ବିଖଣ୍ଡ[14] ଏବଂ କାନପିର ଘନତା କିମ୍ବା ମୂଳ ଷ୍ଟକ୍ 10 ପ୍ରତିଶତରୁ କମ୍ ଥିବା ଜଙ୍ଗଲ ଅଞ୍ଚଳରେ କୃତ୍ରିମ ପୁନରୁତ୍ପାଦନ(ଏଆର୍) କରାଯାଇଥାଏ ।

---

12 ବଲାଙ୍ଗିର (18), କେନ୍ଦୁଝର (ବନ୍ୟପ୍ରାଣୀ) (01), କେନ୍ଦୁଝର (02), ବାମରା (ବନ୍ୟପ୍ରାଣୀ) (03), ବୌଦ୍ଧ (11)

13 ବଲାଙ୍ଗିର (18), ରାଉରକେଲା (48), ରାୟଗଡ଼ା (37), ମାଲକାନଗିରି (7), କେନ୍ଦୁଝର (ବନ୍ୟ ପ୍ରାଣୀ) (03), କେନ୍ଦୁଝର (7), କଳାହାଣ୍ଡି (ଦକ୍ଷିଣ) (02), ବାମରା (ବନ୍ୟପ୍ରାଣୀ) (8), ବୌଦ୍ଧ (10) ଏବଂ କୋରାପୁଟ (6)

14 ମୃତ୍ତିକା ସ୍ତର ଯାହା ଲୁହା ଅକ୍ସାଇଡରେ ଭରପୁର ଏବଂ ବିଭିନ୍ନ ପ୍ରକାରର ପଥରରୁ ଉତ୍ପନ୍ନ

- ରାଉରକେଲା ବନ ବିଭାଜନ ଅଧୀନରେ ଥିବା ବିଶ୍ରା ରେଞ୍ଜର ନଥିଗୁଡ଼ିକର ଯାଞ୍ଚରୁ ଜଣାଗଲା ଯେ 2013-16 ମଧ୍ୟରେ 710 ହେକ୍ଟର ଏବଂ 10 ଆର୍‌କେଏମ୍ ଅନ୍ତର୍ଭୁକ୍ତ ଥିବା ନଅଟି[15] ବୃକ୍ଷରୋପଣ କାର୍ଯ୍ୟକ୍ରମ ଏହି ଯୋଜନା ଅଧୀନରେ କରାଯାଇଥିଲା । କରାଯାଇଥିବା କାର୍ଯ୍ୟ ଉପରେ ବୃକ୍ଷରୋପଣ ଖର୍ଚ୍ଚ ବିବରଣୀ, ବୃକ୍ଷରୋପଣ ପତ୍ରିକାରେ ଅଡିଟ୍ ପର୍ଯ୍ୟନ୍ତ (ଅଗଷ୍ଟ 2019) ନିର୍ଦ୍ଦିଷ୍ଟ ପଦ୍ଧତିରେ ଲିପିବଦ୍ଧ ହୋଇନଥିଲା । ଅଡିଟ୍‌କୁ ଦିଆଯାଇଥିବା ସୂଚନା ଅନୁଯାୟୀ 1.11 କୋଟି ଟଙ୍କା ବୃକ୍ଷରୋପଣ ପାଇଁ ଖର୍ଚ୍ଚ ହୋଇଥିଲା, କିନ୍ତୁ କାର୍ଯ୍ୟର କାର୍ଯ୍ୟକାରିତା ପାଇଁ ନିୟୋଜିତ ଶ୍ରମିକମାନଙ୍କର ଆବଶ୍ୟକୀୟ ମଷ୍ଟର ରୋଲ୍ ଅନୁରକ୍ଷଣ କରାଯାଇ ନଥିଲା ।

ଫଟୋଗ୍ରାଫ୍ ସଂଖ୍ୟା.1



ଉଭର ବିରୋବେଢ଼ା ଠାରେ ଥିବା ଏଏନ୍‌ଆର୍ ବୃକ୍ଷରୋପଣ ସ୍ଥଳ

ଉପରୋକ୍ତ ନଅଟି ବୃକ୍ଷରୋପଣ ମଧ୍ୟରୁ, ଉଭର ବିରୋବେଢ଼ା ଠାରେ ଗୋଟିଏ ଏଏନ୍‌ଆର୍ ବୃକ୍ଷରୋପଣ ସ୍ଥଳକୁ ଜେପିଭି ପାଇଁ ଚୟନ କରାଯାଇଥିଲା । ପତ୍ରିକା ଅନୁଯାୟୀ, ଶାଗୁଆନ୍, କରଞ୍ଜ, ନିମ୍ବ, ଆକାସିଆ, ସିମାରୁବା ଇତ୍ୟାଦି ପ୍ରଜାତିର ବୃକ୍ଷ ଲଗାଯାଇଥିଲା । କିନ୍ତୁ ଉଦ୍ଭିଦଗୁଡ଼ିକର ଉଚ୍ଚତା ସହିତ ବଞ୍ଚିବାର ଶତକଡ଼ା ଲିପିବଦ୍ଧ କରାଯାଇ ନଥିଲା । ସ୍ତମ୍ଭ ପୋଷ୍ଟିଂ, ସାଇନ୍ ବୋର୍ଡ, ଏସ୍‌ଏମ୍‌ସି ପରି ନିୟମିତ କାର୍ଯ୍ୟ ଲକ୍ଷ୍ୟ କରାଯାଇନଥିଲା । ବୃକ୍ଷରୋପଣର ଛଅ ବର୍ଷ ପରେ ଶାଗୁଆନ୍, ନିମ୍ବ ଏବଂ ଆକାସିଆ ଉଦ୍ଭିଦଗୁଡ଼ିକର ହାରାହାରି ଉଚ୍ଚତା ଦୁଇରୁ ଛଅ ଫୁଟ ସହ ବଞ୍ଚିବାର ଶତକଡ଼ା ମାତ୍ର 15 ପ୍ରତିଶତ ଥିଲା ଯାହା ଏହା ଏକ ବିଫଳ ବୃକ୍ଷରୋପଣ ବୋଲି ସୂଚିତ କରିଥିଲା । ପୁନଶ୍ଚ, ଅଡିଟ୍‌କୁ ଦିଆଯାଇଥିବା ସୂଚନା ଅନୁଯାୟୀ, ଅନ୍ୟ ଆଠଟି ବୃକ୍ଷରୋପଣରେ ବଞ୍ଚିବାର ଶତକଡ଼ା 60 ପ୍ରତିଶତ ଠାରୁ କମ୍ ଥିଲା । ଏହିପରି, ଗୋଟିଏ ବୃକ୍ଷରୋପଣ ବିଫଳ ଥିଲା ଏବଂ ଅନ୍ୟ ଆଠଟି ବୃକ୍ଷରୋପଣ ଆଂଶିକ ଭାବରେ ସଫଳ ଥିଲା ଯାହାର ସବିଶେଷ ବିବରଣୀ **ପରିଶିଷ୍ଟ-4** ରେ ବର୍ଣ୍ଣନା କରାଯାଇଅଛି । ତେଣୁ, ଏହି ନଅଟି ବୃକ୍ଷରୋପଣରେ ଖର୍ଚ୍ଚ ହୋଇଥିବା ମୋଟ 1.11 କୋଟି ଟଙ୍କା ନିଷ୍ଫଳ ବ୍ୟୟ ଥିଲା ।

(ଫଟୋଗ୍ରାଫ ସଂଖ୍ୟା.2)



ବାଲାପଦ୍ମା ଠାରେ କେସେରା ବଫରରେ ଥିବା ଏଆର୍ ବୃକ୍ଷରୋପଣ ସ୍ଥଳ

- ସେହିଭଳି, କେନ୍ଦୁଝର ବିଭାଜନରେ ବୃକ୍ଷରୋପଣ ପତ୍ରିକାର ଯାଞ୍ଚରୁ ଜଣାଗଲା ଯେ 2015-16 ରେ ତେଲକୋଇ ରେଞ୍ଜର ବାଲାପଦ୍ମା ଖେସାରୀ ଜଙ୍ଗଲ ମଧ୍ୟରେ 14.98 ଲକ୍ଷ ଟଙ୍କା ବ୍ୟୟରେ ଏକ 50 ହେକ୍ଟର ବ୍ଲକ୍ (ଏଆର୍) ଏହି ବୃକ୍ଷରୋପଣ (1600 ଚାରା ପ୍ରତି ହେକ୍ଟର) କରାଯାଇଥିଲା । ବୃକ୍ଷରୋପଣ ସ୍ଥଳର ଜେପିଭି ସମୟରେ, ଏହା ଲକ୍ଷ୍ୟ କରାଯାଇଥିଲା ଯେ ଏହି ସ୍ଥାନଟି 50 ପ୍ରତିଶତ କାନପି ସାନ୍ଦ୍ରତା ଥିବା ଘଞ୍ଚ ଜଙ୍ଗଲ ମଧ୍ୟରେ ଅବସ୍ଥିତ ଏବଂ ଶାଳ ସେଠାରେ ମୁଖ୍ୟ ପ୍ରଜାତି ଥିଲା । ଏହି ବୃକ୍ଷରୋପଣ ଏହାର ଚତୁର୍ଥ ବର୍ଷରେ ଥିଲା । ପତ୍ରିକାରେ ଉଲ୍ଲେଖ କରାଯାଇଥିବା ଜାମୁ, ବାଉଁଶ, ଆମ୍ବ ଇତ୍ୟାଦି ଭଳି ଛୋଟ ପ୍ରଜାତି ଲକ୍ଷ୍ୟ କରାଯାଇ ନଥିଲା । ପ୍ରଜାତିର ହାରାହାରି ବଞ୍ଚିବାର ଶତକଡ଼ା 10 ରୁ 20 ଫୁଟ୍ ଉଚ୍ଚତା ସହିତ 35 ପ୍ରତିଶତ ଥିଲା । ଏହିପରି, ସିଏମ୍‌ପିପି, 1990 ର ନିୟମ 2.98 ଅନୁଯାୟୀ ଏହା ଏକ ବିଫଳ ବୃକ୍ଷରୋପଣ ଥିଲା ।

---

15 ଏଆର୍ -1, ଏଏନ୍‌ଆର୍ - 7 ଏବଂ ଆର୍କେଏମ୍-1

ଉପରୋକ୍ତ ବିଷୟଗୁଡ଼ିକରୁ ଏହା ସ୍ପଷ୍ଟ ହେଲା ଯେ ଉପରୋକ୍ତ ଏଆର୍ ନୀତି ବିରୁଦ୍ଧରେ ସ୍ଥାନ ଚୟନ ଅନୁପଯୁକ୍ତ ଥିଲା କାରଣ ଏହି କ୍ଷେତ୍ରଟି 10 ପ୍ରତିଶତରୁ କମ୍ କାନପି ଥିବା ଅନୁର୍ବର ଅଞ୍ଚଳ ପରିବର୍ତ୍ତେ ଘଞ୍ଚ ଜଙ୍ଗଲ ଥିଲା ।

ଅଡିଟ୍ ସିଦ୍ଧାନ୍ତକୁ ସ୍ୱୀକାର କରି ସରକାର ପ୍ରକାଶ କଲେ (ଅକ୍ଟୋବର 2021) ଯେ ବୃକ୍ଷରୋପଣ ସ୍ଥାନଗୁଡ଼ିକରେ ଦେଖାଯାଇଥିବା ଅସଙ୍ଗତିକୁ ଲିପିବଦ୍ଧ କରାଗଲା ଏବଂ ଦାୟୀ କର୍ମଚାରୀଙ୍କ ବିରୋଧରେ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ।

## 2.1.6 କ୍ଷତିପୂରଣ ବନୀକରଣ ପାଣ୍ଠି ପରିଚାଳନା ଏବଂ ଯୋଜନା ପ୍ରାଧିକରଣ ଅଧୀନରେ ବୃକ୍ଷରୋପଣ

ରାଜ୍ୟ ସିଏଏମ୍‌ପିଏ 2009 ଉପରେ ଏମ୍‌ଓଇଏଫ୍ ମାର୍ଗଦର୍ଶିକାର ଅନୁଚ୍ଛେଦ 9 (i) ଅନୁଯାୟୀ, ରାଜ୍ୟ କ୍ଷତିପୂରକ ବନୀକରଣ ପାଣ୍ଠି ପରିଚାଳନା ଏବଂ ଯୋଜନା ପ୍ରାଧିକରଣ (ସିଏଏମ୍‌ପିଏ) ର କାର୍ଯ୍ୟ ହେଉଛି ପାଣ୍ଠି ପ୍ରଦାନ, ତଦାରଖ କରିବା ଏବଂ ଜଙ୍ଗଲ ସଂରକ୍ଷଣ (ଏଫ୍‌ସି) ଅଧିନିୟମ, 1980 ଅନୁଯାୟୀ ଜଙ୍ଗଲ ଜମିକୁ ଅଣଜଙ୍ଗଲ ବ୍ୟବହାର ଉଦ୍ଦେଶ୍ୟରେ ପରିବର୍ତ୍ତନ ପାଇଁ କ୍ଷତିପୂରକ ବନୀକରଣ (ସିଏ) କୁ ପ୍ରୋତ୍ସାହନ ଦେବା । ଏହା ଆଡହକ୍ ସିଏଏମ୍‌ପିଏରେ ପ୍ରାପ୍ତ ପାଣ୍ଠିକୁ ପରିଚାଳନା କରିବ ଏବଂ କ୍ଷତିପୂରକ ବନୀକରଣ, ସହାୟକ ପ୍ରାକୃତିକ ପୁନରୁତ୍ପାଦନ, ଜଙ୍ଗଲର ସଂରକ୍ଷଣ ଏବଂ ସୁରକ୍ଷା, ଭିତ୍ତିଭୂମି ବିକାଶ, ବନ୍ୟପ୍ରାଣୀ ସଂରକ୍ଷଣ ଏବଂ ସୁରକ୍ଷା ତଥା ଅନ୍ୟାନ୍ୟ ଆନୁଷଙ୍ଗିକ କାର୍ଯ୍ୟକଳାପରେ ସଂଗୃହିତ ଅର୍ଥକୁ ବିନିଯୋଗ କରିବ ।

ପୁନଶ୍ଚ, କେନ୍ଦ୍ର ସରକାରଙ୍କ ଦ୍ୱିତୀୟ ପର୍ଯ୍ୟାୟ (ଚୂଡ଼ାନ୍ତ) ଅନୁମୋଦନରେ ଗୋଟିଏ ସର୍ତ୍ତ ରହିଛି ଯେ ଚିହ୍ନିତ ଅଣ-ଜଙ୍ଗଲ ଜମି କିମ୍ବା ଅବନତି ହୋଇଥିବା ଜଙ୍ଗଲ ଜମି ଉପରେ, ରାଜ୍ୟ ବନ ବିଭାଗ ଦ୍ୱାରା ଦ୍ୱିତୀୟ ପର୍ଯ୍ୟାୟ ନିକାସ ପ୍ରଦାନ ତାରିଖ ଠାରୁ ତିନି ବର୍ଷ ମଧ୍ୟରେ ସିଏ କରାଯିବ ଏବଂ ତା'ପରେ ବ୍ୟବହାରକାରୀ ସଂସ୍ଥା (ୟୁଏ) ଦ୍ୱାରା ରାଜ୍ୟ ସିଏଏମ୍‌ପିଏ ଆକାଉଣ୍ଟରେ ଜମା ହୋଇଥିବା ପାଣ୍ଠିରୁ ଅନୁମୋଦିତ ଯୋଜନା ଅନୁଯାୟୀ ରକ୍ଷଣାବେକ୍ଷଣ କରାଯିବ ।

### 2.1.6.1 କ୍ଷତିପୂରକ ବନୀକରଣ କାର୍ଯ୍ୟାନ୍ୱୟନ ଅଧୀନରେ ଧାର୍ଯ୍ୟ ଲକ୍ଷ୍ୟ ତୁଳନାରେ ଲକ୍ଷ୍ୟ ହାସଲ

ଜଙ୍ଗଲ ଜମିର ପରିବର୍ତ୍ତନ ଏବଂ ସିଏର କାର୍ଯ୍ୟକାରିତା ନଥିଗୁଡ଼ିକୁ ଅଡିଟ୍ ଯାଞ୍ଚ କରିଥିଲା । ଏହା ଦେଖାଗଲା ଯେ 2013-18 ମଧ୍ୟରେ ସ୍ଥିର ହୋଇଥିବା ସିଏର ସାଧାରଣ ଏବଂ ବ୍ୟାକ୍ ଲଗ୍ ବୃକ୍ଷରୋପଣ ଲକ୍ଷ୍ୟଗୁଡ଼ିକ ସମ୍ପୂର୍ଣ୍ଣ ରୂପେ ହାସଲ ହୋଇପାରି ନଥିଲା ଯାହା **ସାରଣୀ 2.8** ରେ ବିସ୍ତୃତ ଭାବରେ ବର୍ଣ୍ଣନା କରାଯାଇଛି ।

**ସାରଣୀ 2.8: କ୍ଷତିପୂରକ ବୃକ୍ଷରୋପଣ ଅଧୀନରେ ଧାର୍ଯ୍ୟ ଲକ୍ଷ୍ୟ ଏବଂ ଲକ୍ଷ୍ୟ ହାସଲ**

| ସିଏର ବର୍ଗ | ଧାର୍ଯ୍ୟ ଲକ୍ଷ୍ୟ (ହେକ୍ଟରରେ) | ଲକ୍ଷ୍ୟ ହାସଲ(ହେକ୍ଟରରେ) | କମ୍‌ତି(ହେକ୍ଟରରେ) |
|---|---|---|---|
| ସାଧାରଣ | 10,403.116 | 7,106.220 | 3,296.896 |
| ବ୍ୟାକ୍ ଲଗ୍ | 11,525.316 | 10,825.678 | 699.638[16] |
| **ମୋଟ** | **21,928.432** | **17,931.898** | **3,996.534** |

ଉପରୋକ୍ତ ସାରଣୀରୁ ଏହା ଦେଖାଯାଇପାରେ ଯେ ସାଧାରଣ (31.69 ପ୍ରତିଶତ) ଏବଂ ବ୍ୟାକ୍ ଲଗ୍ (6.07 ପ୍ରତିଶତ) ସିଏ, ଧାର୍ଯ୍ୟ ସମୟ ଯଥାକ୍ରମେ ତିନି ଏବଂ ପାଞ୍ଚ ବର୍ଷ ମଧ୍ୟରେ ସମ୍ପୂର୍ଣ୍ଣ ହୋଇପାରି ନଥିଲା । ଜିଲ୍ଲା ପ୍ରଶାସନ ସହ ସମନ୍ୱୟର ଅଭାବ ହେତୁ, ଅବକ୍ଷୟ ଜଙ୍ଗଲ ଜମି ଏବଂ ଅଣ-ଜଙ୍ଗଲ ଜମି ସମ୍ପର୍କରେ ସୂଚନା ବିଭାଗ ନିକଟରେ ଉପଲବ୍ଧ ନଥିଲା । ସିଏର ଧାର୍ଯ୍ୟ ଲକ୍ଷ୍ୟ ପୂରଣ ହୋଇନଥିବା ହେତୁ ପରିବର୍ତ୍ତନ କରାଯାଇଥିବା ଜମି ବଦଳରେ ଅବକ୍ଷୟ ହୋଇଥିବା ଜମିରେ ବୃକ୍ଷରୋପଣକୁ ସୁନିଶ୍ଚିତ କରିପାରି ନଥିଲା । ଏହା ମଧ୍ୟ ଏଫ୍‌ସି ଅଧିନିୟମ ଏବଂ ସିଏଏମ୍‌ପିଏ ମାର୍ଗଦର୍ଶିକାର ଏକ ଉଲ୍ଲଙ୍ଘନ ଥିଲା ।

[16] କେନ୍ଦୁଝର (ବନ୍ୟପ୍ରାଣୀ) - 259.178 ହେକ୍ଟର 2015-16 ବର୍ଷ , କେନ୍ଦୁଝର – 3 ହେକ୍ଟର 2015-16 ବର୍ଷ , କଟକ (ସହର) -377.244 ହେକ୍ଟର 2017-18ବର୍ଷ , ଘୁମୁସର (ଦକ୍ଷିଣ) – 11.966 ହେକ୍ଟର 2017-18ବର୍ଷ , କଳାହାଣ୍ଡି(ଦକ୍ଷିଣ) – 48.25 ହେକ୍ଟର 2017-18 ବର୍ଷ

ଅଡିଟ୍ ସିଦ୍ଧାନ୍ତକୁ ଗ୍ରହଣ କରି ସରକାର ପ୍ରକାଶ କଲେ (ଅକ୍ଟୋବର 2021) ଯେ କିଛି ମାମଲା ବ୍ୟତୀତ ସିଏ ପାଇଁ ଅଧିକାଂଶ ଲକ୍ଷ୍ୟ ଧାର୍ଯ୍ୟ ତିନି ବର୍ଷ ମଧ୍ୟରେ ହାସଲ କରାଯାଇଥିଲା ଏବଂ ଆଗାମୀ ବର୍ଷରେ ଅବଶିଷ୍ଟ ସିଏ ସମାପ୍ତ କରିବାକୁ ପଦକ୍ଷେପ ନିଆଯାଉଛି ।

### 2.1.6.2 ସିଏଏମ୍‌ପିଏ ଅଧିନରେ ହୋଇଥିବା ବୃକ୍ଷରୋପଣର ମିଳିତ ବାସ୍ତବିକ୍ ଯାଞ୍ଚ

ସିଏମ୍‌ପିପି, 1990 ର ନିୟମ 2.98 ଅନୁଯାୟୀ ଉତ୍ତମ ଗୁଣବତ୍ତା ଜମିରେ ଦୀର୍ଘ ମିଆଦୀ ଫସଲ ପାଇଁ ବୃକ୍ଷଗୁଡ଼ିକ 60 ପ୍ରତିଶତ ତଥା ତଦୂର୍ଦ୍ଧ ବଞ୍ଚିଲେ ସଫଳ ବୃକ୍ଷରୋପଣ ବୋଲି କୁହାଯାଇପାରେ । ସେହିଭଳି, 40 ରୁ 60 ପ୍ରତିଶତ ମଧ୍ୟରେ ବଞ୍ଚିଲେ ଆଂଶିକ ସଫଳ ଏବଂ 40 ପ୍ରତିଶତରୁ କମ୍ ବଞ୍ଚିଲେ ବିଫଳ ବୃକ୍ଷ ରୋପଣ ବୋଲି କୁହାଯାଇପାରେ । ପୁନଶ୍ଚ, ଉପରୋକ୍ତ ସଂହିତାର ନିୟମ 2.97 ଅନୁଯାୟୀ, ବୃକ୍ଷରୋପଣ ସର୍ବେକ୍ଷଣରେ, ତିନି ବର୍ଷରୁ ଅଧିକ ବୃକ୍ଷରୋପଣକୁ ଅନ୍ତର୍ଭୁକ୍ତ କରାଯିବା ଆବଶ୍ୟକ ।

ଅଡିଟ୍ ପାଇଁ ମନୋନୀତ ମୋଟ 1,187 ବୃକ୍ଷରୋପଣ ପତ୍ରିକା ମଧ୍ୟରୁ ସିଏଏମ୍‌ପିଏ ଅଧିନରେ 491 ଟି ପତ୍ରିକା ଯାଞ୍ଚ କରାଯାଇଥିଲା । ଏହା ଦେଖାଗଲା ଯେ 820 ହେକ୍ଟରରେ ତିନିଟି ବୃକ୍ଷରୋପଣ 1.78 କୋଟି ଟଙ୍କା ବ୍ୟୟ ହୋଇ ଆଂଶିକ ବିଫଳ ଥିଲା କାରଣ ଉଦ୍ଭିଦଗୁଡ଼ିକର ବଞ୍ଚିବା ପ୍ରତିଶତ 40 ରୁ 60 ମଧ୍ୟରେ ଥିଲା । ଅବଶିଷ୍ଟ 488 ବୃକ୍ଷ ରୋପଣରେ ବଞ୍ଚିବା ଶତକଡ଼ା 60 ରୁ ଅଧିକ ଥିବା ଦର୍ଶାଯାଇଥିଲା । କିନ୍ତୁ, ବିଭାଗର ଉପରୋକ୍ତ ଦାବିଗୁଡ଼ିକୁ ଯାଞ୍ଚ କରିବା ପାଇଁ ସିଏମ୍‌ପିଏ ବୃକ୍ଷରୋପଣ ସ୍ଥଳ ଗୁଡ଼ିକରେ ତିନୋଟି ଜେପିଭି କରାଯାଇଥିଲା, ଯାହାକି **ସାରଣୀ 2.9** ରେ ବିସ୍ତୃତ ଭାବରେ ବର୍ଣ୍ଣନା କରାଯାଇଛି ।

**ସାରଣୀ 2.9: ତିନୋଟି ବୃକ୍ଷରୋପଣ ସ୍ଥାନର ମିଳିତ ବାସ୍ତବିକ ଯାଞ୍ଚର ଫଳାଫଳ**

| କ୍ରମିକ ସଂଖ୍ୟା | ବୃକ୍ଷରୋପଣ ସ୍ଥଳର ନାମ | ପତ୍ରିକା ଅନୁଯାୟୀ ବଞ୍ଚିବାର ଶତକଡ଼ା (ଶତକଡ଼ାରେ) | ଜେପିଭି ଅନୁଯାୟୀ ବଞ୍ଚିବାର ଶତକଡ଼ା (ଶତକଡ଼ା) |
|---|---|---|---|
| 1 | ରାଜପୁର 1 (ନିୟମିତ) | 85 | 38 |
| 2 | ରାଜପୁର 2(ଅତିରିକ୍ତ) | 85 | 21 |
| 3 | ସାଗରପାଲି | 55 | 29 |

ଉପରୋକ୍ତ ସାରଣୀରୁ ଏହା ଦେଖାଯାଇପାରେ ଯେ ଜେପିଭି ଅନୁଯାୟୀ, ଉପରୋକ୍ତ ବୃକ୍ଷରୋପଣର ବଞ୍ଚିବାର ଶତକଡ଼ା 21 ରୁ 38 ମଧ୍ୟରେ ଥିଲାବେଳେ ଡିଏଫ୍‌ଓ ମାନେ ବଞ୍ଚିବାର ଶତକଡ଼ାକୁ 55 ରୁ 85 ପର୍ଯ୍ୟନ୍ତ ଅଧିକ ଦର୍ଶାଇଥିଲେ ।

ସରକାର ବ୍ୟକ୍ତ କଲେ (ଅକ୍ଟୋବର 2021) ଯେ ବୃକ୍ଷରୋପଣରେ ଯେଉଁଠାରେ ଉଚ୍ଚ ମୃତ୍ୟୁ ହାର ରିପୋର୍ଟ କରାଯାଇଛି, ବିଭାଗ ଏହାର ନିର୍ଦ୍ଧାରଣ କରିବ ଏବଂ ସଂପୃକ୍ତ କର୍ମଚାରୀଙ୍କ ବିରୋଧରେ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ ।

ଜେପିଭିରେ ଅନେକ ପ୍ରତିବନ୍ଧକ ଥିଲା ଏବଂ ଫଳାଫଳ ସର୍ବଦା ସଠିକ୍ ନଥିଲା । ତେଣୁ, ବୃକ୍ଷରୋପଣର ସଠିକ୍ ନିର୍ଦ୍ଧାରଣ ନିମନ୍ତେ ଅଡିଟ୍ ରିମୋଟ୍ ସେନ୍ସିଂ ଟେକ୍ନୋଲୋଜି ଯଥା ସାଟେଲାଇଟ୍ ପ୍ରତିଛବି ଏବଂ ୟୁଏଭି ବ୍ୟବହାର କରିଥିଲା, ଯାହାର ବିବରଣୀ ପରବର୍ତ୍ତୀ ଅନୁଚ୍ଛେଦରେ ଉଲ୍ଲେଖ କରାଯାଇଛି ।

### 2.1.6.3 ୟୁଏଭି/ ଡ୍ରୋନ୍ ଦ୍ୱାରା ବୃକ୍ଷରୋପଣର ନିର୍ଦ୍ଧାରଣ

ପ୍ରତ୍ୟେକ 20 ବର୍ଗ ମିଟର ଥିବା 5-6 କ୍ୱାଡ୍ରାଟ୍ ଚୟନ କରି ଅଡିଟ୍ ଜେପିଭି ପରିଚାଳନା କରିଥିଲା । ଅଡିଟ୍ ଲକ୍ଷ୍ୟ କଲା ଯେ ଏହି ଜେପିଭି ଦ୍ୱାରା ହିସାବ କରାଯାଇଥିବା ବଞ୍ଚିବାର ଶତକଡ଼ା 100 ପ୍ରତିଶତ ସଠିକ୍ ନଥିଲା । ଆହୁରି ମଧ୍ୟ ଅନେକ କ୍ଷେତ୍ରରେ, ଘଞ୍ଚ ଜଙ୍ଗଲ, ବନ୍ୟଜନ୍ତୁଙ୍କ ଭୟ ଇତ୍ୟାଦି କାରଣରୁ ଜେପିଭି ଦଳ ସମ୍ପୂର୍ଣ୍ଣ ଭାବେ ସ୍ଥଳକୁ ପ୍ରବେଶ କରିପାରି ନଥିଲେ । ପ୍ରତ୍ୟେକ ସ୍ଥଳର ଆକାରକୁ ବିଚାର କଲେ ଜେପିଭି ଦଳ ସମଗ୍ର ସ୍ଥଳକୁ ପରିସରଭୁକ୍ତ କରିପାରି ନଥିଲେ । ତେଣୁ, ଉପରୋକ୍ତ ସମସ୍ୟାଗୁଡ଼ିକୁ ଦୂର କରି ବୃକ୍ଷରୋପଣକୁ ସଠିକ୍ ନିର୍ଦ୍ଧାରଣ କରିବା ପାଇଁ ଅଡିଟ୍, ରିମୋଟ୍ ସେନ୍ସିଂ ଟେକ୍ନୋଲୋଜି ଯଥା ଉପଗ୍ରହ ଚିତ୍ର ଏବଂ ୟୁଏଭି/ ଡ୍ରୋନ୍ ବ୍ୟବହାର କରିଥିଲା ।

ସାଟେଲାଇଟ୍ ପ୍ରତିଛବି ମାଧ୍ୟମରେ ବୃକ୍ଷରୋପଣର ନିର୍ଦ୍ଧାରଣ କରିବା ପାଇଁ ଗୁଗୁଲ୍ ଆର୍ଥ (ଜିଇ) ସଫ୍ଟୱେର୍ ବ୍ୟବହାର କରାଯାଇଥିଲା । ଜିଇରେ ସାଇଟ୍‌ର ଜିପିଏସ୍ କୋର୍ଡିନେଟ୍ ପ୍ଲଟ୍ କରାଯାଇଥିଲା ଏବଂ ସାଇଟ୍‌ରେ ପରିବର୍ତ୍ତନ ଯାଞ୍ଚ କରିବା ପାଇଁ ଜିଇରେ ଉପଲବ୍ଧ ଥିବା ଐତିହାସିକ ଚିତ୍ର ଉପକରଣ ମାଧ୍ୟମରେ ସାଇଟ୍ ବିଶ୍ଳେଷଣ କରାଯାଇଥିଲା । ଯଦି ଜଙ୍ଗଲ/ ସବୁଜ ବଳୟ ପରିବର୍ତ୍ତନ ଦୃଶ୍ୟମାନ ନହେଲା, ତେବେ ସେହି ନିର୍ଦ୍ଦିଷ୍ଟ ବୃକ୍ଷରୋପଣ ସ୍ଥାନ ୟୁଏଭି ମାଧ୍ୟମରେ ଅଧିକ ବିସ୍ତୃତ ଅଧ୍ୟୟନ ପାଇଁ ଚୟନ କରାଯାଇଥିଲା । ଚିତ୍ରଗୁଡ଼ିକରେ ଉତ୍ତମ ସ୍ଥାନ ରିଜୋଲୁସନ୍ ଏବଂ କ୍ଲାଉଡ୍ କଭର ଅଭାବ ହେତୁ ସାଟେଲାଇଟ୍ ପ୍ରତିଛବି ବ୍ୟବହାର କରି ବିସ୍ତୃତ ବିଶ୍ଳେଷଣ ସମ୍ଭବ ନଥିଲା । ଏହିସବୁ କାରଣ ହେତୁ, ମାଇକ୍ରୋ ସ୍ତରର ବିଶ୍ଳେଷଣ ସମ୍ଭବ ନଥିଲା । ତେଣୁ, ବୃକ୍ଷରୋପଣର ବିସ୍ତୃତ ସଠିକ୍ ନିର୍ଦ୍ଧାରଣ ପାଇଁ ୟୁଏଭିକୁ ଚୟନ କରାଯାଇଥିଲା ।

**ଫଟୋଗ୍ରାଫ୍ ସଂଖ୍ୟା.3**



ଉପଗ୍ରହ ଚିତ୍ର ତାରିଖ – **14/11/2015**

**ଫଟୋଗ୍ରାଫ ସଂଖ୍ୟା.4**



ଉପଗ୍ରହ ଚିତ୍ର ତାରିଖ – **15/11/2018**

ଏହି ଅଧ୍ୟୟନରେ, ବିଭିନ୍ନ ତଥ୍ୟ ଯଥା ଗଣନା, ବୃକ୍ଷ ପ୍ରଜାତିର ଚିହ୍ନଟ, ବୃକ୍ଷର ଉଚ୍ଚତା, ବ୍ୟବଧାନ, ମୃତ୍ତିକାର ଆର୍ଦ୍ରତା ସଂରକ୍ଷଣ ପାଇଁ ନିଆଯାଇଥିବା ପଦକ୍ଷେପ ଇତ୍ୟାଦିର ନିର୍ଦ୍ଧାରଣ ପାଇଁ ତିନୋଟି ଏଏନ୍ଆର୍ ସ୍ଥଳ ଏବଂ ଗୋଟିଏ ମାଙ୍ଗ୍ରୋଭ୍ ବୃକ୍ଷରୋପଣ ସ୍ଥଳରେ 265 ହେକ୍ଟର ପରିମିତ ଜମିରେ ୟୁଏଭି ନିୟୋଜିତ କରାଯାଇଥିଲା । ବୃକ୍ଷରୋପଣ କ୍ଷେତ୍ରଗୁଡ଼ିକର ୟୁଏଭି ପ୍ରତିଛବିଗୁଡ଼ିକ ପ୍ରକ୍ରିୟାକରଣ, ବିଶ୍ଳେଷଣ କରାଯାଇଥିଲା ଏବଂ ସଂପୃକ୍ତ ବୃକ୍ଷରୋପଣ ପତ୍ରିକାରେ ପଞ୍ଜିକୃତ ବିବରଣୀ ସହିତ ତୁଳନା କରାଯାଇଥିଲା । ବୃକ୍ଷରୋପଣ କାର୍ଯ୍ୟକଳାପର ନିର୍ଦ୍ଧାରଣ ଏବଂ ପର୍ଯ୍ୟାଲୋଚନାକୁ ଏକ ଉତ୍ତମ ଉପାୟରେ ଉନ୍ନତ କରିବାକୁ ତ୍ରୁଟିଗୁଡ଼ିକୁ ରିପୋର୍ଟ କରାଯାଇଥିଲା ।

ଡ୍ରୋନ୍ ଅଧ୍ୟୟନ ପାଇଁ ଚାରୋଟି ବୃକ୍ଷରୋପଣ ସ୍ଥଳ ଚୟନ କରାଯାଇଥିଲା ଯାହାକି **ସାରଣୀ 2.10** ରେ ବିସ୍ତୃତ ଭାବରେ ବର୍ଣ୍ଣନା କରାଯାଇଅଛି ।

**ସାରଣୀ 2.10: ବୃକ୍ଷରୋପଣର ମାନବ ବିହୀନ ଯାନ ଦ୍ୱାରା କରାଯାଇଥିବା ନିର୍ଦ୍ଧାରଣର ଫଳାଫଳ**

| କ୍ର.ସଂ. | ବୃକ୍ଷରୋପଣର ନାମ | ସମୁଦାୟ ବୃକ୍ଷରୋପଣ କ୍ଷେତ୍ର (ହେକ୍ଟରରେ) | ଡ୍ରୋନ୍ ଅଧ୍ୟୟନ ଅଧିନରେ ଅନ୍ତର୍ଭୁକ୍ତ ବୃକ୍ଷରୋପଣ କ୍ଷେତ୍ର (ହେକ୍ଟରରେ) | ପ୍ରକଳ୍ପ | କାର୍ଯ୍ୟକାରିତା ବର୍ଷ | ବ୍ୟୟ (ଟଙ୍କାରେ) |
|---|---|---|---|---|---|---|
| 1 | ରାଜପୁର-1 (ନିୟମିତ) | 50 | 50 | ସିଏମ୍‌ପିଏ | 2015-16 | 10,49,825 |
| 2 | ରାଜପୁର 2(ଅତିରିକ୍ତ) | 50 | 50 | ସିଏମ୍‌ପିଏ | 2015-16 | 10,49,825 |
| 3 | ସାଗରପାଲି | 100 | 100 | ସିଏମ୍‌ପିଏ | 2015-16 | 23,37,800 |
| 4 | ସାନବୁଟି | 65 | 65 | ଆଇସିଜେଡ୍ଏମ୍‌ପି | 2014-15 | 23,98,500 |
| **ମୋଟ** | | **265** | **265** | | | **68,35,950** |

ବୃକ୍ଷରୋପଣର ସ୍ଥଳ ଅନୁସାରେ ବିଶ୍ଳେଷଣ ନିମ୍ନରେ ବର୍ଣ୍ଣନା କରାଯାଇଛି:

- ସୁନ୍ଦରଗଡ଼ ଜଙ୍ଗଲ ବିଭାଜନ ଅଧୀନରେ ଥିବା ରାଜପୁର 1 ଏବଂ 2 (ନିୟମିତ ଏବଂ ଅତିରିକ୍ତ)ର ବୃକ୍ଷରୋପଣ ସ୍ଥାନଗୁଡ଼ିକ ଚୟନ କରାଯାଇଥିଲା ଏବଂ ଗୁଗୁଲ ଆର୍ଥ ସଫ୍ଟୱେୟାରରେ ଏହାର ମାନଚିତ୍ର ନିମ୍ନରେ ପ୍ରଦର୍ଶିତ କରାଯାଇଛି:

ଫଟୋଗ୍ରାଫ୍ ସଂଖ୍ୟା.5




ରାଜପୁର **- 1 (ନିୟମିତ)** ବୃକ୍ଷରୋପଣ ସ୍ଥାନ: ଗଣନା କରାଯାଇଥିବା ପ୍ରଜାତିର ସଂଖ୍ୟା/ ପ୍ରକାର ସାରଣୀ **2.11** ରେ ବିସ୍ତୃତ ଭାବରେ ବର୍ଣ୍ଣନା କରାଯାଇଛି ।

ସାରଣୀ **2.11:** ରାଜପୁର-1 ରେ ବୃକ୍ଷରୋପଣର ମାନବ ବିହୀନ ଯାନଦ୍ୱାରା ନିର୍ଦ୍ଧାରଣ

| ଜଙ୍ଗଲ ବିଭାଜନ | ରେଞ୍ଜ/ ବୃକ୍ଷରୋପଣ ସ୍ଥାନ | ଯୋଜନା/ ବୃକ୍ଷରୋପଣର ବର୍ଷ ହେକ୍ଟରରେ କ୍ଷେତ୍ର | ବୃକ୍ଷର ପ୍ରକାର | ବୃକ୍ଷରୋପଣ ପତ୍ରିକା ଅନୁଯାୟୀ 2015-16 ମଧ୍ୟରେ ଲଗାଯାଇଥିବା ବୃକ୍ଷ ସଂଖ୍ୟା | ଫେବୃଆରୀ 2021ରେ କରାଯାଇଥିବା ୟୁଏଭି ଅଧ୍ୟୟନ ଅନୁସାରେ ବୃକ୍ଷ ସଂଖ୍ୟା | ବଞ୍ଚିବା ପ୍ରତିଶତ | ମୋଟ ଖର୍ଚ୍ଚ (ଟଙ୍କାରେ) |
|---|---|---|---|---|---|---|---|
| ସୁନ୍ଦରଗଡ଼ | ରାଜପୁର/ ରାଜପୁର (ନିୟମିତ) | ଏଏନଆର / 2015-16/ 50 | ଶାଗୁଆନ | 4,000 | 1,835 | | 10,49,825 |
| | | | ଜାମୁ | 2,000 | 0 | | |
| | | | ଶିଶୁ | 1,000 | 0 | | |
| | | | ଗମ୍ହାରୀ | 1,000 | 2 | | |
| | | | ନିମ | 2,000 | 0 | | |
| ମୋଟ | | | | **10,000** | **1,837** | **18.37** | **10,49,825** |

ଏହା ଦେଖାଗଲା ଯେ ବୃକ୍ଷରୋପଣ ପତ୍ରିକା ଅନୁଯାୟୀ ପାଞ୍ଚ ପ୍ରଜାତିର 10,000 ଉଦ୍ଭିଦ ରୋପଣ କରାଯାଇଥିଲା କିନ୍ତୁ ୟୁଏଭି ନିର୍ଦ୍ଧାରଣ ଅନୁଯାୟୀ କେବଳ 1,837 ଉଦ୍ଭିଦ ବଞ୍ଚି ଥିଲା । ତେଣୁ, ବଞ୍ଚିବା ପ୍ରତିଶତ 18.37 ଥିଲା ଯାହା ଏକ ବିଫଳ ବୃକ୍ଷରୋପଣ ଭାବରେ ପରିଗଣିତ ହୋଇପାରିବ । ଆହୁରି ମଧ୍ୟ, ଶାଗୁଆନ୍ ବୃକ୍ଷ ଗୁଡ଼ିକର ଉଚ୍ଚତା ଚାର୍ଟରୁ ଦେଖାଯାଇପାରେ ଯେ ବଞ୍ଚିଥିବା 1,835 ଶାଗୁଆନ୍ ବୃକ୍ଷ ମଧ୍ୟରୁ 1,329 ଶାଗୁଆନ୍ ବୃକ୍ଷ (73 ପ୍ରତିଶତ), ବୃକ୍ଷରୋପଣର ପାଞ୍ଚ ବର୍ଷ ପରେ ମଧ୍ୟ ପାଞ୍ଚ ଫୁଟ ଉଚ୍ଚତା ମଧ୍ୟରେ ଥିଲା ।

ଫଟୋଗ୍ରାଫ୍ ସଂଖ୍ୟା.6



ରାଜପୁରର ବୃକ୍ଷରୋପଣ ସ୍ଥାନ - 1 (ନିୟମିତ)

ଚାର୍ଟ ସଂଖ୍ୟା.4




ରାଜପୁର - **2** (ଅତିରିକ୍ତ) ବୃକ୍ଷରୋପଣ ସ୍ଥାନ: ୟୁଏଭି ମାଧ୍ୟମରେ ଗଣନା କରାଯାଇଥିବା ପ୍ରଜାତିର ସଂଖ୍ୟା/ ପ୍ରକାର ସାରଣୀ 2.12 ରେ ବିସ୍ତୃତ ଭାବରେ ବର୍ଣ୍ଣନା କରାଯାଇଛି।

ସାରଣୀ **2.12:** ରାଜପୁର-**2** ରେ ବୃକ୍ଷରୋପଣର ମାନବ ବିହୀନ ବିମାନ ଯାନ ଦ୍ୱାରା କରାଯାଇଥିବା ମୂଲ୍ୟାଙ୍କନର ଫଳାଫଳ

| ଜଙ୍ଗଲ ବିଭାଗର ନାମ | ରେଞ୍ଜ/ ବୃକ୍ଷରୋପଣ ସ୍ଥାନ | ଯୋଜନା/ ବୃକ୍ଷରୋପଣର ବର୍ଷ/ ହେକ୍ଟରରେ କ୍ଷେତ୍ର | ବୃକ୍ଷର ପ୍ରକାର | ବୃକ୍ଷରୋପଣ ପଞ୍ଜିକା ଅନୁଯାୟୀ ବୃକ୍ଷଗୁଡ଼ିକ | ୟୁଏଭି ଅନୁସାରେ ବୃକ୍ଷ ସଂଖ୍ୟା | ମୋଟ ଉପରେ ବଞ୍ଚିବା ଶତକଡ଼ା | ମୋଟ ଖର୍ଚ୍ଚ (ଟଙ୍କାରେ) |
|---|---|---|---|---|---|---|---|
| ସୁନ୍ଦରଗଡ଼ | ରାଜପୁର/ ରାଜପୁର (ଅତିରିକ୍ତ) | ସିଏଏମ୍ପିଏ2015-16/ 50 | ଶାଗୁଆନ | 4,000 | 341 | | 10,49,825 |
| | | | କରଞ୍ଜ | 500 | 0 | | |
| | | | ଶିଶୁ | 1,000 | 3 | | |
| | | | କାଇଁଆ | 1,500 | 0 | | |
| | | | ସିମାରୁବା | 1,000 | 36 | | |
| | | | ଗମ୍ଭାରୀ | 1,000 | 0 | | |
| | | | ଶିରିଷ | 500 | 8 | | |
| | | | ନିମ | 500 | 2 | | |
| | | | ମୋଟ | **10,000** | **390** | **3.9** | **10,49,825** |

ଉପରୋକ୍ତ ବିଷୟରୁ ଦେଖାଯାଏ ଯେ ବଞ୍ଚିବାର ପ୍ରତିଶତ ମାତ୍ର 3.9 ଥିଲା। ଅଧିକନ୍ତୁ ମଧ୍ୟ, ବଞ୍ଚିଥିବା 341 ଟି ମଧ୍ୟରୁ 311 ଟି ର ଉଚ୍ଚତା କେବଳ ଏକରୁ ତିନି ଫୁଟ ମଧ୍ୟରେ ଥିଲା। ସେହିଭଳି, ବଞ୍ଚିଥିବା 36 ଟି ସିମାରୁବା ବୃକ୍ଷର ଉଚ୍ଚତା କେବଳ ତିନି ଫୁଟ୍ ପର୍ଯ୍ୟନ୍ତ ଥିଲା।

ଫଟୋଗ୍ରାଫ ସଂଖ୍ୟା.7



ରାଜପୁରର ବୃକ୍ଷରୋପଣ ସ୍ଥାନ- 2 (ଅତିରିକ୍ତ)

ଚାର୍ଟ ସଂଖ୍ୟା.5




ଚାର୍ଟ ସଂଖ୍ୟା.6




ଉପରୋକ୍ତ ବାର୍ ଚିତ୍ରଗୁଡ଼ିକରୁ ଏହା ଜଣାଗଲା ଯେ ରାଜପୁର-1 ଏବଂ 2 ଠାରେ ବୃକ୍ଷରୋପଣ ସ୍ଥାନଗୁଡ଼ିକରେ ବିଭିନ୍ନ ପ୍ରଜାତିର ଉଚ୍ଚତା 0.5 ରୁ 20 ଫୁଟରୁ ଅଧିକ ଥିଲା ।

- ବୃକ୍ଷ କାନପି ପରିସର ଗଣନା




କାନପି ପରିସର ପ୍ରତ୍ୟେକ ଗଛ ପାଇଁ ଭିନ୍ନ ହୋଇଥାଏ ଏବଂ ଏହା ଗଛର ପ୍ରଜାତି ଉପରେ ନିର୍ଭର କରେ, କାରଣ ସେମାନଙ୍କର ଭିନ୍ନଭିନ୍ନ କ୍ରାଉନ୍ ଆକାର, ଆକୃତି ଏବଂ ଉଚ୍ଚତା ଥାଏ । ବିଭିନ୍ନ କାରଣରୁ କାନପି ପରିସର ମାପ ଅଧିକ ଗୁରୁତ୍ୱପୂର୍ଣ୍ଣ । ଯଦି କୌଣସି ଗଛ ପୁଷ୍ଟିକର ଖାଦ୍ୟ, ଜଳ ପ୍ରବେଶ, ରୋଗ, କୀଟ ଏବଂ ତାପ ଦ୍ୱାରା ପ୍ରଭାବିତ ହୁଏ, ତେବେ ତାହା କାନପି ପରିସରରେ ପ୍ରତିଫଳିତ ହେବ । ଜଙ୍ଗଲ ନଷ୍ଟ, ଅବନତି, ପତନ କିମ୍ବା ବନୀକରଣ କ୍ଷେତ୍ରରେ ଜଙ୍ଗଲର ବ୍ୟବସ୍ଥାରକୁ ନିର୍ଦ୍ଧାରଣ କରିବା ନିମନ୍ତେ ମଧ୍ୟ ଏହା ବ୍ୟବହାର କରାଯାଇପାରିବ । ଏହି ପ୍ରବନ୍ଧରେ, ବୃକ୍ଷର ବ୍ୟାସ ହିସାବ ପାଇଁ ଏକ ବୃକ୍ଷର କାନପି ପରିସର ନିର୍ଦ୍ଧାରଣ କରିବା ନିମନ୍ତେ ଏକ ଅର୍ଦ୍ଧ ସ୍ୱୟଂଚାଳିତ ପ୍ରକ୍ରିମିଟି ପ୍ରକ୍ରିୟା ଗ୍ରହଣ କରାଯାଇଥିଲା । ରାଜପୁର ଅଞ୍ଚଳର ବୃକ୍ଷର ବ୍ୟାସ ବଫର୍ ଉପର ଚିତ୍ରରେ ଦର୍ଶାଯାଇଛି ।

ଚାର୍ଟ ସଂଖ୍ୟା 7




ଚାର୍ଟ ସଂଖ୍ୟା 8




ଉପରୋକ୍ତ ବାର୍ ଚାର୍ଟରୁ ଲକ୍ଷ୍ୟ କରାଯାଇପାରେ ଯେ ରାଜପୁର-1 (ନିୟମିତ) ସାଇଟରେ, 1,735 ବୃକ୍ଷର କାନପି ପରିସର ଏକରୁ ପାଞ୍ଚ ବର୍ଗ ମିଟର ଏବଂ 102 ବୃକ୍ଷର କାନପି ପରିସର ପାଞ୍ଚରୁ 15 ବର୍ଗ ମିଟର ମଧ୍ୟରେ ଥିଲା । ସେହିପରି, ରାଜପୁର-2(ଅତିରିକ୍ତ)ରେ, 384 ବୃକ୍ଷରେ କାନପି ପରିସର 0.5 ରୁ 1 ବର୍ଗ ମିଟର ମଧ୍ୟରେ

ରହିଥିଲା ଏବଂ ଛଅଟି ବୃକ୍ଷରେ କାନପି ପରିସର ଏକରୁ ତିନି ବର୍ଗ ମିଟର ମଧ୍ୟରେ ରହିଥିଲା । ଏହା ସୂଚାଇଲା ଯେ, ଯଦିଓ ଗଛଗୁଡ଼ିକ ବଞ୍ଚିଥିଲା, ବଞ୍ଚିବାର ଗୁଣବତ୍ତା ସନ୍ତୋଷଜନକ ନଥିଲା ।

- **ମୃତ୍ତିକା ଆର୍ଦ୍ରତା ସଂରକ୍ଷଣ ପଦକ୍ଷେପ-ଜଳ ଟ୍ରେଞ୍ଚ**

ଏଫ୍‌ପିଏମ୍, 1977 ର ନିୟମ 123 (b) ଅନୁଯାୟୀ, ଯେତେବେଳେ ସ୍ଲୋପଟି ଖାଲୁଆ ହୋଇଥାଏ, ମୂଳରେ 45 ଇଞ୍ଚ ଚଉଡ଼ା ଏବଂ ତଳ ପାର୍ଶ୍ୱରେ 45 ଇଞ୍ଚ ଗଭୀର ସମୁଚ୍ଚ ଖାତରେ ବୃକ୍ଷରୋପଣ କରାଯିବ । ପ୍ରତ୍ୟେକ ଖାତ 7 ମିଟର ଲମ୍ବ ହେବ ଏବଂ କାର୍ଯ୍ୟ କରାଯାଇନଥିବା 3 ମିଟର ଲମ୍ବ ଦ୍ୱାରା ଭଙ୍ଗ କରାଯିବ । ଡ୍ରେନେଜ୍ ନେଟ୍‌ୱାର୍କ ଜିମା ଖାଲ ଅଞ୍ଚଳରେ ନିର୍ମିତ ଜଳବନ୍ଧ/ ଅଙ୍କା ବଙ୍କା ଖାତ ଲମ୍ବ ଭାବରେ ଅବସ୍ଥିତ କି ନାହିଁ ଯାଞ୍ଚ କରିବା ପାଇଁ ଏବଂ ଚିହ୍ନଟ ଏବଂ ବୈଧ କରିବା ପାଇଁ ସମୁଚ୍ଚ ଏବଂ ଡ୍ରେନେଜ୍ ନେଟ୍‌ୱାର୍କ ବ୍ୟବହାର କରାଯାଇଥିଲା । ଜୁଏଷି ବ୍ୟବହାର କରି ବୃକ୍ଷରୋପଣ ସ୍ଥଳଗୁଡ଼ିକର ନିର୍ଦ୍ଧାରଣ ଅନୁଯାୟୀ, ରାଜପୁର-1 ଏବଂ ରାଜପୁର-2 ବୃକ୍ଷରୋପଣ କ୍ଷେତ୍ରରେ ଯଥାକ୍ରମେ 215 ଏବଂ 703 ଷ୍ଟାଗର୍ଡ ଟ୍ରେଞ୍ଚ ସୃଷ୍ଟି ହୋଇଥିବା ଜଣାପଡିଥିଲା । ଏଥିମଧ୍ୟରୁ, 70 ଏବଂ 211 ଟି ଟ୍ରେଞ୍ଚ ସ୍ଲୋପ୍ ସହ ଲମ୍ବ ଭାବରେ ଅବସ୍ଥିତ ନଥିଲା । ଏହା ଟ୍ରେଞ୍ଚ ନିର୍ମାଣ କରିବାର ଉଦ୍ଦେଶ୍ୟ ଯଥା ବର୍ଷା ଜଳକୁ ସଂରକ୍ଷଣ ଏବଂ ସଞ୍ଚିତ କରି ଲଗାଯାଇଥିବା ଗଛଗୁଡ଼ିକର ବଞ୍ଚିବାରେ ଉନ୍ନତି ଆଣିବାକୁ ବିଫଳ କରିଥିଲା । ବୃକ୍ଷରୋପଣ କ୍ଷେତ୍ର ଭିତରେ ଏକ ଷ୍ଟାଗର୍ଡ ଟ୍ରେଞ୍ଚର ନମୁନା ନିମ୍ନରେ ଦର୍ଶାଯାଇଛି ।

**ଫଟୋଗ୍ରାଫ ସଂଖ୍ୟା.9 – ବୃକ୍ଷରୋପଣ କ୍ଷେତ୍ର ଭିତରେ ଥିବା ଅଙ୍କାବଙ୍କା ଖାତ**



**ସାରଣୀ 2.13: ଦୁଇଟି ବୃକ୍ଷରୋପଣ ସ୍ଥାନରେ ଡ୍ରେନେଜ୍ ସହ ଲମ୍ବ ଭାବରେ ନଥିବା ଟ୍ରେଞ୍ଚ**

| କ୍ରମିକ ସଂଖ୍ୟା | କ୍ଷେତ୍ର | ମୋଟ ଖାତ ସଂଖ୍ୟା | ଡ୍ରେନେଜ୍ ସହ ଲମ୍ବ ଭାବରେ ନଥିବା | ବୃକ୍ଷରୋପଣ କ୍ଷେତ୍ର ବାହାରେ |
|---|---|---|---|---|
| 1 | ରାଜପୁର (ନିୟମିତ) | 215 | 70 | 55 |
| 2 | ରାଜପୁର (ଅତିରିକ୍ତ) | 703 | 211 | 55 |

ଏହା ମଧ୍ୟ ଅଡିଟ୍ ଜାଣିବାକୁ ପାଇଲା ଯେ ରାଜପୁର (ଅତିରିକ୍ତ) ବୃକ୍ଷରୋପଣ ଅଞ୍ଚଳରେ କିଛି ଡ୍ରେନେଜ୍ ଡିସେମ୍ବର 2018 ପରେ ନିର୍ମାଣ କରାଯାଇଥିଲା । ତେଣୁ ଏହା ସିଦ୍ଧାନ୍ତ ନିଆଯାଇପାରେ ଯେ ବୃକ୍ଷରୋପଣ ଅବଧି (ଅପ୍ରେଲ 2015 ରୁ ମାର୍ଚ୍ଚ 2019)ରେ ଟ୍ରେଞ୍ଚ ଖୋଳି ମୃତ୍ତିକାର ଆର୍ଦ୍ରତା ସଂରକ୍ଷଣ ପଦକ୍ଷେପ ଉପଯୁକ୍ତ ମାତ୍ରାରେ ନିଆଯାଇ ନଥିଲା । ଗୁଗୁଲ୍ ଆର୍ଥର ଐତିହାସିକ ଚିତ୍ର ଉପକରଣ ବ୍ୟବହାର କରି ମଧ୍ୟ ଏହା ସନ୍ଧାନ କରାଯାଇଥିଲା ଯାହା ନିମ୍ନରେ ଦର୍ଶାଯାଇଅଛି:

ଫଟୋଗ୍ରାଫ ସଂଖ୍ୟା.10

ରାଜପୁର 2 ରେ ଜଳ ଟ୍ରେଞ୍ଚ ନଥିବା (ଡିସେମ୍ବର, 2018)



ଫଟୋଗ୍ରାଫ ସଂଖ୍ୟା.11

ରାଜପୁର 2 ରେ ଥିବା ଜଳ ଟ୍ରେଞ୍ଚ (ମଇ, 2020)



- ବଲାଙ୍ଗୀର ଜଙ୍ଗଲ ବିଭାଜନ ଅଧୀନରେ ଥିବା ସାଗରପାଲୀ ବୃକ୍ଷରୋପଣ ସ୍ଥାନର ବୃକ୍ଷରୋପଣ କ୍ଷେତ୍ରର ମାନଚିତ୍ର ନିମ୍ନରେ ଦର୍ଶାଯାଇଛି ।

ଫଟୋଗ୍ରାଫ୍ ସଂଖ୍ୟା.12




ସାଗରପାଲୀ ବୃକ୍ଷରୋପଣ ସ୍ଥାନ- ୟୁଏଭି ମାଧ୍ୟମରେ ଗଣନା କରାଯାଇଥିବା ପ୍ରଜାତିର ସଂଖ୍ୟା/ ପ୍ରକାର ସାରଣୀ **2.14** ରେ ବିସ୍ତୃତ ଭାବରେ ବର୍ଣ୍ଣନା କରାଯାଇଛି ।

**ସାରଣୀ 2.14:** ସାଗରପାଲିରେ ବୃକ୍ଷରୋପଣର ମାନବ ବିହୀନ ବିମାନ ଯାନ ଦ୍ୱାରା ନିର୍ଦ୍ଧାରଣର ଫଳାଫଳ

| ଡିଭିଜନର ନାମ | ରେଞ୍ଜ/ ବୃକ୍ଷରୋପଣ ସ୍ଥାନ | ଯୋଜନା/ ବର୍ଷ/ ବୃକ୍ଷରୋପଣ ଅଞ୍ଚଳ ହେକ୍ଟରରେ | ଗଛର ପ୍ରକାର | ବୃକ୍ଷରୋପଣ ପଞ୍ଜିକା ଅନୁଯାୟୀ ବୃକ୍ଷ ସଂଖ୍ୟା | ୟୁଏଭି ଅନୁସାରେ ବୃକ୍ଷ ସଂଖ୍ୟା | ବଞ୍ଚିବା ପ୍ରତିଶତ | ମୋଟ ଖର୍ଚ୍ଚ (ଟଙ୍କାରେ) |
|---|---|---|---|---|---|---|---|
| ବଲାଙ୍ଗିର | ଦେଓଗାଁ/ ସାଗରପାଲି | ସିଏମ୍ପିଏ/ 2015-16/ 100 | ଶିଶୁ | 2,000 | 0 | | 23,37,800 |
| | | | ଶାଗୁଆନ | 9,300 | 1,196 | | |
| | | | ଚକୁନ୍ଦା | 1,500 | 0 | | |
| | | | ବଡ଼ ଚକୁନ୍ଦା | 1,200 | 0 | | |
| | | | ମହୁଲ | 2,000 | 3 | | |
| | | | କରଞ୍ଜ | 2,000 | 19 | | |
| | | | ଶିମ୍ବୁ | 1,000 | 0 | | |
| | | | ଖଇର | 1,000 | 0 | | |
| ମୋଟ | | | | **20,000** | **1,218** | **6.09** | **23,37,800** |

ନିମ୍ନଲିଖିତ ତଥ୍ୟ ଲକ୍ଷ୍ୟ କରାଯାଇଥିଲା:

ଉପରୋକ୍ତ ସାରଣୀରୁ ଏହା ଲକ୍ଷ୍ୟ କରାଯାଇପାରେ ଯେ, ବୃକ୍ଷରୋପଣ ପଞ୍ଜିକା ଅନୁଯାୟୀ ଆଠ ପ୍ରକାରର 20,000 ବୃକ୍ଷ ଲଗାଯାଇଥିଲା, କିନ୍ତୁ ୟୁଏଭି ଗଣନା ଅନୁଯାୟୀ କେବଳ 1,218 ବୃକ୍ଷ ଜୀବିତ ଥିଲେ । ତେଣୁ ଏହି କ୍ଷେତ୍ରଟି 6.09 ପ୍ରତିଶତ ବଞ୍ଚିବାର ହାର ସହିତ ଏକ ବିଫଳ ବୃକ୍ଷରୋପଣ ସ୍ଥାନ ଅଟେ ।

ଫଟୋଗ୍ରାଫ ସଂଖ୍ୟା.13



ସାଗରପାଲି ଠାରେ ବୃକ୍ଷରୋପଣ

ଫଟୋଗ୍ରାଫ ସଂଖ୍ୟା .14



ଡ୍ରୋନ ଦ୍ୱାରା ସାଗରପାଲି ଠାରେ ଥିବା ବୃକ୍ଷରୋପଣର ଉଠାଯାଇଥିବା ଫଟୋ

ବୃକ୍ଷରୋପଣ ସାଇଟ୍ କ୍ଷେତ୍ର (ଟର୍କୁଇଜ୍ ପଲିଗନ) ମଧ୍ୟରେ ଖାଲି ଥିବା ଅବକ୍ଷୟ ଭୂଖଣ୍ଡକୁ ଅଡିଟ୍ ପ୍ଲଟ୍ କରିଥିଲା ଏବଂ ଏହାକୁ ପ୍ରକୃତ ରୋପିତ କ୍ଷେତ୍ର (ସବୁଜ ବିନ୍ଦୁ) ସହିତ ତୁଳନା କରିଥିଲା । ଏହା ଲକ୍ଷ୍ୟ କରାଯାଇଥିଲା ଯେ ସହଜରେ ପ୍ରବେଶ କରି ହେଉଥିବା ଅଞ୍ଚଳ ଯଥା-ପଥ ରାସ୍ତା (ନୀଳ ରେଖା)ରେ ସର୍ବାଧିକ ସଂଖ୍ୟାକ ଗଛ ଲଗାଯାଇଥିଲା, କିନ୍ତୁ ଜଙ୍ଗଲ କ୍ଷେତ୍ର (ଲାଲ ପଲିଗନ) ଭିତରେ ଥିବା ଅବକ୍ଷୟ ଭୂଖଣ୍ଡ ଯାହା ପ୍ରବେଶ କରିବା କଷ୍ଟସାଧ୍ୟ ଥିଲା, ସେହି ସ୍ଥାନକୁ ବୃକ୍ଷରୋପଣ କାର୍ଯ୍ୟକଳାପ ପାଇଁ ନିଆଯାଇ ନଥିଲା । ତେଣୁ, ଚିହ୍ନିତ ବୃକ୍ଷରୋପଣ ସ୍ଥାନ ମଧ୍ୟରେ ଅବକ୍ଷୟ ହୋଇଥିବା ଜଙ୍ଗଲ ଜମିର ସଠିକ୍ ନିର୍ଦ୍ଧାରଣ କରାଯାଇ ନଥିଲା ଯେଉଁଥିପାଇଁ ଏସ୍ଆର୍ ବୃକ୍ଷରୋପଣର ଉଦ୍ଦେଶ୍ୟ ଏବଂ ଲକ୍ଷ୍ୟ ହାସଲ ହୋଇ ପାରିନଥିଲା ।

ଚାର୍ଟ ସଂଖ୍ୟା.9




ତାର ଚାର୍ଟରୁ ମଧ୍ୟ ଦେଖାଯାଇପାରେ ଯେ, 1,218 ଟି ଗଛ ମଧ୍ୟରୁ 976 ଟି (80 ପ୍ରତିଶତ) ବୃକ୍ଷ ରୋପଣର ପାଞ୍ଚ ବର୍ଷ ପରେ ମଧ୍ୟ 10 ଫୁଟ ଉଚ୍ଚତା ତଳେ ଥିଲା । ଏହା ସୂଚିତ କରେ ଯେ ସ୍ଥାନଗୁଡ଼ିକର ରକ୍ଷଣାବେକ୍ଷଣ ନହେବା, ଅନୁପଯୁକ୍ତ ଏସ୍ଏମ୍ସି ପଦକ୍ଷେପ ଏବଂ ସିଲଭିକଲଚର କାର୍ଯ୍ୟକାରୀ ନହେବା ହେତୁ ବଞ୍ଚିଥିବା ଗଛର ଗୁଣବତ୍ତା ସୁନିଶ୍ଚିତ କରାଯାଇପାରି ନଥିଲା ।

ଚାର୍ଟ ସଂଖ୍ୟା.10




ତାର ଚାର୍ଟରୁ ଦେଖାଯାଇପାରେ ଯେ, ସାଗରପାଲିରେ 1,029 ବୃକ୍ଷର କାନପି ପରିସର ଶୂନରୁ ଦୁଇ ବର୍ଗ ମିଟର ଏବଂ 162 ଟି ବୃକ୍ଷର କାନପି ପରିସର ଦୁଇରୁ ଦଶ ବର୍ଗ ମିଟର ମଧ୍ୟରେ ରହିଥିଲା । ସେହିଭଳି 27 ଟି ବୃକ୍ଷର କାନପି ପରିସର 10 ରୁ 20 ବର୍ଗ ମିଟରରୁ ଅଧିକ ଥିଲା । ଏହା ସୂଚାଇଲା ଯେ ଯଦିଓ ବୃକ୍ଷଗୁଡ଼ିକ ବଞ୍ଚିଥିଲା, ବଞ୍ଚିବାର ଗୁଣବତ୍ତା ସନ୍ତୋଷଜନକ ନଥିଲା ।

- ମୃତ୍ତିକା ଆର୍ଦ୍ରତା ସଂରକ୍ଷଣ ପଦକ୍ଷେପ-ଜଳ ଟ୍ରେଞ୍ଚ

ୟୁଏଭି ବ୍ୟବହାର କରି ବୃକ୍ଷରୋପଣ ସ୍ଥଳର ନିର୍ଦ୍ଧାରଣ କରି ଏହା ଦେଖାଗଲା ଯେ କେବଳ 121 ଟି ଷ୍ଟାଗର୍ଡ ଟ୍ରେଞ୍ଚ ନିର୍ମାଣ କରାଯାଇଥିଲା । ଏଥିମଧ୍ୟରୁ 34 ଟି ଟ୍ରେଞ୍ଚ ସ୍ଲୋପ୍ ସହ ଲମ୍ବ ଭାବରେ ଅବସ୍ଥିତ ନଥିଲା ଏବଂ ଦୁଇଟି ଟ୍ରେଞ୍ଚ ବୃକ୍ଷରୋପଣ ଅଞ୍ଚଳ ବାହାରେ ଥିଲା । ଏହା ଟ୍ରେଞ୍ଚ ନିର୍ମାଣ କରିବାର ଉଦ୍ଦେଶ୍ୟ ଯଥା ବର୍ଷା ଜଳକୁ ସଂରକ୍ଷଣ ଓ ସଞ୍ଚିତ କରି ଲଗାଯାଇଥିବା ବୃକ୍ଷଗୁଡ଼ିକର ବଞ୍ଚିବାରେ ଉନ୍ନତି ଆଣିବାକୁ ବିଫଳ କରିଥିଲା । ତେଣୁ, 200 ହେକ୍ଟର ଜମିରେ କରାଯାଇଥିବା ତିନୋଟି ବୃକ୍ଷରୋପଣ ବିଫଳ ଥିଲା ଏବଂ 44.37 ଲକ୍ଷ ଟଙ୍କାର ନିଷ୍ଫଳ ବ୍ୟୟ ହୋଇଥିଲା ।

ଏହାର ଉତ୍ତରରେ ସରକାର ଦର୍ଶାଇଲେ (ଅକ୍ଟୋବର 2021) ଯେ, ସୁନ୍ଦରଗଡ଼ ଏବଂ ବଲାଙ୍ଗୀର ବିଭାଜନରେ ଏଏନ୍ଆର୍ ବୃକ୍ଷରୋପଣ 2015-16 ଆରମ୍ଭ କରାଯାଇଥିଲା ଏବଂ ରାଜ୍ୟର ହାରାହାରି ବୃଷ୍ଟିପାତ ତୁଳନାରେ ଏହି ଜିଲ୍ଲା ଗୁଡ଼ିକରେ କମ୍ ବୃଷ୍ଟିପାତ ହୁଏ । କିନ୍ତୁ, ଫ୍ଲାଇଙ୍ଗ୍ ସ୍କ୍ୱାଡ ଦ୍ୱାରା ବୃକ୍ଷରୋପଣ ସ୍ଥାନର ଯାଞ୍ଚ ପରେ ସଂପୃକ୍ତ କର୍ମଚାରୀଙ୍କ ବିରୁଦ୍ଧରେ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ।

## 2.1.7 ଜାତୀୟ ବାଉଁଶ ମିଶନ

ଭାରତରେ ବାଉଁଶ କ୍ଷେତ୍ରକୁ ସମର୍ଥନ କରିବା ପାଇଁ ଭାରତ ସରକାର ଅନେକ ନୀତି ପ୍ରଣୟନ କରିଛନ୍ତି । ଏହି ନୀତି ଗୁଡ଼ିକରେ ବାଉଁଶ ବୃକ୍ଷ ରୋପଣକୁ ପ୍ରୋତ୍ସାହିତ କରିବା, ବାଉଁଶ ଭିତ୍ତିକ ହସ୍ତତନ୍ତକୁ ସୁଦୃଢ଼ କରିବା ଏବଂ ବାଉଁଶ ଭିତ୍ତିକ ପ୍ରଯୁକ୍ତି ବିଦ୍ୟା ପ୍ରୟୋଗର ବିକାଶ ଅନ୍ତର୍ଭୁକ୍ତ । ଗରିବ ଦୁର୍ବଳ ବର୍ଗ, କାରିଗର, କୃଷକ ତଥା ନିର୍ଦ୍ଦିଷ୍ଟ ଭାବେ ଅନୁସୂଚିତ ଜାତି (ଏସ୍‌ସି) ଏବଂ ଅନୁସୂଚିତ ଜନଜାତି (ଏସ୍‌ଟି) ପାଇଁ ବାଉଁଶ କ୍ଷେତ୍ରରେ ବିକାଶ, ଜୀବିକା ପ୍ରକଳ୍ପ ଭାବରେ ବିବେଚନା କରାଯାଏ । ଏହି ଉଦ୍ଦେଶ୍ୟ ଗୁଡ଼ିକ ସହିତ, ଭାରତ ସରକାର (ଜିଓଆଇ) 2006-07 ରୁ କେନ୍ଦ୍ରୀୟ ସହାୟତା ସହିତ ଜାତୀୟ ବାଉଁଶ ମିଶନ (ଏନ୍‌ବିଏମ୍) ଆରମ୍ଭ କରିଥିଲେ । 2014-15 ପର୍ଯ୍ୟନ୍ତ ଶତ ପ୍ରତିଶତ ସହାୟକ ଅନୁଦାନ (ଜିଆଇଏ) ଭାବରେ ଭାରତ ସରକାରଙ୍କ ଦ୍ୱାରା ପାଣ୍ଠି ମଞ୍ଜୁର କରାଯାଇଥିଲା ଏବଂ 2015-16 ଠାରୁ ଅର୍ଥ ପଦ୍ଧତିକୁ ଯଥାକ୍ରମେ ଭାରତ ସରକାର ଏବଂ ରାଜ୍ୟରୁ 60:40 ଅଂଶ ଆଧାରରେ ପରିବର୍ତ୍ତନ କରାଯାଇଥିଲା ।

### 2.1.7.1 ଜାତୀୟ ବାଉଁଶ ମିଶନ ଅଧୀନରେ ବୃକ୍ଷରୋପଣ

ସିଏମ୍‌ପିପି, 1990 ର ନିୟମ 2.98 ଅନୁଯାୟୀ, ଉତ୍ତମ ଗୁଣବତ୍ତା ସ୍ଥାନରେ ଦୀର୍ଘମିଆଦି ଫସଲ ପାଇଁ 60 ପ୍ରତିଶତ ଏବଂ ତଦୂର୍ଦ୍ଧ୍ୱ ବଞ୍ଚିଥିବା ବୃକ୍ଷଗୁଡ଼ିକୁ ସଫଳ ବୃକ୍ଷରୋପଣ ବୋଲି କୁହାଯାଇପାରେ । ସେହିଭଳି, 40 ରୁ 60 ପ୍ରତିଶତ ମଧ୍ୟରେ ବଞ୍ଚିବା ଆଂଶିକ ସଫଳ ଏବଂ 40 ପ୍ରତିଶତରୁ କମ୍ ବଞ୍ଚିବା ବିଫଳ ବୃକ୍ଷରୋପଣ ବୋଲି କୁହାଯାଇପାରେ । ପୁନଶ୍ଚ, ଉପରୋକ୍ତ ସଂହିତାର ନିୟମ 2.97 ଅନୁଯାୟୀ, ତିନି ବର୍ଷରୁ ଅଧିକ ଅବଧିର ବୃକ୍ଷରୋପଣକୁ ଅନ୍ତର୍ଭୁକ୍ତ କରାଯିବା ଆବଶ୍ୟକ ।

ଅଡିଟ୍ ପାଇଁ ଚୟନ ହୋଇଥିବା ମୋଟ 1,187 ବୃକ୍ଷରୋପଣ ପତ୍ରିକା ମଧ୍ୟରୁ 41 ଟି ପତ୍ରିକା ଏନ୍‌ବିଏମ୍ ଅଧୀନରେ ଯାଞ୍ଚ କରାଯାଇଥିଲା । ଏହା ଦେଖାଗଲା ଯେ 40 ହେକ୍ଟର ପରିମିତ ଜମିରେ 8.38 ଲକ୍ଷ ଟଙ୍କା ବ୍ୟୟରେ କରାଯାଇଥିବା ତିନୋଟି ବୃକ୍ଷରୋପଣ ବିଫଳ ଥିଲା କାରଣ ଉଦ୍ଭିଦ ଗୁଡ଼ିକର ବଞ୍ଚିବା ପ୍ରତିଶତ 40 ପ୍ରତିଶତରୁ କମ୍ ରେକର୍ଡ କରାଯାଇଥିଲା । ସେହିଭଳି, 116 ହେକ୍ଟର ପରିମିତ ଜମିରେ 26.37 ଲକ୍ଷ ଟଙ୍କା ବ୍ୟୟରେ କରାଯାଇଥିବା 10 ଟି ବୃକ୍ଷରୋପଣ ଆଂଶିକ ବିଫଳ ଥିଲା କାରଣ ଉଦ୍ଭିଦ ଗୁଡ଼ିକର ବଞ୍ଚିବା ପ୍ରତିଶତ 40 ରୁ 60 ମଧ୍ୟରେ ରେକର୍ଡ କରାଯାଇଥିଲା । କିନ୍ତୁ 28 ଟି ବୃକ୍ଷରୋପଣ ସ୍ଥଳରେ ଉଦ୍ଭିଦ ଗୁଡ଼ିକର ବଞ୍ଚିବା ପ୍ରତିଶତ 60 ରୁ ଅଧିକ ଥିବାରୁ ତାହା ସଫଳ ବୋଲି ଦର୍ଶାଯାଇଥିଲା । ବିଭାଜନଗୁଡ଼ିକର ଉପରୋକ୍ତ ଦାବି ଗୁଡ଼ିକୁ ଯାଞ୍ଚ କରିବା ପାଇଁ 38 ଟି ବାଉଁଶ ବୃକ୍ଷରୋପଣ ସ୍ଥଳ ମଧ୍ୟରୁ ପାଞ୍ଚଟିରେ କେପିଭି କରାଯାଇଥିଲା, ଯାହାର ବିଶଦ ବିବରଣୀ **ସାରଣୀ 2.15** ରେ ଦର୍ଶାଯାଇଅଛି ।

**ସାରଣୀ 2.15: ବାଉଁଶ ବୃକ୍ଷରୋପଣର ମିଳିତ ବାସ୍ତବିକ ଯାଞ୍ଚର ଫଳାଫଳ**

| କ୍ରମିକ ସଂଖ୍ୟା | ବୃକ୍ଷରୋପଣ ସ୍ଥଳର ନାମ | ପଞ୍ଜିକା ଅନୁଯାୟୀ ବଞ୍ଚିବାର ଶତକଡ଼ା (ଶତକଡ଼ା) | କେପିଭି ଅନୁଯାୟୀ ବଞ୍ଚିବାର ଶତକଡ଼ା (ଶତକଡ଼ା) |
|---|---|---|---|
| 1 | ବେଗଡାବାଡି | 55 | 52 |
| 2 | ବନମାଳୁଲଟିହା | 82 | 35 |
| 3 | କାଲାପାଟ ଆର୍‌ଏଫ୍ | 90 | 94 |
| 4 | କୋଶିଡଙ୍ଗର | ପଞ୍ଜିକାରେ ଉଲ୍ଲେଖ କରାଯାଇ ନଥିଲା | 65 |
| 5 | ସାପଗଙ୍ଗିଗୁଡ଼ା | ପଞ୍ଜିକାରେ ଉଲ୍ଲେଖ କରାଯାଇ ନଥିଲା | 12 |

ଉପରୋକ୍ତ ସାରଣୀରୁ ଲକ୍ଷ୍ୟ କରାଯାଇପାରେ (କେପିଭି ଅନୁଯାୟୀ) ଯେ ଉପରୋକ୍ତ ବୃକ୍ଷରୋପଣରେ ବୃକ୍ଷ ବଞ୍ଚିବାର ପ୍ରକୃତ ପ୍ରତିଶତ 12 ରୁ 94 ଥିଲାବେଳେ ତିନୋଟି ବୃକ୍ଷରୋପଣରେ ଡିଏଫ୍‌ଓମାନେ ବୃକ୍ଷ ବଞ୍ଚିବାର ଶତକଡ଼ାକୁ 55 ରୁ 90 ପର୍ଯ୍ୟନ୍ତ ଦର୍ଶାଇଥିଲେ। ତେଣୁ ଏହି ତିନୋଟି ବୃକ୍ଷରୋପଣରେ ନିଷ୍ଫଳ ବ୍ୟୟ ହୋଇଥିଲା। କିନ୍ତୁ, ତିନୋଟି ବୃକ୍ଷରୋପଣରେ ଡିଏଫ୍‌ଓମାନେ ପଞ୍ଜିକାରେ ବୃକ୍ଷ ବଞ୍ଚିବାର ଶତକଡ଼ା ଉଲ୍ଲେଖ କରିନଥିଲେ।

### 2.1.7.2 ବାଉଁଶ ବୃକ୍ଷରୋପଣର ବିଜ୍ଞାନ ସମ୍ମତ ନିର୍ଦ୍ଧାରଣ

ବୌଦ୍ଧ, କେନ୍ଦୁଝର ଏବଂ କୋରାପୁଟ ଜଙ୍ଗଲ ବିଭାଜନରେ ଅବସ୍ଥିତ ଛଅଟି ବୃକ୍ଷରୋପଣ ସ୍ଥଳର ମିଳିତ ନିର୍ଦ୍ଧାରଣ କରାଯାଇଥିଲା ଯାହା ଓଡ଼ିଶା କୃଷି ଏବଂ ପ୍ରଯୁକ୍ତିବିଦ୍ୟା ବିଶ୍ୱବିଦ୍ୟାଳୟର ବାଉଁଶ ବିଶେଷଜ୍ଞ, ଅଡିଟ୍ ଦଳ ଏବଂ ସମ୍ପୃକ୍ତ ଜଙ୍ଗଲ ବିଭାଜନର କ୍ଷେତ୍ର ସ୍ତରର ଅଧିକାରୀଙ୍କ ଦ୍ୱାରା ମିଳିତ କ୍ଷେତ୍ର ପରିଦର୍ଶନ ମାଧ୍ୟମରେ ମାର୍ଚ୍ଚ 2020 ରୁ ଫେବୃଆରୀ 2021 ମଧ୍ୟରେ ନମୁନା ନିର୍ଦ୍ଧାରଣ କରାଯାଇଥିଲା।

ମାନଚିତ୍ର ସଂଖ୍ୟା.1




- ***ସାଇଟ୍ ଚୟନ ପାଇଁ ବ୍ୟବହୃତ ପଦ୍ଧତି ଏବଂ ଉପକରଣ***

13 ଟି ଜଙ୍ଗଲ ବିଭାଜନ ମଧ୍ୟରୁ ତିନୋଟି ଯଥା ବୌଦ୍ଧ, କେନ୍ଦୁଝର ଏବଂ କୋରାପୁଟ ବିଭାଜନକୁ ନମୁନା ଭାବରେ ଚୟନ କରାଯାଇଥିଲା। ରାଜ୍ୟର କୃଷି-ଜଳବାୟୁ ସ୍ଥିତି ମଧ୍ୟରୁ ପାଖାପାଖି ମୁଖ୍ୟ ଥିବାରୁ ଏହି ତିନୋଟି ବିଭାଜନକୁ କୃଷି-ଜଳବାୟୁ ସ୍ଥିତି ଭାବରେ ଚୟନ କରାଯାଇଥିଲା। କ୍ଲମ୍ପଗୁଡ଼ିକର ବଞ୍ଚିବାର ଶତକଡ଼ା, କ୍ଲମ୍ପ ପ୍ରତି ବିକଶିତ କଲ୍ମର ସଂଖ୍ୟା, କ୍ଲମ୍ପରେ ପ୍ରାଧାନ୍ୟ କଲ୍ମର ଉଚ୍ଚତା ଏବଂ ବ୍ୟାସ ଉପରେ ସିଦ୍ଧାନ୍ତ ଗୁଡ଼ିକ ରେକର୍ଡ କରାଯାଇଥିଲା। ପ୍ରତିଷ୍ଠା ସମୟରେ ମୃତ୍ତିକାରେ ଥିବା ମୃତ୍ତିକା ପଦାର୍ଥ ରାସାୟନିକ ବୈଶିଷ୍ଟ୍ୟ, ଉପର କାନପି ଉଦ୍ଭିଦରାଜି ଏବଂ ସ୍ଥାନୀୟ ଅଞ୍ଚଳରେ ହୋଇଥିବା ବୃଷ୍ଟିପାତ ପରିପ୍ରେକ୍ଷୀରେ ସାଇଟ୍ ସ୍ଥିତି ରେକର୍ଡ କରାଯାଇଥିଲା। ମୃତ୍ତିକାର ବୈଶିଷ୍ଟ୍ୟ ଜାଣିବା ପାଇଁ ପ୍ରତ୍ୟେକ ସ୍ଥାନରୁ 0-30 ସେ.ମି ଗଭୀରତାରୁ ମାଟିର ନମୁନା ସଂଗ୍ରହ କରାଯାଇ ଓୟୁଏଟିର ମୃତ୍ତିକା ବିଜ୍ଞାନ ଲାବୋରେଟୋରୀରେ ପରୀକ୍ଷା କରାଯାଇଥିଲା।

- *ନିର୍ଦ୍ଧାରଣର ଫଳାଫଳ*

ବାଉଁଶ ବିଶେଷତଃ ପ୍ରଥମ ତିନି ବର୍ଷରେ ଅତ୍ୟଧିକ ସଂବେଦନଶୀଳ ଏବଂ ଗୋଚାରଣ ଯୋଗ୍ୟ । ପ୍ରଥମ ତିନି ବର୍ଷରେ ପ୍ରତ୍ୟେକ କ୍ଲମ୍ପ ସମ୍ପୂର୍ଣ୍ଣ ଅବଧି ପାଇଁ ସୁରକ୍ଷା ଆବଶ୍ୟକ କରେ । ତିନୋଟି ଜଙ୍ଗଲ ବିଭାଜନରେ ବାଉଁଶ ବୃକ୍ଷରୋପଣ କାର୍ଯ୍ୟକାରିତା ନିର୍ଦ୍ଧାରଣ କରାଯାଇ **ସାରଣୀ 2.16** ରେ ବିସ୍ତୃତ ଭାବରେ ବର୍ଣ୍ଣନା କରାଯାଇଛି ।

**ସାରଣୀ 2.16: ବାଉଁଶ ବୃକ୍ଷରୋପଣର ମିଳିତ ବାସ୍ତବିକ ଯାଞ୍ଚର ଫଳାଫଳ**

| କ୍ର. ସଂ. | ଜଙ୍ଗଲ ବିଭାଗର ନାମ | ବୃକ୍ଷରୋପଣ ସ୍ଥାନର ନାମ | ବୃକ୍ଷରୋପଣର ବର୍ଷ | ପ୍ରକଳ୍ପ/ ହେକ୍ଟରରେ ଅଞ୍ଚଳ | ପ୍ରଜାତିର ନାମ | କରାଯାଇଥିବା ଖର୍ଚ୍ଚ (ଟଙ୍କାରେ) | କେତିକି ଅନୁପାତରେ ବଞ୍ଚିବା ଶତକଡ଼ା |
|---|---|---|---|---|---|---|---|
| *1* | *2* | *3* | *4* | *5* | *6* | *7* | *8* |
| 1 | ବୌଦ୍ଧ | ବେଲେଡ଼ାକାଟି (ବୌଦ୍ଧ ରେଞ୍ଜ) | 2014-15 | ଏନ୍‌ବିଏମ୍/ 25 | ବାମ୍ବୁସା ବାମ୍ବୋସ୍ ଏବଂ ଡେଣ୍ଡ୍ରୋକାଲାମସ୍ ଷ୍ଟ୍ରିକ୍ଟସ୍ | 5,60,234 | 52 (ଆଂଶିକ ସଫଳ) |
| 2 | | ମୁଣ୍ଡେଶ୍ୱର (ମଧୁପୁର ରେଞ୍ଜ) | 2015-16 | ଏନ୍‌ବିଏମ୍/10 | ବାମ୍ବୁସା ବାମ୍ବୋସ୍ ଏବଂ ଡେଣ୍ଡ୍ରୋକାଲାମସ୍ ଷ୍ଟ୍ରିକ୍ଟସ୍ | 1,33,180 | 58 (ଆଂଶିକ ସଫଳ) |
| 3 | କେନ୍ଦୁଝର | ବନମାଳୁଲଢିହା (ପାଟଣା ରେଞ୍ଜ) | 2013-14 | ଏନ୍‌ବିଏମ୍/ 20 | ବାମ୍ବୁସା ବାମ୍ବୋସ୍ ଏବଂ ଡେଣ୍ଡ୍ରୋକାଲାମସ୍ ଷ୍ଟ୍ରିକ୍ଟସ୍ | 4,60,754 | 35 (ବିଫଳ) |
| 4 | | ଜଳପଟ ପାର୍ ଏଫ୍ (ତେଲକୋଇ ରେଞ୍ଜ) | 2016-17 | ଏନ୍‌ବିଏମ୍/ 60 | ବାମ୍ବୁସା ବାମ୍ବୋସ୍ ଏବଂ ଡେଣ୍ଡ୍ରୋକାଲାମସ୍ ଷ୍ଟ୍ରିକ୍ଟସ୍ | 13,10,100 | 94 (ଉତ୍ତମ) |
| 5 | କୋରାପୁଟ | ନୋଟିଡେଙ୍ଗର (ସେମିଳିଗୁଡ଼ା ରେଞ୍ଜ) | 2013-14 | ଏନ୍‌ବିଏମ୍/ 20 | ବାମ୍ବୁସା ବାମ୍ବୋସ୍ | 4,07,260 | 65 (ଉତ୍ତମ) |
| 6 | | ସାପଲିଗୁଡ଼ା (ଲମତାପୁଟ ରେଞ୍ଜ) | 2014-15 | ଓଏଚ୍‌ପି/25 | ଡେଣ୍ଡ୍ରୋକାଲାମସ୍ ଷ୍ଟ୍ରିକ୍ଟସ୍ | 5,13,926 | 12 (ବିଫଳ) |

| ମୃତ୍ତିକା ସ୍ଥିତି | ବାର୍ଷିକ ବୃଷ୍ଟିପାତ | ଖାଲି ପଡିଥିବା ଶତକଡ଼ା | ସମୁଦାୟ କଲମ୍ସ/ ବୃକ୍ଷ ସଂଖ୍ୟା | ପ୍ରାଧାନ୍ୟ ବୃକ୍ଷର ଉଚ୍ଚତା (ମି) | ପ୍ରାଧାନ୍ୟ ବୃକ୍ଷର କୋଲାର ବ୍ୟାସ (ସେମି) | ବିଶେଷଜ୍ଞଙ୍କ ଟିପ୍ପଣୀ |
|---|---|---|---|---|---|---|
| *9* | *10* | *11* | *12* | *13* | *14* | *15* |
| ମୃତ୍ତିକା ମିଶ୍ରିତ ଅବକ୍ଷୟ ଅଛି | ଉତ୍ତମ | 40 ରୁ 50 | 6.6 | 6.6 | 2.1 | ଉଲ୍ଲେଖନୀୟ ଜଳ ଅଭିବୃଦ୍ଧି ଖରାପ ଅଛି |
| ଭଲ | ଉତ୍ତମ | 50 ରୁ 60 | 5.9 | 5.5 | 1.9 | ଅଭିବୃଦ୍ଧି ସନ୍ତୋଷଜନକ ଠାରୁ କମ୍ ଅଛି |
| ମଧ୍ୟମ ଭାବରେ ଖରାପ | ଉତ୍ତମ | 45 ରୁ 55 | 3.9 | 4.0 | 1.8 | ବୃକ୍ଷରୋପଣର ପ୍ରଦର୍ଶନ ଖରାପ ଅଛି |
| ଭଲ | ଉତ୍ତମ | 0 ରୁ 40 | 6.6 | 7.8 | 3.1 | ଉତ୍ତମ |
| ଅବକ୍ଷୟ ମୁରମ, ପଥର | ଉତ୍ତମ | 0 ରୁ 10 | 8.4 | 8.6 | 3.9 | ଉତ୍ତମ |
| ଚିକ୍କଣ ଏବଂ ପଥର | ଉତ୍ତମ | 0 ରୁ 5 | 2 | 0.3 | 0.5 | ବାଉଁଶ ବୃକ୍ଷ ବୃଦ୍ଧିମାନ ନାହିଁ |

**ଫଟୋଗ୍ରାଫ୍ ସଂଖ୍ୟା.15**



**ଫଟୋଗ୍ରାଫ୍ ସଂଖ୍ୟା.16**



ପାଟଣା ରେଞ୍ଜ ଅନ୍ତର୍ଗତ ବନମାଳୁଲଢିହା ଠାରେ ବାଉଁଶ ବୃକ୍ଷର ସ୍ଥିତି

- ଏହା ଦେଖାଗଲା ଯେ ଛଅଟି ବୃକ୍ଷରୋପଣ ସ୍ଥାନ ମଧ୍ୟରୁ ଦୁଇଟି ବୃକ୍ଷରୋପଣ ଆଂଶିକ ସଫଳ ଥିଲା, ଦୁଇଟି ସ୍ଥାନ ସମ୍ପୂର୍ଣ୍ଣ ବିଫଳ ଥିଲା ଏବଂ ଦୁଇଟି ସ୍ଥାନ ଯଥେଷ୍ଟ ସଫଳ ଥିଲା । ବଞ୍ଚିବାର ଶତକଡ଼ା ସାପରଙ୍ଗିଗୁଡ଼ା (ଲାମଟାପୁଟ ରେଞ୍ଜ, କୋରାପୁଟ ବିଭାଜନ) ରେ 12 ପ୍ରତିଶତରୁ ପଙ୍ଗା-ବାଟାଗାମନରେ (ଟେଲକୋଇ ରେଞ୍ଜ, କେନ୍ଦୁଝର ବିଭାଜନ) 94 ପ୍ରତିଶତ ମଧ୍ୟରେ ଥିଲା ।
- ସ୍ଥାନର ଗୁଣବତ୍ତା, ନିଆଯାଇଥିବା ପ୍ରଜାତି ଏବଂ ପରିଚାଳନା ସ୍ତରରେ ପରିବର୍ତ୍ତନ ହେତୁ ବିଭିନ୍ନ ବୃକ୍ଷରୋପଣର କାର୍ଯ୍ୟକାରିତାରେ ବିଭିନ୍ନତା ଥିଲା । ଭୁଲ ସାଇଟ୍ ଚୟନ ଏବଂ ଖରାପ ପରିଚାଳନା ଯୋଗୁଁ ସାପରାଙ୍ଗିଗୁଡ଼ା ଠାରେ ଥିବା ବୃକ୍ଷରୋପଣ ବିଫଳ ହୋଇଥିଲା । ପାଟନା ରେଞ୍ଜର ବନାମାହୁଲଡିହା ଠାରେ ଥିବା ବୃକ୍ଷରୋପଣରେ ବଞ୍ଚିବାର ହାର 35 ପ୍ରତିଶତ ଥିଲା ଯାହା ଖରାପ ପରିଚାଳନା ଯୋଗୁଁ ହୋଇଥିଲା ।
- ଛଅଟି ବୃକ୍ଷରୋପଣ ମଧ୍ୟରୁ ଚାରିଟି ବୃକ୍ଷରୋପଣ 40 ପ୍ରତିଶତରୁ ଅଧିକ କାନପି ପରିସର ଥିବା ବିଦ୍ୟମାନ ଜଙ୍ଗଲ ମଧ୍ୟରେ କରାଯାଇଥିଲା । ଆଲୋକ ପର୍ଯ୍ୟାପ୍ତ ମାତ୍ରାରେ ଉପଲବ୍ଧ ନହେବା ଯୋଗୁଁ ବୃକ୍ଷଗୁଡ଼ିକର ଅଭିବୃଦ୍ଧି ସର୍ବୋତ୍ତମ ନଥିଲା ।
- ବାଞ୍ଛିତ ଅବଧିରେ ବୃକ୍ଷରୋପଣ ପତ୍ରିକା ଅନୁରକ୍ଷଣ କରାଯାଇ ନଥିଲା । ଏହା ସୂଚାଇଲା ଯେ ସଂପୃକ୍ତ ଜଙ୍ଗଲ ଅଧିକାରୀମାନେ ପରାମର୍ଶିତ ସମୟରେ ବୃକ୍ଷରୋପଣ ସ୍ଥାନ ସହ ଜଡ଼ିତ ନଥିଲେ ଏବଂ ସମୟ ପୂର୍ବରୁ ରକ୍ଷଣାବେକ୍ଷଣ କାର୍ଯ୍ୟ ଛାଡ଼ିଦେଇଥିଲେ ।
- ଦୃଢ଼ ଭାବରେ ଏହା ଅନୁଭବ କରାଯାଇଥିଲା ଯେ ପ୍ରାରମ୍ଭିକ ତିନି ବର୍ଷ ପାଇଁ ଅଧିକାଂଶ ସ୍ଥାନଗୁଡ଼ିକରେ ତଦାରଖ ନିମନ୍ତେ ପର୍ଯ୍ୟାପ୍ତ ସୁରକ୍ଷା ବ୍ୟବସ୍ଥା କରାଯାଇନଥିଲା, ଯଦିଓ ବୃକ୍ଷରୋପଣରେ ପଞ୍ଚମ ବର୍ଷ ପର୍ଯ୍ୟନ୍ତ ସମସ୍ତ ବର୍ଷ ପାଇଁ ତଦାରଖ କରିବାର ବ୍ୟବସ୍ଥା ଥିଲା ।

ତେଣୁ, ଚାରୋଟି ବୃକ୍ଷରୋପଣ ବିଫଳ ଥିଲା । ନିର୍ଦ୍ଦିଷ୍ଟ ସ୍ଥାନ ପାଇଁ ବାଉଁଶ ପ୍ରଜାତିକୁ ସଠିକ୍ ଭାବରେ ଚୟନ କରାଯିବା ଉଚିତ୍ । ପ୍ରଚୁର ଜୈବ ପ୍ରତିବନ୍ଧକ ଥିବା ସ୍ଥାନଗୁଡ଼ିକର ବମ୍ବୁସା ବାମୋସ୍ ଭଳି ପ୍ରଜାତିକୁ ଅଗ୍ରାଧିକାର ଦିଆଯିବା ଉଚିତ୍ । ଖର୍ଚ୍ଚ ହୋଇଥିବା 16.68 ଲକ୍ଷ ଟଙ୍କା ନିଷ୍ଫଳ ଥିଲା । ବୃକ୍ଷଗୁଡ଼ିକର ବଞ୍ଚିବା ସ୍ଥିତି ସୁନିଶ୍ଚିତ କରିବା ପାଇଁ ଭାରନ୍ୟସ୍ତ ଥିବା ଅଧିକାରୀଙ୍କ ବିରୁଦ୍ଧରେ ପଦକ୍ଷେପ ନିଆଯିବା ଉଚିତ୍ ।

ଉପରୋକ୍ତ ସମୀକ୍ଷା ସିଦ୍ଧାନ୍ତ ପାଇଁ ସରକାର କୌଣସି ନିର୍ଦ୍ଦିଷ୍ଟ ଉତ୍ତର ପ୍ରଦାନ କରିନଥିଲେ ।

## 2.1.8 ବର୍ଦ୍ଧିତ ସବୁଜ ବଳୟ/ରାଜ୍ୟ ଯୋଜନା ପ୍ରକଳ୍ପ ଅନ୍ତର୍ଗତ ବୃକ୍ଷରୋପଣ

ଜଙ୍ଗଲ ବିଭାଗ, ରାଜ୍ୟ ଯୋଜନା (ଏସ୍‌ପି) ଅଧୀନରେ ବିଭିନ୍ନ ଯୋଜନା ଯଥା-ଏଆର୍,ଏଏନ୍‌ଆର୍, ଆଭେନ୍ୟୁ ବୃକ୍ଷରୋପଣ, ବ୍ଲକ୍ ବୃକ୍ଷରୋପଣ, ସହରୀ ବୃକ୍ଷରୋପଣ, ବାଉଁଶ ବୃକ୍ଷରୋପଣ, ଲଣ୍ଡା ପାହାଡ଼ ବୃକ୍ଷରୋପଣ ଇତ୍ୟାଦି ପାଇଁ ପାଣ୍ଠି ପ୍ରାପ୍ତି କରିଥିଲା । ବନୀକରଣ କାର୍ଯ୍ୟକଳାପ ପାଇଁ ଜାରି ରହିଥିବା 11 ଟି ଯୋଜନା[17]କୁ ମିଳିତ କରି 2013-14 ରେ ବର୍ଦ୍ଧିତ ସବୁଜ ବଳୟ (ଆଇଜିସି) ଯୋଜନା ଆରମ୍ଭ କରାଯାଇଥିଲା ।

### 2.1.8.1 ବାଉଁଶ ବୃକ୍ଷରୋପଣ ଆଦୌ ନଥିବା

ଓଏଫ୍‌ଡି ସଂହିତା, 1979 ର ନିୟମ 28(i) ଅନୁସାରେ ରେଞ୍ଜ ଅଫିସର(ଆର୍‌ଓ) ଙ୍କ କର୍ତ୍ତବ୍ୟ ହେଉଛି ସେ ତାଙ୍କ ଦାୟିତ୍ୱରେ ଥିବା ଜଙ୍ଗଲ ସମ୍ପତ୍ତିର ପ୍ରକୃତି, ମୂଲ୍ୟ ଏବଂ ପରିମାଣ ଜାଣିବା ଆବଶ୍ୟକ ଏବଂ ଏହି ସମ୍ପତ୍ତି ଯାହା କେବଳ ପ୍ରାକୃତିକ ଜଙ୍ଗଲ ଏବଂ ବନ୍ୟଜନ୍ତୁ ନୁହଁନ୍ତି, ବରଂ ବୃକ୍ଷରୋପଣ, ରାସ୍ତା, କୋଠା, କୂଅ ଇତ୍ୟାଦିର ମଧ୍ୟ ସୁରକ୍ଷା ଏବଂ ପରିଚାଳନା ପାଇଁ ନିର୍ଦ୍ଧାରିତ ଯୋଜନା ଜାଣି ରଖିବା ଆବଶ୍ୟକ । ପୁନଶ୍ଚ, ଏଫ୍‌ପିଏମ୍, 1977 ର ନିୟମ 26 ଅନୁଯାୟୀ, ଏକ ପ୍ରଜାତି ଯାହା ଗୋଚାରଣ ଏବଂ ବ୍ରାଉଜିଙ୍ଗ୍ ହୋଇପାରିବ, ଯେ ପର୍ଯ୍ୟନ୍ତ ବ୍ରାଉଜିଂ

[17] ସହରୀ ବୃକ୍ଷରୋପଣ, ଔଷଧୀୟ ବୃକ୍ଷରୋପଣ, ଆର୍ଥିକ ବୃକ୍ଷରୋପଣ, ଓଡ଼ିଶା ବାଉଁଶ ବିକାଶ କାର୍ଯ୍ୟକ୍ରମ, ଲଣ୍ଡାପାହାଡ଼ ବୃକ୍ଷରୋପଣ, ଆଭେନ୍ୟୁ ବୃକ୍ଷରୋପଣ, କାଳେଣୀ ଦକ୍ଷ ବୃକ୍ଷ ଲୋକାଭିମୁଖୀ, ଚୈତ୍ୟ ଜଙ୍ଗଲ, ସୁରକ୍ଷା ନର୍ସରୀ, ଗ୍ରାମ ଜଙ୍ଗଲ ଯୋଜନା ଏବଂ ପରିବହନ ବନୀକରଣ ସଂରକ୍ଷଣ

ବିଲୋପ ହୋଇନପାରିବ ଏବଂ ଏହା ନିଶ୍ଚିତ କରିବାକୁ ପଦକ୍ଷେପ ନିଆନଯିବ ସେପର୍ଯ୍ୟନ୍ତ ସେଗୁଡ଼ିକୁ ରୋପଣ କରାଯିବ ନାହିଁ।

- କୋରାପୁଟ ବିଭାଜନରେ ବୃକ୍ଷରୋପଣ ନଥି (ପତ୍ରିକା) ଯାଞ୍ଚରୁ ଜଣାଗଲା ଯେ 2013-14ରେ ଲମଟାପୁଟ ରେଞ୍ଜରେ ପ୍ରକୃତ ସ୍ଥାନକୁ ସଂଯୋଜନା ନକରି 5.51 ଲକ୍ଷ ଟଙ୍କା ବ୍ୟୟରେ 566.65 ହେକ୍ଟର ପରିମିତ ବାଗଡଙ୍ଗର ସଂରକ୍ଷିତ ଜଙ୍ଗଲ (ପିଆର୍‌ଏଫ୍)ରେ ଏକ 40 ହେକ୍ଟର ବାଉଁଶ ବୃକ୍ଷରୋପଣ କରାଯାଇଥିଲା ଏହି ପରିପ୍ରେକ୍ଷୀରେ, ଅଡିଟ୍ ସମୟରେ ନିମ୍ନଲିଖିତ ତଥ୍ୟ ପରିଲକ୍ଷିତ ହୋଇଥିଲା :

    - ଖର୍ଚ୍ଚ ଉପରେ କିଛି ତଥ୍ୟ ବ୍ୟତୀତ, ଅନ୍ୟ କୌଣସି ସୂଚନା ଯେପରିକି ସର୍ବେକ୍ଷଣ ବିବରଣୀ, ସାଇଟ୍ ଅବସ୍ଥାନ ବିବରଣୀ, ଜଳବାୟୁ ତଥ୍ୟ, ପୂର୍ବ ବୃକ୍ଷରୋପଣ କାର୍ଯ୍ୟ ସମ୍ବନ୍ଧୀୟ ବିବରଣୀ ଇତ୍ୟାଦି ଲିପିବଦ୍ଧ କରାଯାଇ ନଥିଲା। 5.51 ଲକ୍ଷ ଟଙ୍କାର ମୋଟ ଖର୍ଚ୍ଚ ମଧ୍ୟ ସମ୍ପୂର୍ଣ୍ଣ ଲିପିବଦ୍ଧ କରାଯାଇନଥିଲା ଯେହେତୁ କେବଳ 4.18 ଲକ୍ଷ ଟଙ୍କା ବ୍ୟୟ ପତ୍ରିକାରେ ଲିପିବଦ୍ଧ କରାଯାଇଥିଲା।

    - ଏହାର ଅସ୍ତିତ୍ୱ ନିଶ୍ଚିତ କରିବା ଏବଂ ବାଉଁଶ ବୃକ୍ଷର ବଞ୍ଚିବାର ଶତକଡ଼ା ଆକଳନ କରିବା ପାଇଁ ଜଙ୍ଗଲ ବିଭାଜନର ପ୍ରତିନିଧି ଦଳ ଉପସ୍ଥିତିରେ ଏକ ଜେପିଭି କରାଯାଇଥିଲା। ଯେହେତୁ ବୃକ୍ଷରୋପଣ ସାଇଟ୍ ଗ୍ଲୋବାଲ୍ ପୋଜିସନିଙ୍ଗ ସିଷ୍ଟମ୍ (ଜିପିଏସ୍) ସଂଯୋଜନା ବୃକ୍ଷରୋପଣ ପତ୍ରିକାରେ ଲିପିବଦ୍ଧ ହୋଇନଥିଲା, ପିଆର୍‌ଏଫ୍ ଅଞ୍ଚଳରେ ସାଇଟର ଅବସ୍ଥିତି ଚିହ୍ନଟ ହୋଇପାରିନଥିଲା। ବିଭାଜନର ଅଧିକାରୀମାନେ ମଧ୍ୟ ଅଡିଟ୍‌କୁ ଗୋଟିଏ ବି ଲଗାଯାଇଥିବା ବାଉଁଶ ଚିହ୍ନଟ କରାଇପାରିନଥିଲେ। ତେଣୁ, 5.51 ଲକ୍ଷ ଟଙ୍କାର ସମ୍ପୂର୍ଣ୍ଣ ଖର୍ଚ୍ଚ ସନ୍ଦେହଜନକ ଥିଲା ଏବଂ ଏହି ସ୍ଥାନରେ ବୃକ୍ଷରୋପଣ ବିଫଳ ଥିଲା। ଏଥିସହ, ଏହି ପରିପ୍ରେକ୍ଷୀରେ ଦର୍ଶାଯାଇଥିବା ଖର୍ଚ୍ଚର ଅପବ୍ୟବହାର ହେବାର ସମ୍ଭାବନାକୁ ଏଡ଼ାଇ ଦିଆଯାଇନପାରେ।

    ସରକାର ବ୍ୟକ୍ତ କଲେ (ଅକ୍ଟୋବର 2021) ଯେ ବୃକ୍ଷରୋପଣର ନିମ୍ନ ବଞ୍ଚିବା ପ୍ରତିଶତ ପାଇଁ କର୍ମଚାରୀଙ୍କ ବିରୋଧରେ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

- କେନ୍ଦୁଝର (ବନ୍ୟପ୍ରାଣୀ) ବିଭାଜନର ବୃକ୍ଷରୋପଣ ନଥି ଯାଞ୍ଚ କରି ଅଡିଟ୍ ଲକ୍ଷ୍ୟ କଲା ଯେ ହଦଗଡ଼ ଅଭୟାରଣ୍ୟରେ 10 ହେକ୍ଟର ଜମିରେ ଏକ ବାଉଁଶ ବୃକ୍ଷରୋପଣ 2.02 ଲକ୍ଷ ଟଙ୍କା ବ୍ୟୟରେ


ଫଟୋଗ୍ରାଫ୍ ସଂଖ୍ୟା.17-ହଦଗଡ଼ ଅଭୟାରଣ୍ୟର ଘଞ୍ଚ ଜଙ୍ଗଲରେ ଲଗାଯାଇଥିବା ବାଉଁଶ ବଣର ଅସ୍ତିତ୍ୱ ନଥିବା

କରାଯାଇଥିଲା। ସମୁଦାୟ ଖର୍ଚ୍ଚ ମଧ୍ୟରୁ ତଦାରଖ କାର୍ଯ୍ୟ ପାଇଁ 0.68 ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଇଥିଲା। ଜେପିଭି ଦଳ ଉକ୍ତ ସ୍ଥାନ ପରିଦର୍ଶନ କରି ଜାଣିବାକୁ ପାଇଲେ ଯେ ବୃକ୍ଷରୋପଣ ସ୍ଥାନ ଏକ ଘଞ୍ଚ ଜଙ୍ଗଲ ମଧ୍ୟରେ ଥିଲା ଏବଂ ସେଠାରେ କୌଣସି ସାଇନ୍ ବୋର୍ଡ ଏବଂ ସ୍ତମ୍ଭ ପୋଷ୍ଟିଂ ନଥିଲା। ଯଦିଓ

ବୃକ୍ଷରୋପଣ ସ୍ଥାନ ପତ୍ରିକାରେ ଲିପିବଦ୍ଧ କରାଯାଇଥିବା ମତେ ଜିପିଏସ୍ ସଂଯୋଜନା ସହିତ ମେଳ ଖାଉଥିଲା, ଜେପିଭି ଦଳ ବୃକ୍ଷରୋପଣ ସ୍ଥଳରେ ଗୋଟିଏ ମଧ୍ୟ ବାର୍ଷିକ ବୃକ୍ଷ ଚିହ୍ନଟ କରିପାରି ନଥିଲା । ବାର୍ଷିକ ବୃକ୍ଷରୋପଣ ପାଇଁ ସ୍ଥାନ ଚୟନ ସଂପୂର୍ଣ୍ଣ ଭୁଲ ଥିଲା କାରଣ ଏକ ଘଞ୍ଚ ଜଙ୍ଗଲ ମଧ୍ୟରେ ବୃକ୍ଷରୋପଣ କାର୍ଯ୍ୟ କରାଯାଇଥିଲା । ଏହାଦ୍ୱାରା 2.02 ଲକ୍ଷ ଟଙ୍କାର ସନ୍ଦେହଜନକ ବ୍ୟୟ ହୋଇଥିଲା ।

ସରକାର ବ୍ୟକ୍ତ କଲେ (ଅକ୍ଟୋବର 2021) ଯେ ବୃକ୍ଷରୋପଣର ନିମ୍ନ ବଞ୍ଚିବା ପ୍ରତିଶତ ପାଇଁ କର୍ମଚାରୀଙ୍କ ବିରୋଧରେ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ।

## 2.1.9 ମାଙ୍ଗ୍ରୋଭ ବୃକ୍ଷରୋପଣ

ମାଙ୍ଗ୍ରୋଭ୍ ଜଙ୍ଗଲ[18] ଅତ୍ୟନ୍ତ ଉତ୍ପାଦନକାରୀ ଇକୋସିଷ୍ଟମ ଯାହା ଉଭୟ ସାମୁଦ୍ରିକ ପରିବେଶ ଏବଂ ଲୋକଙ୍କୁ ଅନେକ ସାମଗ୍ରୀ ଏବଂ ସେବା ଯୋଗାଇଥାଏ । ମାଙ୍ଗ୍ରୋଭ୍ ଜଙ୍ଗଲରେ ବିଭିନ୍ନ ପ୍ରକାରର ମାଛ, କଙ୍କଡ଼ା, ଚିଙ୍ଗୁଡ଼ି ଏବଂ ମେରୁଦଣ୍ଡ ବିହୀନ ନରମ ପ୍ରଜାତିର ପ୍ରାଣୀ ବାସ କରନ୍ତି । ଏହି ମତ୍ସ୍ୟ ଧରିବା ସ୍ଥାନ ସମଗ୍ର ବିଶ୍ୱରେ ହଜାର ହଜାର ଉପକୂଳ ସମ୍ପ୍ରଦାୟ ପାଇଁ ଖାଦ୍ୟର ଏକ ଅତ୍ୟାବଶ୍ୟକ ଉତ୍ସ । ଏହି ଜଙ୍ଗଲଗୁଡ଼ିକ କୋରାଲ ରିଫ୍ ମାଛ ସମେତ ଅନେକ ମାଛ ପ୍ରଜାତି ପାଇଁ ନର୍ସରୀ ଭାବରେ ମଧ୍ୟ କାର୍ଯ୍ୟ କରେ । ଏହା ଉପକୂଳକୁ ସୁଦୃଢ଼ କରିବାରେ ସାହାଯ୍ୟ କରିଥାଏ ଏବଂ ଏହାର କ୍ଷୟକୁ ସମୁଦ୍ରଲହଡ଼ି ଏବଂ ଝଡ଼ ଠାରୁ ରୋକିଥାଏ । ମାଙ୍ଗ୍ରୋଭ୍ ବୃକ୍ଷରୋପଣ, ଏକୀକୃତ ଉପକୂଳବର୍ତ୍ତୀ ଅଞ୍ଚଳ ପରିଚାଳନା ପ୍ରକଳ୍ପ (ଆଇସିଜେଡ୍ଏମ୍ପି), ସିଏ ଅଧୀନରେ କରାଯାଇଥିଲା ଏବଂ ଭିତରକନିକାରେ ମାଙ୍ଗ୍ରୋଭ୍ ସଂରକ୍ଷଣ ଏବଂ ପରିଚାଳନା ପାଇଁ ପରିଚାଳନା କାର୍ଯ୍ୟଯୋଜନା (ଏମ୍ଏପି)

ଫଟୋଗ୍ରାଫ୍ ସଂଖ୍ୟା.18 – ଭିତରକନିକାରେ ମାଙ୍ଗ୍ରୋଭ ବୃକ୍ଷରୋପଣ



କାର୍ଯ୍ୟକାରୀ କରିବା ପାଇଁ କେନ୍ଦ୍ରୀୟ ସହାୟତା ପ୍ରାପ୍ତ ହୋଇଥିଲା ।

### 2.1.9.1 ମାଙ୍ଗ୍ରୋଭ୍ ବୃକ୍ଷରୋପଣର ନିର୍ଦ୍ଧାରଣ

ରାଜନଗର ମାଙ୍ଗ୍ରୋଭ୍ ଜଙ୍ଗଲ ବିଭାଜନ ଅଧୀନରେ ଥିବା ମାଙ୍ଗ୍ରୋଭ୍ ବୃକ୍ଷରୋପଣ ସ୍ଥଳର ଯେକୌଣସି ସମୟରେ, ଗଭୀର କାଦୁଅ ଅଞ୍ଚଳ ଏବଂ ପ୍ରବଳ ଜଳବନ୍ଦିତା ହେତୁ ଜେପିଭି ଦଳ ମାଙ୍ଗ୍ରୋଭ୍ ବୃକ୍ଷରୋପଣ ସ୍ଥାନକୁ ପ୍ରବେଶ କରିପାରି ନଥିଲେ । ମାଙ୍ଗ୍ରୋଭ୍ ବୃକ୍ଷରୋପଣକୁ ବିଶ୍ଳେଷଣ କରିବାର ଏକମାତ୍ର ଉପାୟ ଥିଲା ରିମୋଟ ସେନ୍ସିଂ ପଦ୍ଧତି । ସାନକ୍ଟୁରିରେ ମାଙ୍ଗ୍ରୋଭ୍ ବୃକ୍ଷରୋପଣକୁ ବିଶ୍ଳେଷଣ କରିବା ପାଇଁ ସାଟେଲାଇଟ୍ ପ୍ରତିଛବି ଏବଂ ଜିଏସ୍ଆଇ ବ୍ୟବହାର କରାଯାଇଥିଲା ଏବଂ ଫଳାଫଳଗୁଡ଼ିକ ନିମ୍ନରେ ବିସ୍ତୃତ ଭାବରେ ବର୍ଣ୍ଣନା କରାଯାଇଛି :

18 ଉତ୍ସ:- ଡବ୍ଲୁଡବ୍ଲୁଏଫ୍ ମାଙ୍ଗ୍ରୋଭ୍ ପ୍ରୁଭେନେନ୍ସ

ରାଜନଗର ମାଙ୍ଗ୍ରୋଭ୍ ଜଙ୍ଗଲ ବିଭାଜନ ଅଧୀନରେ ଥିବା ସାନଟୁବି ବୃକ୍ଷରୋପଣ କ୍ଷେତ୍ରର ମାନଚିତ୍ର ନିମ୍ନରେ ପ୍ରଦାନ କରାଯାଇଅଛି ।

ଫଟୋଗ୍ରାଫ୍ ସଂଖ୍ୟା.19




ମହାକାଳପଡ଼ା ଜଙ୍ଗଲ ରେଞ୍ଜ ଅଧୀନସ୍ଥ ସାନଟୁବିଠାରେ ଥିବା ମାଙ୍ଗ୍ରୋଭ ବୃକ୍ଷରୋପଣ

ୟୁଏଭି ବ୍ୟବହାରକାରୀ ସ୍ଥଳର ନିର୍ଦ୍ଧାରଣ କରାଯାଇଥିଲା ଯାହାକି **ସାରଣୀ 2.17** ରେ ବର୍ଣ୍ଣନା କରାଯାଇଛି ।

**ସାରଣୀ 2.17: ୟୁଏଭି ଦ୍ୱାରା ମାଙ୍ଗ୍ରୋଭ୍ ବୃକ୍ଷର ନିର୍ଦ୍ଧାରଣର ଫଳାଫଳ**

| ଜଙ୍ଗଲ ବିଭାଜନର ନାମ | ରେଞ୍ଜ/ ବୃକ୍ଷରୋପଣ ସ୍ଥାନ | ଯୋଜନା/ ବୃକ୍ଷରୋପଣ ବର୍ଷ/ କ୍ଷେତ୍ର ହେକ୍ଟରରେ | ରୋପଣ ପ୍ରକାର | ବୃକ୍ଷରୋପଣ ପଞ୍ଜିକା ଅନୁଯାୟୀ ବୃକ୍ଷ | ୟୁଏଭି ଅନୁସାରେ ବୃକ୍ଷ | ମୋଟ ଖର୍ଚ୍ଚ (ଟଙ୍କାରେ) | ବୃକ୍ଷରୋପଣରେ ହୋଇଥିବା ବ୍ୟୟ (ଟଙ୍କାରେ) |
|---|---|---|---|---|---|---|---|
| ରାଜନଗର | ମହାକାଳପଡ଼ା/ ସାନଟୁବି | ଅବକ୍ଷୟିତ ଜଙ୍ଗଲ/ 2014-15/ 65 | [illegible] ଏବଂ [illegible] | 288925 | 105333 | 23,98,500 | 36.46 |
| *ମୋଟ* | | | | *288925* | *105333* | *2398500* | *36.46* |

ବୃକ୍ଷର ବଞ୍ଚିବା ଶତକଡ଼ା ସାନାଟୁବିରେ 36.46 ଥିଲା, ଯାହାକୁ ଏକ ବିଫଳ ବୃକ୍ଷରୋପଣ ଭାବରେ ବିବେଚନା କରାଯିବ ।

### 2.1.9.2 ସାଗର ଶାଖା ଏବଂ ଚ୍ୟାନେଲଗୁଡ଼ିକର ନବୀକରଣ ନହେବା

ସାଗର ଶାଖା ହେଉଛି ମାଙ୍ଗ୍ରୋଭ୍ ଜଙ୍ଗଲର ଜୀବନ ରେଖା । ସେମାନେ ସଂଲଗ୍ନ ଅଞ୍ଚଳରେ ମଧୁର ଏବଂ କୁଆର ଜଳ ବହନ କରନ୍ତି ଏବଂ ଗୁରୁତ୍ୱପୂର୍ଣ୍ଣ ପୁଷ୍ଟିକର ଖାଦ୍ୟ ଯୋଗାନ୍ତି । ସତେଜ ପଙ୍କ ମାଟିକୁ ପୁନର୍ବାର ଶକ୍ତି ପ୍ରଦାନ ମଧ୍ୟ କରେ । କିନ୍ତୁ, ନଦୀର ଗତିପଥ ପରିବର୍ତ୍ତନ, ଜୈବିକ ହସ୍ତକ୍ଷେପ ଏବଂ ଜଳ ଚ୍ୟାନେଲର ପରିବର୍ତ୍ତନ ଭଳି ଅନେକ କାରଣ ହେତୁ ଉପରମୁଣ୍ଡରେ ଶାଖା ଗୁଡ଼ିକ ପୋତି ହୋଇଯାଏ । ସମୟ ସମୟରେ ଶାଖା ଗୁଡ଼ିକର ନବୀକରଣ କରିବା ଆବଶ୍ୟକ । ଶାଖାଗୁଡ଼ିକର ନବୀକରଣରେ ଶାଖା ଗୁଡ଼ିକର ପର୍ଯ୍ୟାପ୍ତ ଗଭୀରତାର ରକ୍ଷଣାବେକ୍ଷଣ ଅନ୍ତର୍ଭୁକ୍ତ । ନବୀକରଣ ଏକ ପାଞ୍ଚ ବର୍ଷିଆ ଚକ୍ରରେ କରାଯିବାର ଥିଲା । ପୁନଶ୍ଚ, ମାଙ୍ଗ୍ରୋଭ୍ ବୃକ୍ଷରୋପଣ ପାଇଁ ବୃକ୍ଷରୋପଣ କୌଶଳ ଭିନ୍ନ ଅଟେ । ମାଙ୍ଗ୍ରୋଭ୍ ବୃକ୍ଷରୋପଣର ଦୁଇ ପ୍ରକାର ପଦ୍ଧତି ଅଛି ଯଥା-ବିହନ ଏବଂ ହାଇପୋକୋଟାଇଲ୍ । ଯେଉଁ ସ୍ଥାନଗୁଡ଼ିକ ଜଳମଗ୍ନ ହୁଏ ନାହିଁ ସେହି ସ୍ଥାନରେ ମାଛ ଅସ୍ଥି ଚ୍ୟାନେଲ ଖୋଳିବା ଆବଶ୍ୟକ । ଯେଉଁଠାରେ ମାଙ୍ଗ୍ରୋଭ୍ ଉଦ୍ଭିଦଗୁଡ଼ିକ ନୂତନ ଭାବରେ ଆସିଥିବ, ସେହି ଅଞ୍ଚଳରେ ନୂତନ ମାଛ ଅସ୍ଥି ଚ୍ୟାନେଲ ସୁପାରିଶ କରାଯାଇଥିଲା । ଏହା ଡିଏଫ୍ଓଙ୍କ ଦ୍ୱାରା ସ୍ଥିର ହେବାର ଥିଲା । ଏହିପରି, ପରିଚାଳନା ହସ୍ତକ୍ଷେପଗୁଡ଼ିକ ସାଗର ଶାଖା ନବୀକରଣ ଏବଂ ପର୍ଯ୍ୟାପ୍ତ ଲବଣତା ରକ୍ଷଣାବେକ୍ଷଣକୁ ଲକ୍ଷ୍ୟ ରଖେ ।

ଏହି ପରିପ୍ରେକ୍ଷୀରେ, ଗୁରୁତ୍ୱପୂର୍ଣ୍ଣ ସାଗର ଶାଖା ଏବଂ ଦୈର୍ଘ୍ୟ ସହ ବିଦ୍ୟମାନ ଚ୍ୟାନେଲ ସଂଖ୍ୟା ସମ୍ବନ୍ଧୀୟ ସୂଚନା, ଶେଷ ନିର୍ଦ୍ଧାରଣ ବର୍ଷ, 2013-18 ଅବଧି ମଧ୍ୟରେ ଏହି ଶାଖା ଏବଂ ଚ୍ୟାନେଲଗୁଡ଼ିକର ନବୀକରଣ ପାଇଁ ପାଞ୍ଚ

ବର୍ଷୀୟ ଯୋଜନା ଦସ୍ତାବିଜ ଅଡିଟ୍‌କୁ ପ୍ରଦାନ କରାଯାଇ ନଥିଲା । ପୁନଶ୍ଚ, ଏହି ସମୟ ମଧ୍ୟରେ ସାଗର ଶାଖା, କୁଆର ଚ୍ୟାନେଲ ଏବଂ ମାଛ ଅସ୍ଥି ଚ୍ୟାନେଲରେ ନବୀକରଣର ତଥ୍ୟ ମଧ୍ୟ ବିଭାଜନ ନିକଟରେ ଉପଲବ୍ଧ ନଥିଲା ।

ତେଣୁ, ଏଥିରୁ ସ୍ପଷ୍ଟ ଜଣାପଡୁଥିଲା ଯେ ସାଗର ଶାଖା ଏବଂ ଚ୍ୟାନେଲଗୁଡ଼ିକୁ ସମୟାନୁସାରେ ନବୀକରଣ କରାଯାଇନଥିଲା ଯଦିଓ ଭିତରକନିକା ମାଙ୍ଗ୍ରୋଭ୍ ସଂରକ୍ଷଣ ତଥା ପରିଚାଳନା ପାଇଁ ପରିଚାଳନା କାର୍ଯ୍ୟ ଯୋଜନା (ଏମ୍ଏପି) କାର୍ଯ୍ୟକାରୀ କରିବା ଦିଗରେ କେନ୍ଦ୍ରୀୟ ସହାୟତା ପ୍ରାପ୍ତ ହୋଇଥିଲା ।

ଏହାର ଉତ୍ତରରେ ସରକାର ଦର୍ଶାଇଲେ (ଅକ୍ଟୋବର 2021) ଯେ 2013-18 ମଧ୍ୟରେ 72.56 ଲକ୍ଷ ଟଙ୍କା ବ୍ୟୟରେ ଏମ୍ଏପି ଅଧୀନରେ 70.94 ହେକ୍ଟର ଚ୍ୟାନେଲ ଖୋଳା ଯାଇଥିଲା ଏବଂ ଏପିଓ ଅଧୀନରେ 16.40 ଲକ୍ଷ ଟଙ୍କା ବ୍ୟୟରେ 21 କିଲୋମିଟର ସାଗର ଶାଖା ଏବଂ ଚ୍ୟାନେଲ ନବୀକରଣ କରାଯାଇଥିଲା । କିନ୍ତୁ, ସାଗର ଶାଖା ଏବଂ ଚ୍ୟାନେଲଗୁଡ଼ିକର ନବୀକରଣ ସମ୍ବନ୍ଧିତ ଦସ୍ତାବିଜ୍ ଅଡିଟ୍‌କୁ ପ୍ରଦାନ କରାଯାଇ ନଥିଲା ।

### 2.1.10 ମିଳିତ ବାସ୍ତବିକ ପରିଦର୍ଶନ ମାଧ୍ୟମରେ ବୃକ୍ଷରୋପଣ ସ୍ଥାନଗୁଡ଼ିକର ନିର୍ଦ୍ଧାରଣ

କ୍ଷେତ୍ରୀୟ ଅଡିଟ୍ ସମୟରେ, ଅଡିଟ୍ ଦଳ ଏବଂ ଜଙ୍ଗଲ ଅଧିକାରୀଙ୍କୁ ନେଇ ଗଠିତ ଜେପିଭି ଦଳ 34 ଟି ବୃକ୍ଷରୋପଣ ସ୍ଥଳରେ ବୃକ୍ଷର ବଞ୍ଚିବା ଆକଳନ କରିବା ନିମନ୍ତେ ମନୋନୀତ ବିଭାଜନ ଗୁଡ଼ିକରେ ମନୋନୀତ ହୋଇଥିବା ସମସ୍ତ ଯୋଜନାକୁ ଅନ୍ତର୍ଭୁକ୍ତ କରିଥିଲେ । ଏହା ଦେଖାଗଲା ଯେ ମୁଖ୍ୟତଃ ଶାଗୁଆନ୍ ବୃକ୍ଷ ଗୁଡ଼ିକ ବଞ୍ଚିଥିଲେ ଏବଂ ଆମଲା, କାର୍ଡଶ, ନିମ୍ବ, ଚାକୁଣ୍ଡା ଏବଂ କାଜୁ ପରି ଅନ୍ୟ ପ୍ରଜାତିର ବଞ୍ଚିବାର ସ୍ଥିତି ଖରାପ ଥିଲା । ସଂହିତା ଅନୁଯାୟୀ, 35 ଟି ବୃକ୍ଷରୋପଣ ମଧ୍ୟରୁ 985 ହେକ୍ଟର ପରିମିତ 18 ଟି ବୃକ୍ଷରୋପଣ ସମ୍ପୂର୍ଣ୍ଣ ବିଫଳ ଥିଲା, 305 ହେକ୍ଟର ପରିମିତ ଛଅଟି ବୃକ୍ଷରୋପଣ ଆଂଶିକ ସଫଳ ଥିଲା ଏବଂ 11 ଟି ବୃକ୍ଷରୋପଣ ସଫଳ ଥିଲା । 24 ଟି ସ୍ଥାନ ମଧ୍ୟରୁ (ବିଫଳ ଏବଂ ଆଂଶିକ ସଫଳ ଥିବା ବୃକ୍ଷରୋପଣ ଅନ୍ତର୍ଭୁକ୍ତ କରି) ଏସ୍‌ପି ଅଧୀନରେ ପାଞ୍ଚଟି ସ୍ଥାନ, ସିଏଏମ୍‌ପିଏ ଅଧୀନରେ ଆଠଟି ସ୍ଥାନ, ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଅଧୀନରେ ନଅଟି ସ୍ଥାନ ଏବଂ ଏନ୍‌ବିଏମ୍ ଏବଂ ଏନ୍‌ଏପି ଅଧୀନରେ ଗୋଟିଏ ଗୋଟିଏ ସ୍ଥାନରେ କାର୍ଯ୍ୟକାରୀ କରାଯାଇଥିଲା । କିନ୍ତୁ, ଏହି ବୃକ୍ଷରୋପଣର ବଞ୍ଚିବାର ଶତକଡ଼ା ଜେପିଭି ନିର୍ଦ୍ଧାରଣ ଫଳାଫଳ ଅନୁଯାୟୀ ଶୂନରୁ 53 ପ୍ରତିଶତ ମଧ୍ୟରେ ରହିଥିବା ବେଳେ ଡିଏଫ୍‌ଓଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ତଥ୍ୟ ଅନୁଯାୟୀ 10 ରୁ 95 ପ୍ରତିଶତ ମଧ୍ୟରେ ଥିଲା । ତେଣୁ, ଏହି 24 ଟି ବୃକ୍ଷରୋପଣ ପାଇଁ 2.51 କୋଟି ଟଙ୍କାର ବ୍ୟୟ ନିଷ୍ଫଳ ଥିଲା ଯାହାକି **ପରିଶିଷ୍ଟ -5** ରେ ବିସ୍ତୃତ ଭାବେ ବର୍ଣ୍ଣନା କରାଯାଇଅଛି ।

ଉପରୋକ୍ତ ଅଡିଟ୍ ସିଦ୍ଧାନ୍ତକୁ ସରକାର ଗ୍ରହଣ କରିଥିଲେ (ଅକ୍ଟୋବର 2021) ।

**ସୁପାରିଶ (ବିଭିନ୍ନ ବୃକ୍ଷରୋପଣ କାର୍ଯ୍ୟକ୍ରମର କାର୍ଯ୍ୟାନ୍ୱୟନ)**

- ***ବିଭାଗ, ସ୍ୱଦେଶୀ ପ୍ରଜାତିକୁ ରୋପଣ କରିବା ପାଇଁ ଅଗ୍ରାଧିକାର ଦେଇପାରନ୍ତି। ବୃକ୍ଷରୋପଣ ପାଇଁ ପ୍ରଜାତିର ଚୟନ ମୃତ୍ତିକା, ବୃଷ୍ଟିପାତ, ତାପମାତ୍ରା, ଡ୍ରେନେଜ ଇତ୍ୟାଦି ଭଳି ଆବଶ୍ୟକୀୟ ପାରାମିଟର ଗୁଡ଼ିକର ପୂର୍ବ ବୃକ୍ଷରୋପଣ ବିଶ୍ଳେଷଣ ସହିତ ସ୍ଥାନ ଅନୁଯାୟୀ ହେବା ଉଚିତ୍ ।***
- ***ଏମ୍‌ଜିଏନ୍‌ଆର୍‌ଇଜିଏସ୍ ମାଧ୍ୟମରେ ବୃକ୍ଷରୋପଣ ପ୍ରକଳ୍ପର ଠିକ୍ ସମୟରେ ଅନୁମୋଦନ ଏବଂ ସଫଳ ବୃକ୍ଷରୋପଣ ପାଇଁ ଉପଲବ୍ଧ ଜବ୍ କାର୍ଡଧାରୀଙ୍କ ଉପଯୋଗ ସହିତ ପାଣ୍ଠି ପ୍ରଦାନ କରିବା ନିମନ୍ତେ ବିଭାଗ ସ୍ତରୀୟ ସମନ୍ୱୟ ଏବଂ ଡିଏଫ୍‌ଓମାନଙ୍କ ସ୍ଥାନୀୟ ସ୍ତରୀୟ ସମନ୍ୱୟ ଏବଂ ସେମାନଙ୍କ ସଂପୃକ୍ତ ଡିଆର୍‌ଡିଏଙ୍କ ସମନ୍ୱୟ ରକ୍ଷା କରାଯାଇପାରେ ।***
- ***ଯେକୌଣସି ପ୍ରକଳ୍ପ ଅନ୍ତର୍ଗତ ବୃକ୍ଷରୋପଣ ପ୍ରକଳ୍ପ କାର୍ଯ୍ୟାରମ୍ଭ କରିବା ପୂର୍ବରୁ ବିଭାଗ ସଠିକ୍ ଯୋଜନା ଯଥା 10 ପ୍ରତିଶତରୁ କମ୍ କାନପି ସାନ୍ଦ୍ରତା ଥିବା ଉପଯୁକ୍ତ ସ୍ଥାନଗୁଡ଼ିକର ଚୟନ ଇତ୍ୟାଦି ସୁନିଶ୍ଚିତ କରିପାରନ୍ତି ।***
- ***ବୃକ୍ଷରୋପଣର ପ୍ରଭାବୀ ତଥା ଦକ୍ଷ ପର୍ଯ୍ୟାଲୋଚନା ଏବଂ ନିର୍ଦ୍ଧାରଣ ପାଇଁ ବିଭାଗ, ରିମୋଟ୍ ସେନ୍ସିଂ ଟେକ୍‌ନୋଲୋଜି ଯଥା ସାଟେଲାଇଟ୍ ପ୍ରତିଛବି ଏବଂ ୟୁଏଭି / ଡ୍ରୋନ୍ ପରି ସେବା ବ୍ୟବହାର କରିପାରନ୍ତି ।***

## ଆର୍ଥିକ ପରିଚାଳନା

## 2.1.11 ବୃକ୍ଷରୋପଣ କାର୍ଯ୍ୟାନ୍ୱୟନରେ ଆର୍ଥିକ ଅନିୟମିତତା

### 2.1.11.1 ତଦାରଖର ଅନୁପଯୁକ୍ତ ବ୍ୟବସ୍ଥା ଯୋଗୁଁ ପରିହାର୍ଯ୍ୟ ବ୍ୟୟ

ବର୍ଷ 2016 ର ମୂଲ୍ୟ ମାର୍ଗଦର୍ଶିକାରେ ଗ୍ୟାପ୍ ମଡ୍ୟୁଲ୍[19] ବିନା ସହାୟକ ପ୍ରାକୃତିକ ପୁନରୁତ୍ପାଦନକୁ କାର୍ଯ୍ୟକାରୀ କରାଯାଇଥିଲା । ଏହି ମଡ୍ୟୁଲରେ ପ୍ରକୃତ ଚାରା ରୋପଣ ବିନା କେବଳ ପୁନରୁତ୍ପାଦନ କାର୍ଯ୍ୟ କରାଯାଏ । ଏହି ମୂଲ୍ୟ ମାର୍ଗଦର୍ଶିକା ଅନୁସାରେ ଶୂନରୁ ଚାରି ବର୍ଷ ମଧ୍ୟରେ ସର୍ବେକ୍ଷଣ, ଡିମାର୍କେସନ୍, ସାଇଟ୍ ପ୍ରସ୍ତୁତି, ସିଲଭିକଲ୍‌ଚରାଲ୍ ଅପରେସନ୍, ମୃତ୍ତିକା ସଂରକ୍ଷଣ ପଦକ୍ଷେପ, ଫାୟାର ଲାଇନ୍ ଟ୍ରେସିଂ, ତଦାରଖ ଇତ୍ୟାଦି କାର୍ଯ୍ୟ ଅନ୍ତର୍ଭୁକ୍ତ କରେ । ଓଏଫ୍‌ଡି ସଂହିତା, 1979 ର ନିୟମ 29 ଏବଂ 30 ଅନୁଯାୟୀ ଫରେଷ୍ଟରଙ୍କୁ ଦାୟିତ୍ୱ ଦିଆଯାଇଥିବା ଜଙ୍ଗଲ ଏବଂ ସରକାରୀ ସମ୍ପତ୍ତିର ଉପଯୁକ୍ତ ସୁରକ୍ଷା ଦେବା ଆବଶ୍ୟକ । ସେହିଭଳି ଭଲ ଅବସ୍ଥାରେ ବାଡ଼ର ରକ୍ଷଣାବେକ୍ଷଣ ଏବଂ ପୁନରୁତ୍ପାଦନ ଅଧୀନରେ ଥିବା ଅଞ୍ଚଳର ଯତ୍ନ ନେବା ଏବଂ ଆବଶ୍ୟକ ମତେ ଅନାବନା ଗଛ ସଫା କରିବା ପାଇଁ ଫରେଷ୍ଟଗାର୍ଡ ଦାୟୀ ରହିବେ । ପୁନଶ୍ଚ, ଏଫ୍‌ପିଏମ୍, 1977 ର ନିୟମ 179 ଅନୁଯାୟୀ ପ୍ରତ୍ୟେକ 25 ହେକ୍ଟର ପରିମିତ ନୂତନ ବୃକ୍ଷରୋପଣ ପାଇଁ ତଦାରଖ ବ୍ୟବସ୍ଥା କରାଯାଇପାରେ ।

ଏହି ମୂଲ୍ୟ ମାର୍ଗଦର୍ଶିକା ମଡ୍ୟୁଲର ବିଭିନ୍ନ ଉପାଦାନଗୁଡ଼ିକର ଯାଞ୍ଚରୁ ଜଣାଗଲା ଯେ ଯଦିଓ ପ୍ରକୃତରେ ବିହନ ବୁଣାଯାଇ ନଥିଲା, ଏହା ସମ୍ପୂର୍ଣ୍ଣ ଚାରି ବର୍ଷ ଅବଧିର ପୁନରୁତ୍ପାଦନ ସମୟ ନିମନ୍ତେ ହେକ୍ଟର ପ୍ରତି ତଦାରଖ ପାଇଁ 21 ମ୍ୟାଣ୍ଡେ[20] (ଦିନକୁ 200 ଟଙ୍କା ମୂଲ୍ୟରେ 4,200 ଟଙ୍କା)ର ବ୍ୟବସ୍ଥା କରାଯାଇଥିଲା । ନୂତନ ଉଦ୍ଭିଦ ବୃକ୍ଷରୋପଣ ହୋଇନଥିବା ହେତୁ ତଦାରଖ କାର୍ଯ୍ୟ ଅନାବଶ୍ୟକ ଏବଂ ପରିହାର୍ଯ୍ୟ ଥିଲା କାରଣ ପୁନଃଉତ୍ପାଦନ ଜଙ୍ଗଲର ସୁରକ୍ଷା ଏବଂ ବାଡ଼ ପାଇଁ ଫରେଷ୍ଟର ଏବଂ ଫରେଷ୍ଟ ଗାର୍ଡମାନେ ଦାୟୀ ଅଟନ୍ତି । 2016-18 ମଧ୍ୟରେ ରାଜ୍ୟରେ 63.19 କୋଟି ଟଙ୍କା ବ୍ୟୟରେ 4,06,640 ହେକ୍ଟର[21] ଗ୍ୟାପ୍ ବୃକ୍ଷରୋପଣ ବିନା ଏଏନ୍‌ଆର୍ କାର୍ଯ୍ୟକାରୀ କରାଯାଇଥିଲା ଯାହା ପରିହାର୍ଯ୍ୟ ଥିଲା ।

ଏହାର ଉତ୍ତରରେ ସରକାର ବ୍ୟକ୍ତ କଲେ (ଅକ୍ଟୋବର 2021) ଯେ ପ୍ରାକୃତିକ ପୁନରୁତ୍ପାଦନକୁ ଜୈବିକ ହସ୍ତକ୍ଷେପ ଏବଂ ଜଙ୍ଗଲକୁ ଅଗ୍ନିକାଣ୍ଡରୁ ରକ୍ଷା କରିବା ପାଇଁ ୱାଚରମାନଙ୍କୁ ନିୟୋଜିତ କରିବା ଆବଶ୍ୟକ ଥିଲା । କିନ୍ତୁ, ଉତ୍ତର ଗ୍ରହଣୀୟ ନଥିଲା କାରଣ ପ୍ରକୃତରେ ବୃକ୍ଷରୋପଣ କାର୍ଯ୍ୟକାରୀ ହୋଇନଥିଲା ଏବଂ ତଦାରଖ ପାଇଁ ପୃଥକ ବ୍ୟବସ୍ଥା କରିବା ନିମନ୍ତେ କୌଣସି ଜଙ୍ଗଲ ସମ୍ପତ୍ତି ସୃଷ୍ଟି କରାଯାଇନଥିଲା । ମୂଲ୍ୟମାର୍ଗଦର୍ଶିକା ମଡ୍ୟୁଲ୍ ଅନୁଯାୟୀ କେବଳ ସିଲ୍‌ଭିକଲ୍‌ଚରାଲ୍ ଅପରେସନ ଏବଂ ମୃତ୍ତିକାର ଆର୍ଦ୍ରତା ସଂରକ୍ଷଣ କାର୍ଯ୍ୟ କରାଯାଇଥିଲା । ଏତଦ୍ ବ୍ୟତୀତ, ଯାଞ୍ଚ ପଥ ଏବଂ ଫାୟାର ଲାଇନ୍ ଟ୍ରେସିଂ ପାଇଁ ଅଲଗା ବ୍ୟବସ୍ଥା ମୂଲ୍ୟ ମାର୍ଗଦର୍ଶିକାରେ ଅନ୍ତର୍ଭୁକ୍ତ କରାଯାଇଥିଲା ।

### 2.1.11.2 ବୃକ୍ଷରୋପଣର ମୂଲ୍ୟ ମାନାଦର୍ଶରେ ଅସଙ୍ଗତି ହେତୁ ପରିହାର୍ଯ୍ୟ ଅତିରିକ୍ତ ଖର୍ଚ୍ଚ

ଯେଉଁ ଅଞ୍ଚଳରେ ଅଳ୍ପ ଉଦ୍ଭିଦ କିମ୍ବା ଖାଲି ମାଟି ଅଛି ଏବଂ ପ୍ରାକୃତିକ ପୁନଉତ୍ପାଦନ ହୋଇପାରିବ ନାହିଁ, କୃତ୍ରିମ ପୁନରୁତ୍ପାଦନ(ଏଆର୍) ମାଧ୍ୟମ ହେଉଛି ସେହି ଅଞ୍ଚଳରେ ଉଦ୍ଭିଦ ରୋପଣର ଏକମାତ୍ର ପଦ୍ଧତି । ଏହି ପଦ୍ଧତି ବିଭାଗ ଦ୍ୱାରା ବ୍ଲକ୍ ବୃକ୍ଷରୋପଣ ଭାବେ ଗ୍ରହଣ କରାଯାଇଥିଲା । ସହରୀ ବନୀକରଣ ହେଉଛି ସହରୀ ପରିବେଶରେ ଏକକ ବୃକ୍ଷ ଏବଂ ଉପଲବ୍ଧ ଥିବା ବୃକ୍ଷ ଗୁଡ଼ିକର ଯତ୍ନ ଏବଂ ପରିଚାଳନା । ଜନଗହଳିପୂର୍ଣ୍ଣ ସହରାଞ୍ଚଳରେ ସବୁଜ ପୁଲ ସୃଷ୍ଟି କରିବା ଲକ୍ଷ୍ୟରେ ବିଭାଗ ଏହି ପଦ୍ଧତିକୁ ସହରୀ ବୃକ୍ଷରୋପଣ ଭାବରେ କାର୍ଯ୍ୟକାରୀ କରିଥିଲା । 2016-18 ଅବଧି ମଧ୍ୟରେ 2016 ର ମୂଲ୍ୟ ମାନାଦର୍ଶ ଅନୁଯାୟୀ ବୃକ୍ଷରୋପଣ

---

[19] ଗ୍ୟାପ୍ ମଡ୍ୟୁଲ୍ ବିନା ଏଏନ୍‌ଆର୍ ର ଅର୍ଥ ହେଉଛି ଜଙ୍ଗଲରେ ବିଭିନ୍ନ ପ୍ରକାରର ସ୍ଥାନୀୟ ଦେଶୀ ପ୍ରଜାତି ଅଛନ୍ତି ଏବଂ ଏହି କ୍ଷେତ୍ରଟି କେବଳ ରକ୍ଷଣାବେକ୍ଷଣ/ ସୁରକ୍ଷା କରାଯିବ । ମଡ୍ୟୁଲରେ ଆଉ କୌଣସି ନୂତନ ବୃକ୍ଷରୋପଣ କରାଯିବ ନାହିଁ ଏବଂ ବିଦ୍ୟମାନ ଗଛଗୁଡ଼ିକୁ ରକ୍ଷଣାବେକ୍ଷଣ କରାଯିବ ।

[20] ପ୍ରଥମ ବର୍ଷରେ ପାଞ୍ଚଟି ମ୍ୟାଣ୍ଡେ, ଦ୍ୱିତୀୟ ବର୍ଷରେ ସାତଟି ମ୍ୟାଣ୍ଡେ, ତୃତୀୟ ବର୍ଷରେ ସାତଟି ମ୍ୟାଣ୍ଡେ ଏବଂ ଚତୁର୍ଥ ବର୍ଷରେ ଦୁଇଟି ମ୍ୟାଣ୍ଡେ

[21] ଉତ୍ସ: ବାର୍ଷିକ କାର୍ଯ୍ୟକଳାପ ରିପୋର୍ଟ 2016-17-160,880 ହେକ୍ଟର, 2017-18-245,760 ହେକ୍ଟର

କାର୍ଯ୍ୟକଳାପ କରାଯାଇଥିଲା । ଅନ୍ୟ ସମସ୍ତ ଉପାଦାନକୁ ଯଥୋପରି ରଖି ପ୍ରଚଳିତ ମଜୁରୀ ହାର ଯଥା 150 ରୁ 200 ଟଙ୍କା ଧାର୍ଯ୍ୟ କରି ମୂଲ୍ୟ ମାନାଦର୍ଶ 2016 କୁ ରୂପାନ୍ତରିତ କରାଯାଇଥିଲା ।

ଉଭୟ ବ୍ଲକ୍ ଏବଂ ସହରାଞ୍ଚଳ ବୃକ୍ଷରୋପଣ ପାଇଁ ମୂଲ୍ୟ ମାନାଦର୍ଶର ଉପାଦାନଗୁଡ଼ିକର ଯାଞ୍ଚରୁ ଜଣାଗଲା ଯେ, ବ୍ଲକ୍ ବୃକ୍ଷରୋପଣରେ, ଗୋଟିଏ ହେକ୍ଟରରେ ଛଅ ମାସର 1600 ଚିହ୍ନକୁ 2.5 ମିଟର x 2.5 ମିଟର ବ୍ୟବଧାନରେ ଲଗାଯାଇଥିଲା । କିନ୍ତୁ, ସହରୀ ବୃକ୍ଷରୋପଣରେ, 0.625 ହେକ୍ଟର ଅଞ୍ଚଳରେ ଛଅ ମାସର 1000 ଗଛକୁ 2.5 ମିଟର x 2.5 ମିଟର ବ୍ୟବଧାନରେ ରୋପଣ କରାଯାଇଥିଲା । ପ୍ରଥମ ଏବଂ ଦ୍ୱିତୀୟ ଉଇଡିଙ୍ଗ, ମୃତ୍ତିକା କାର୍ଯ୍ୟ ଏବଂ ତଦାରଖ ପରି ସମାନ ଉପାଦାନଗୁଡ଼ିକର ମୂଲ୍ୟ ମଧ୍ୟରେ ବ୍ୟାପକ ଅସଙ୍ଗତି ଥିବା ଅଡିଟ୍ ଲକ୍ଷ୍ୟ କରିଥିଲା । 2016 ର ବୃକ୍ଷରୋପଣ ମୂଲ୍ୟ ମାନାଦର୍ଶ ଅନୁଯାୟୀ ଚାରୋଟି ସମାନ ଉପାଦାନର ତୁଳନା **ସାରଣୀ 2.18** ରେ ବିସ୍ତୃତ ଭାବରେ ବର୍ଣ୍ଣନା କରାଯାଇଛି ।

**ସାରଣୀ 2.18: ବ୍ଲକ ଏବଂ ସହରୀ ବୃକ୍ଷରୋପଣର ମୂଲ୍ୟ ମାନାଦର୍ଶର ତୁଳନା**

| କାର୍ଯ୍ୟ ଉପାଦାନ | ମାନବଶକ୍ତି ବ୍ୟବସ୍ଥା (ଶ୍ରମଦିବସ) | | ସହରୀ ବୃକ୍ଷରୋପଣରେ 1600 ଗଛ ପାଇଁ ଅତ୍ୟଧିକ ବ୍ୟବସ୍ଥା | 1600 ଗଛ ପାଇଁ ଅଧିକ ମୂଲ୍ୟ (ସ୍ତମ୍ଭ 4 x 200ଟଙ୍କା) | ଗଛ ପ୍ରତି ମୂଲ୍ୟ (ସ୍ତମ୍ଭ 5/1600) (ଟଙ୍କାରେ) | ସହରୀ ବୃକ୍ଷରୋପଣରେ 1000 ଗଛ ପାଇଁ ଅଧିକ ମୂଲ୍ୟ (ଟଙ୍କାରେ) |
|---|---|---|---|---|---|---|
| | ବ୍ଲକ ବୃକ୍ଷରୋପଣ (1600 ଗଛ) | ସହରୀ ବୃକ୍ଷରୋପଣ (1600 ଗଛ*) | | | | |
| 1 | 2 | 3 | 4 | 5 | 6 | 7 |
| ପ୍ରଥମ ବର୍ଷ-ପ୍ରଥମ ଏବଂ ଦ୍ୱିତୀୟ ଉଇଡିଙ୍ଗ, ମାଟି କାର୍ଯ୍ୟ ଏବଂ ତଦାରଖ | 26 | 347 | 321 | 64,200 | 40.13 | 40,130 |
| ଦ୍ୱିତୀୟ ବର୍ଷ-ପ୍ରଥମ ଏବଂ ଦ୍ୱିତୀୟ ଉଇଡିଙ୍ଗ, ମାଟି କାର୍ଯ୍ୟ ଏବଂ ତଦାରଖ | 28 | 394 | 366 | 73,200 | 45.75 | 45,750 |
| ତୃତୀୟ ବର୍ଷ- ସାର ପ୍ରୟୋଗ ଏବଂ ଉଇଡିଙ୍ଗ ସହିତ ତଦାରଖ | 29 | 330 | 301 | 60,200 | 37.63 | 37,630 |
| ଚତୁର୍ଥ ବର୍ଷ- ତଦାରଖ | 15 | 298 | 283 | 56,600 | 35.37 | 35,370 |
| **ମୋଟ** | **98** | **1369** | **1271** | **2,54,200** | **158.88** | **1,58,880** |

*ଉତ୍ସ: ବୃକ୍ଷରୋପଣ ମୂଲ୍ୟ ମାନାଦର୍ଶ 2016. * ତୁଳନା ପାଇଁ ସହରୀ ବୃକ୍ଷରୋପଣର 1000 ଗଛକୁ ତୁଳନାରେ 1600 ଗଛରେ ନିଆଯାଇଛି*

ଉପରୋକ୍ତ ସାରଣୀରେ ଏହା ଦେଖାଯାଇପାରେ ଯେ ସହରୀ ବୃକ୍ଷରୋପଣର ମୂଲ୍ୟ ମାନାଦର୍ଶରେ ପ୍ରଦାନ କରାଯାଇଥିବା ଶ୍ରମ ଉପାଦାନ, ବ୍ଲକ୍ ବୃକ୍ଷରୋପଣ ତୁଳନାରେ ବହୁତ ଅଧିକ (14 ଗୁଣ) ଥିଲା । ଏହା ଫଳରେ ସହରାଞ୍ଚଳ ବୃକ୍ଷରୋପଣରେ 1000 ଗଛ ପାଇଁ 1.59 ଲକ୍ଷ ଟଙ୍କାର ପରିହାର୍ଯ୍ୟ ଅତିରିକ୍ତ ଖର୍ଚ୍ଚ ହୋଇଥିଲା । ନିର୍ଦ୍ଦିଷ୍ଟ ଭାବରେ, ଖର୍ଚ୍ଚ ମାନାଦର୍ଶରେ ଗାର୍ଡିଆନ୍/ ବାଡ଼ ନିର୍ମାଣ ଖର୍ଚ୍ଚ ଥିବା ସତ୍ତ୍ୱେ ତଦାରଖ କାର୍ଯ୍ୟରେ ଶ୍ରମ ଉପାଦାନର ବ୍ୟବସ୍ଥା ଅନୁପଯୁକ୍ତ ଥିଲା । 2016-18 ଅବଧି ମଧ୍ୟରେ ରାଜ୍ୟର ସହରାଞ୍ଚଳରେ 25.05 ଲକ୍ଷ ଚାରା ରୋପଣ କରାଯାଇଥିଲା ଏବଂ ଏଥିପାଇଁ ଗଛ ପ୍ରତି 158.89 ଟଙ୍କା ହିସାବରେ 39.80 କୋଟି ଟଙ୍କାର ପରିହାର୍ଯ୍ୟ ଅତିରିକ୍ତ ଖର୍ଚ୍ଚ ହୋଇଥିଲା ।

ସରକାର ବ୍ୟକ୍ତ କଲେ (ଅକ୍ଟୋବର 2021) ଯେ ବିଭିନ୍ନ ବୃକ୍ଷରୋପଣ ମଡ୍ୟୁଲ୍ ପାଇଁ ମୂଲ୍ୟ ମାନାଦର୍ଶ, ମୂଲ୍ୟ ମାନାଦର୍ଶ କମିଟି ଦ୍ୱାରା ପ୍ରସ୍ତୁତ କରାଯାଇଥିଲା । ସହରାଞ୍ଚଳରେ ସହରୀ ବୃକ୍ଷରୋପଣର ମହତ୍ତ୍ୱକୁ ଅନୁଭବ କରି ଏବଂ ତୀବ୍ର ପରିଚାଳନା ନିମନ୍ତେ, ଜୈବିକ ଚାପରୁ ଅଧିକ ଯତ୍ନ ଏବଂ ସୁରକ୍ଷା ପ୍ରଦାନକରିବା ପାଇଁ ଏହି ମୂଲ୍ୟ ମାନାଦର୍ଶ ପ୍ରସ୍ତୁତ କରାଯାଇଥିଲା । ଉପରୋକ୍ତ ସମସ୍ତ କାରଣ ପ୍ରଦାନ କରିବା ସତ୍ତ୍ୱେ ସହରୀ ବୃକ୍ଷରୋପଣରେ 14 ଗୁଣ ଶ୍ରମ ଆବଶ୍ୟକତା କିପରି ଥିଲା, ବିଭାଗ ବ୍ୟାଖ୍ୟା କରିପାରି ନଥିଲା । ଏହା ରେକର୍ଡ ହୋଇନଥିଲା କିମ୍ବା ନିର୍ଦ୍ଧାରଣ ପାଇଁ କୌଣସି ବିଜ୍ଞାନ ସମ୍ମତ ବିଶ୍ଳେଷଣ କରାଯାଇ ନଥିଲା ।

### 2.1.11.3 ବୃକ୍ଷରୋପଣ ଉପାଦାନଗୁଡ଼ିକରେ ଖର୍ଚ୍ଚ ମାନାଦର୍ଶଠାରୁ ଅଧିକ ପରିହାର୍ଯ୍ୟ/ ନିଷ୍ଫଳ ବ୍ୟୟ

ଏଫ୍‌ପିଏମ୍, 1977 ର ନିୟମ 187 ରେ ବ୍ୟବସ୍ଥା କରାଯାଇଛି ଯେ ଡିଏଫ୍‌ଓ ମାନେ ତାଙ୍କ ବିଭାଜନରେ ବୃକ୍ଷରୋପଣ ପାଇଁ ଏକ ବିସ୍ତୃତ ଆଇଟମ୍ ଅନୁଯାୟୀ ମୂଲ୍ୟର ଆକଳନ ପ୍ରସ୍ତୁତ କରିବେ ଏବଂ ଏହାକୁ ତାଙ୍କ ବନ ସଂରକ୍ଷକ (ସିଏଫ୍)ଙ୍କୁ ଦାଖଲ କରିବେ, ଯିଏ ପରବର୍ତ୍ତୀ ସମୟରେ ଏହି ଆକଳନଗୁଡ଼ିକୁ ବିସ୍ତୃତ ଭାବରେ ଯାଞ୍ଚ କରିବେ ଏବଂ ସବିଶେଷ ତଥ୍ୟ ଏବଂ ତାଙ୍କର ପ୍ରତ୍ୟେକ ବିଭାଗ ପାଇଁ ୟୁନିଟ୍ ପିଛା ମୋଟ ମୂଲ୍ୟକୁ ଅନୁମୋଦନ କରିବେ । କିନ୍ତୁ, ତାଙ୍କ ସର୍କଲ ପାଇଁ ସରକାରଙ୍କ ଦ୍ୱାରା ଅନୁମୋଦନ ହୋଇଥିବା ଆକଳନ ଠାରୁ ତାହା ଅଧିକ ହେବ ନାହିଁ ।

- ଚୟନ ହୋଇଥିବା 12 ଟି ବିଭାଜନରେ ବୃକ୍ଷରୋପଣ ଏବଂ ନଗଦ ଆକାଉଣ୍ଟ୍ ଇତ୍ୟାଦିର ନଥି ଯାଞ୍ଚ କରି ଅଡିଟ୍ ଲକ୍ଷ୍ୟ କଲା ଯେ 47 ରେଞ୍ଜର 112 ଟି ବୃକ୍ଷରୋପଣରେ ବିଭିନ୍ନ ଉପାଦାନରେ କିମ୍ବା ମୂଲ୍ୟ ମାନାଦର୍ଶ ବାହାରେ 93.60 ଲକ୍ଷ ଟଙ୍କା ଅନିୟମିତ ଅତିରିକ୍ତ ଖର୍ଚ୍ଚ କରାଯାଇଥିଲା ଯାହା **ପରିଶିଷ୍ଟ -6** ରେ ବିସ୍ତୃତ ଭାବରେ ବର୍ଣ୍ଣନା କରାଯାଇଛି । ଏହି ଖର୍ଚ୍ଚଗୁଡ଼ିକ ସ୍ଥାୟୀ ଉପାଦାନଗୁଡ଼ିକର ମୂଲ୍ୟ ବଦଳାଇବା ପରେ ସଞ୍ଚୟକୁ ବ୍ୟବହାର କରିବା ପାଇଁ କରାଯାଇଥିଲା ଯାହା ସମ୍ପୂର୍ଣ୍ଣ ରୂପେ ଏଡ଼ାଯାଇ ପାରିଥାନ୍ତା ।

  ସରକାର ବ୍ୟକ୍ତ କଲେ (ଅକ୍ଟୋବର 2021) ଯେ କ୍ଷେତ୍ରର ଆବଶ୍ୟକତା ଏବଂ ମୋଟାମୋଟି ମୂଲ୍ୟ ମାନାଦର୍ଶ ଅନୁଯାୟୀ ବୃକ୍ଷରୋପଣ ଖର୍ଚ୍ଚ କରାଯାଇଥିଲା । ଏହି ଦୃଷ୍ଟିକୋଣରୁ ଉତ୍ତର ଗ୍ରହଣୀୟ ନୁହେଁ ଯେହେତୁ ଶ୍ରମ ଏବଂ ସାମଗ୍ରୀକ ମୂଲ୍ୟ ସହିତ କାର୍ଯ୍ୟର ପ୍ରତ୍ୟେକ ଆଇଟମ୍ ଏବଂ ଏହାର କାର୍ଯ୍ୟକଳାପର ଅବଧି ସ୍ପଷ୍ଟ ଭାବରେ ଅନୁମୋଦିତ ମୂଲ୍ୟ ମାନାଦର୍ଶରେ ଧାର୍ଯ୍ୟ କରାଯାଇଛି ଯାହା କ୍ଷେତ୍ରୀୟ କର୍ମଚାରୀଙ୍କ ଦ୍ୱାରା ଅନୁସରଣ କରାଯିବା କଥା ।

- ଗୋଟିଏ ବିଭାଜନ[22] ରେ ବୃକ୍ଷରୋପଣ ପତ୍ରିକା ଏବଂ ନଗଦ ଆକାଉଣ୍ଟ ଗୁଡ଼ିକର ଯାଞ୍ଚରୁ ଜଣାଗଲା ଯେ 2014-15 ରେ 800 ହେକ୍ଟର (200 ଉଦ୍ଭିଦ/ ହେକ୍ଟର) ପରିମିତ ପାନପୋଷ ରେଞ୍ଜର ବିରୋବେଡ଼ା ଆର୍‌ଏଫ୍‌ରେ ଗ୍ୟାପ୍ ବୃକ୍ଷରୋପଣ ସହିତ ଏଏନ୍‌ଆର୍ କାର୍ଯ୍ୟକାରୀ କରାଯିବାର ଥିଲା । ଜାନୁଆରୀରୁ ମାର୍ଚ୍ଚ 2014 ମଧ୍ୟରେ ଗାତ ଖୋଳିବା ବ୍ୟତୀତ ବୃକ୍ଷରୋପଣ ପୂର୍ବ କାର୍ଯ୍ୟ ଯଥା- ସର୍ବେକ୍ଷଣ, ଡିମାର୍କେସନ୍, ସାଇଟ୍ ପ୍ରସ୍ତୁତି ଇତ୍ୟାଦିରେ 10.80 ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଇଥିଲା । ପରବର୍ତ୍ତୀ ସମୟରେ, ଉକ୍ତ ଏଏନ୍‌ଆର୍ ବୃକ୍ଷରୋପଣକୁ 400 ହେକ୍ଟରରେ ରୂପାନ୍ତରିତ କରାଯାଇଥିଲା ଯାହା ଦ୍ୱାରା 5.40 ଲକ୍ଷ ଟଙ୍କାର ନିଷ୍ଫଳ ଖର୍ଚ୍ଚ ହୋଇଥିଲା ।

  ସରକାର ବ୍ୟକ୍ତ କଲେ (ଅକ୍ଟୋବର 2021) ଯେ 800 ହେକ୍ଟର ପରିବର୍ତ୍ତେ 400 ହେକ୍ଟର ଜମିରେ 16,000 ବିହନ ରୋପଣ କରାଯାଇଥିଲା । ଉତ୍ତର ଗ୍ରହଣୀୟ ନଥିଲା କାରଣ 400 ହେକ୍ଟର ଉପରେ ବୃକ୍ଷରୋପଣ ପୂର୍ବ କାର୍ଯ୍ୟରେ ନିଷ୍ଫଳ ଖର୍ଚ୍ଚ କରାଯାଇଥିଲା ।

### 2.1.11.4 ସିଏଏମ୍‌ପିଏ ବୃକ୍ଷରୋପଣ ଅଧୀନରେ ସିଲଭିକଲଚରାଲ୍ ଅପରେସନ୍ ଉପରେ ଅନିୟମିତ ଖର୍ଚ୍ଚ

ବୃକ୍ଷରୋପଣ ମୂଲ୍ୟ ମାନାଦର୍ଶ 2016 ଅନୁଯାୟୀ, ଏଏନ୍‌ଆର୍ ବୃକ୍ଷରୋପଣ (200 ଉଦ୍ଭିଦ/ ହେକ୍ଟର)ରେ ପୂର୍ବ-ରୋପଣ (ଶୂନ ତମ ବର୍ଷ) ସିଲଭିକଲଚରାଲ୍ ଅପରେସନ୍ (ଏସ୍‌ଓ), ଜାନୁଆରୀ-ଫେବୃଆରୀ ମାସରେ 1,000 ଟଙ୍କା ହାରରେ ଅର୍ଥାତ୍ ହେକ୍ଟର ପିଛା 200 ଟଙ୍କା ମୂଲ୍ୟର ପାଞ୍ଚଟି ମ୍ୟାଣ୍ଡେଜ୍ ସାଇଟ୍ ପ୍ରସ୍ତୁତି ପରେ କରାଯିବ । ଜୁଲାଇ-ଅଗଷ୍ଟ ମାସରେ ବୃକ୍ଷରୋପଣ ପରେ ହେକ୍ଟର ପିଛା 3,000 ଟଙ୍କା (15 ମ୍ୟାଣ୍ଡେଜ୍) ଦରରେ, ସେପ୍ଟେମ୍ବର-ଅକ୍ଟୋବରରେ ପ୍ରଥମ ବର୍ଷ ଏସ୍‌ଓ କରାଯିବ । ଏହି ଏସ୍‌ଓରେ ଅନାବନା ଗଛ ସଫା କରିବା, କ୍ଲାଇମର କାଟିବା, ଉଚ୍ଚ ଷ୍ଟମ୍ପ କଟିଙ୍ଗ୍, ସୁଟ୍‌ର ସିଙ୍ଗଲିଙ୍ଗ୍ ଇତ୍ୟାଦି ଅନ୍ତର୍ଭୁକ୍ତ ।

[22] ଡିଏଫ୍‌ଓ, ରାଉରକେଲା

ବଲାଙ୍ଗୀର ବିଭାଜନରେ ଅଡିଟ୍, ବୃକ୍ଷରୋପଣ ପତ୍ରିକା ଏବଂ କ୍ୟାସ୍ ବୁକ୍, ରିପୋର୍ଟ ରିଟର୍ଣ୍ଣ ଇତ୍ୟାଦି ଯାଞ୍ଚ କରିଥିଲା । ଅଡିଟ୍‌ରେ ଏହା ଜଣାଗଲା ଯେ 11 ରେଞ୍ଜରେ ସିଏଏମ୍‌ପିଏ ଏପିଓ 2015-16 ଅଧୀନରେ 6,000 ହେକ୍ଟର ଏଏନ୍‌ଆର୍ ବୃକ୍ଷରୋପଣ (200 ପ୍ଲାଣ୍ଟ/ ହେକ୍ଟର) କାର୍ଯ୍ୟକାରୀ କରାଯାଇଥିଲା । ଜାନୁଆରୀ-ଫେବୃଆରୀ ମଧ୍ୟରେ ବୃକ୍ଷରୋପଣ ପୂର୍ବରୁ ପୂର୍ବ-ରୋପଣ ଏସ୍‌ଓ କରାଯାଇନଥିଲା କାରଣ ସେପରି କୌଣସି ଖର୍ଚ୍ଚ ହୋଇନଥିଲା କିମ୍ବା ସମ୍ପୃକ୍ତ ପତ୍ରିକାରେ ଦର୍ଶାଯାଇନଥିଲା । ଜୁଲାଇ-ଅଗଷ୍ଟ ମଧ୍ୟରେ ସମସ୍ତ ସ୍ଥାନରେ ରୋପଣ କାର୍ଯ୍ୟ ଶେଷ ହୋଇଥିଲା । ଡିସେମ୍ବର 2016 ରୁ ମାର୍ଚ୍ଚ 2017 ମଧ୍ୟରେ ପୋଷ୍ଟ ରୋପଣ ଏସ୍‌ଓ (ପ୍ରଥମ ବର୍ଷ)ର ମୂଲ୍ୟ ହେକ୍ଟର ପିଛା 3,000 ଟଙ୍କା ବଦଳରେ ହେକ୍ଟର ପିଛା 4,000 ଟଙ୍କା ହାରରେ 2.40 କୋଟି ଟଙ୍କା ଲିପିବଦ୍ଧ କରାଯାଇଥିଲା । ପୋଷ୍ଟ ରୋପଣ ଖର୍ଚ୍ଚ ସହିତ ପୂର୍ବ ବୃକ୍ଷରୋପଣ ଖର୍ଚ୍ଚ ଅନ୍ତର୍ଭୁକ୍ତ କରାଯାଇଥିଲା ଯାହା ଦ୍ୱାରା ମୂଲ୍ୟ ମାନାଦର୍ଶକୁ ଉଲ୍ଲଂଘନ କରି 60 ଲକ୍ଷ ଟଙ୍କାର ଅନିୟମିତ ଅତିରିକ୍ତ ଖର୍ଚ୍ଚ ହୋଇଥିଲା ।

ଏହାର ଉତ୍ତରରେ ସରକାର ଦର୍ଶାଇଲେ (ଅକ୍ଟୋବର 2021) ଯେ ବୃକ୍ଷରୋପଣ ପାଇଁ ଠିକ୍ ସମୟରେ ପୂର୍ବ ବୃକ୍ଷରୋପଣ କାର୍ଯ୍ୟ କରାଯାଇଥିଲା । ପାଣ୍ଠି ପ୍ରଦାନ ହେବା ପରେ ଉଭୟ ପୂର୍ବ ଏବଂ ପର ରୋପଣ ଖର୍ଚ୍ଚ ପାଇଁ ଖର୍ଚ୍ଚ ବୁକ୍ କରାଯାଇଥିଲା । ଏହି ଉତ୍ତର ଗ୍ରହଣୀୟ ନଥିଲା କାରଣ ମୂଲ୍ୟ ମାନାଦର୍ଶରେ ଧାର୍ଯ୍ୟ ସମୟାନୁସାରେ ବୃକ୍ଷରୋପଣ ପୂର୍ବରୁ ଏବଂ ପରେ ଏହି ଏସ୍‌ଓ କାର୍ଯ୍ୟଗୁଡ଼ିକ ପୃଥକ ଭାବରେ କାର୍ଯ୍ୟକାରୀ କରାଯିବାର ଥିଲା ।

### 2.1.11.5 ଆଭେନ୍ୟୁ ବୃକ୍ଷରୋପଣର କ୍ଷତି ପାଇଁ କ୍ଷତିପୂରକ ପାଣ୍ଠି ସଂଗ୍ରହ କରାନଯିବା

ଓଡ଼ିଶା ସରକାର(ଜିଓଓ) ଦ୍ୱାରା ଜାରି କରାଯାଇଥିବା ସର୍କୁଲାର (ଜୁନ୍ 2018) ଅନୁଯାୟୀ, ଜଙ୍ଗଲ କିମ୍ବା ଅଣଜଙ୍ଗଲ ଜମିରେ ରାସ୍ତା ପ୍ରଶସ୍ତିକରଣରେ କଟାଯିବାକୁ ଥିବା ଗଛ ସଂଖ୍ୟାର ଦୁଇଗୁଣ, ସିଏ ମାଧ୍ୟମରେ ଲଗାଯିବା ଆବଶ୍ୟକ । ଜଙ୍ଗଲ ନଷ୍ଟ ହେବାର କ୍ଷତିକାରକ ପ୍ରଭାବରୁ ପରିବେଶକୁ ସଂରକ୍ଷଣ ଏବଂ ସୁରକ୍ଷା ପାଇଁ ଏହି ସର୍ତ୍ତ ରଖାଯାଇଛି ।

ଚାରିଟି ଜଙ୍ଗଲ ବିଭାଜନ[23]ରେ ବୃକ୍ଷରୋପଣ ନଥିଗୁଡ଼ିକର ଯାଞ୍ଚରୁ ଜଣାଗଲା ଯେ 2013-18 ମଧ୍ୟରେ 131 ଆର୍‌କେଏମ୍‌ରେ 32,750 ଚାରା ସହିତ 13 ଟି ଆଭେନ୍ୟୁ ବୃକ୍ଷରୋପଣ କାର୍ଯ୍ୟ କରାଯାଇଥିଲା ଯାହାକି **ପରିଶିଷ୍ଟ-7** ରେ ବିସ୍ତୃତ ଭାବରେ ଦର୍ଶାଯାଇଛି । ପୂର୍ତ୍ତ ବିଭାଗ (ପିଡବ୍ଲୁଡି)/ ଭାରତର ଜାତୀୟ ରାଜପଥ ପ୍ରାଧିକରଣ (ଏନ୍‌ଏଚ୍‌ଏଆଇ) ଦ୍ୱାରା 2017-18 ରେ ରାସ୍ତା ପ୍ରଶସ୍ତିକରଣ ହେତୁ ଏଗୁଡ଼ିକ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଥିଲା । କ୍ଷତିଗ୍ରସ୍ତ ବୃକ୍ଷରୋପଣର କ୍ଷତିପୂରଣ ପାଇଁ ଡିଏଫ୍‌ଓ ଏବଂ ଉପଭୋକ୍ତା ବିଭାଗ ମଧ୍ୟରେ କୌଣସି ଆଲୋଚନା କରାଯାଇ ନଥିଲା । କ୍ଷତିପୂରଣ ଦାବି ଉପସ୍ଥାପନ ନିମନ୍ତେ କ୍ଷୟକ୍ଷତିର ଆକଳନ ପାଇଁ ଡିଏଫ୍‌ଓମାନେ କୌଣସି ପଦକ୍ଷେପ ନେଇନଥିଲେ କିମ୍ବା ସଂପୃକ୍ତ ଡିଏଫ୍‌ଓମାନଙ୍କର ଅନୁମୋଦନ ପାଇଁ ଉପଭୋକ୍ତା ଏଜେନ୍ସି(ୟୁଏ) (ପିଡବ୍ଲୁଡି/ ଏନ୍‌ଏଚ୍‌ଏଆଇ) କୌଣସି ବୃକ୍ଷରୋପଣ ଯୋଜନାର ପ୍ରସ୍ତାବ ଦେଇନଥିଲେ । ଏହାଦ୍ୱାରା ଉପରୋକ୍ତ ବ୍ୟବସ୍ଥାକୁ ଉଲ୍ଲଘଂନ କରି ନିର୍ଦ୍ଧାରିତ ମୂଲ୍ୟ ମାନାଦର୍ଶ ଅନୁଯାୟୀ 3.92 କୋଟି ଟଙ୍କାର କ୍ଷତିପୂରକ ପାଣ୍ଠି ସଂଗ୍ରହ କରାଯାଇନଥିଲା ।

ଅଡିଟ୍ ସିଦ୍ଧାନ୍ତକୁ ସରକାର ଗ୍ରହଣ କରିଥିଲେ (ଅକ୍ଟୋବର 2021) ।

### 2.1.11.6 ସିଏଏମ୍‌ପିଏ ପାଣ୍ଠିକୁ ଅନିୟମିତ ଭାବେ ରାଜ୍ୟ ଯୋଜନା ପ୍ରକଳ୍ପକୁ ପରିବର୍ତ୍ତନ

ସିଏ ପାଣ୍ଠି ନିୟମାବଳୀ, 2018 ର ଉପନିୟମ 5 ଏବଂ ବ୍ୟାଖ୍ୟା 2 ଅନୁଯାୟୀ, ରାଜ୍ୟ ପାଣ୍ଠିରେ ଜମା ହୋଇଥିବା ନେଟ୍ ବର୍ତ୍ତମାନ ମୂଲ୍ୟ (ଏନ୍‌ପିଭି) ପାଇଁ ପ୍ରାପ୍ତ ଅର୍ଥ ଉପ-ନିୟମ(2) ଏବଂ ଉପ-ନିୟମ(3) ରେ ପ୍ରଦତ୍ତ ପଦ୍ଧତିରେ ଉପଯୋଗ କରାଯିବ ଏବଂ ଏନ୍‌ପିଭି ପାଇଁ ପ୍ରାପ୍ତ ଅର୍ଥକୁ କାର୍ଯ୍ୟକାରୀ ହେଉଥିବା ଅନ୍ୟ ରାଜ୍ୟ ଯୋଜନାଗୁଡ଼ିକର କୌଣସି ବଜେଟ୍ ସହିତ ମିଶ୍ରଣ ପାଇଁ ଅନୁମତି ଦିଆଯିବ ନାହିଁ । ପୁନଶ୍ଚ, ଆମ ଜଙ୍ଗଲ ଯୋଜନା (ଏଜେୱାଇ) ହେଉଛି ଓଡ଼ିଶା ସରକାରଙ୍କ ଏକ ଫ୍ଲାଗସିପ୍ କାର୍ଯ୍ୟକ୍ରମ, ଯାହା 7,000 ବନ ସୁରକ୍ଷା ସମିତି (ଭିଏସ୍‌ଏସ୍) ଏବଂ ଇକୋ ବିକାଶ କମିଟି ମାଧ୍ୟମରେ ରାଜ୍ୟର 30 ଟି ଟେରିଟୋରାଲ୍ ଏବଂ ବନ୍ୟପ୍ରାଣୀ ବିଭାଜନରେ ଓଡ଼ିଶା ବନ ବିଭାଗ ବିକାଶ ସୋସାଇଟି (ଓଏଫ୍‌ଏସ୍‌ଡିଏସ୍) ମାଧ୍ୟମରେ କାର୍ଯ୍ୟକାରୀ ହେଉଛି ।

[23] ବଲାଙ୍ଗୀର, କେନ୍ଦୁଝର ବନ୍ୟ ପ୍ରାଣୀ, ବେଦାଖୋଲା ଏବଂ ରାଉରକେଲା

ଏଜେନ୍ସିଗୁଡ଼ିକର ନଥିଗୁଡ଼ିକର ଯାଞ୍ଚ ଏବଂ ପିସିସିଏଫ୍ (ଓ) ଙ୍କ ଦ୍ୱାରା ପ୍ରଦତ୍ତ ସୂଚନାରୁ ଜଣାଗଲା ଯେ ସିଏଏମ୍‌ପିଏ ନିୟମ ଉଲ୍ଲଙ୍ଘନ କରି ସିଏଏମ୍‌ପିଏ ଏପିଓ 2014-18 ରୁ 225.84[24] କୋଟି ଟଙ୍କାକୁ ଉପରୋକ୍ତ ରାଜ୍ୟ ଯୋଜନାରେ ବିନିଯୋଗ କରାଯାଇଥିଲା । ଏହି ଅନ୍ୟତ୍ର ବିନିଯୋଗର କାରଣ ଲିପିବଦ୍ଧ ନଥିଲା ।

ଏହାର ଉତ୍ତରରେ ସରକାର ଦର୍ଶାଇଲେ (ଅକ୍ଟୋବର 2021) ଯେ ରାଜ୍ୟ ଯୋଜନା ଏବଂ ସିଏଏମ୍‌ପିଏ ଅଧୀନରେ ପାଣ୍ଠି ପ୍ରଦାନ କରାଯିବାକୁ ଥିବା ଏଜେନ୍ସିଗୁଡ଼ିକର ଉପାଦାନ ଗୁଡ଼ିକୁ କ୍ଷମତା ପ୍ରାପ୍ତ ଥିବା ଅର୍ଥ କମିଟି ଅନୁମୋଦନ କରିଥିଲେ । ଏହାକୁ ରାଜ୍ୟ ସ୍ତରୀୟ ପରିଚାଳନା କମିଟି ମଧ୍ୟ ଅନୁମୋଦନ କରିଥିଲା । କିନ୍ତୁ, ସିଏଏମ୍‌ପିଏ ବୃକ୍ଷରୋପଣ ପାଇଁ ଉଦ୍ଦିଷ୍ଟ ଅର୍ଥକୁ ଓଡ଼ିଶା ସରକାରଙ୍କ ଏକ ଫ୍ଲାଗସିପ୍ କାର୍ଯ୍ୟକ୍ରମ ଏଜେନ୍ସିରେ ବିନିଯୋଗ କରିବା ସିଏଏମ୍‌ପିଏ ନିୟମର ଉଲ୍ଲଙ୍ଘନ ଥିଲା ।

## 2.1.11.7 ବୃକ୍ଷରୋପଣ ରକ୍ଷଣାବେକ୍ଷଣ ନିମନ୍ତେ ପ୍ରତିବଦ୍ଧ ଦାୟିତ୍ୱ ପାଇଁ ଅନିୟମିତ ଦେୟ

ଜଙ୍ଗଲ ବୃକ୍ଷରୋପଣ ମାନୁଆଲ୍, 1977 ର ନିୟମ 35 ଅନୁଯାୟୀ, ବୃକ୍ଷରୋପଣ ସହ ଜଡ଼ିତ ସମସ୍ତ କାର୍ଯ୍ୟ ସମୟ ଆବଦ୍ଧ । ଯଦି ସମ୍ପୃକ୍ତ କୌଣସି କାର୍ଯ୍ୟ ବିଳମ୍ବ ହୁଏ, ତେବେ ସମ୍ପୂର୍ଣ୍ଣ ବୃକ୍ଷରୋପଣ କାର୍ଯ୍ୟର ସଫଳତା ବିପଦରେ ପଡ଼ିଥାଏ । ଏକ ବିଳମ୍ବ ଆରମ୍ଭ ପ୍ରାୟତଃ ଗମ୍ଭୀର ପରିଣାମ ନିଶ୍ଚିତ କରିବ । ଏହି ପରିପ୍ରେକ୍ଷୀରେ, ପିସିସିଏଫ୍ (ଓ) ଦ୍ୱାରା ସୂଚିତ ବୃକ୍ଷରୋପଣ ମୂଲ୍ୟ ମାନଦର୍ଶ 2016 ରେ ଦର୍ଶାଯାଇଛି ଯେ ବିଭିନ୍ନ ବୃକ୍ଷରୋପଣ ପାଇଁ ତୃତୀୟ ବର୍ଷର ରକ୍ଷଣାବେକ୍ଷଣ ନିମନ୍ତେ କାର୍ଯ୍ୟକଳାପ ଯଥା ମୃତ୍ତିକା କାର୍ଯ୍ୟ, ଖତ, ୱିଡିଙ୍ଗ୍ ଇତ୍ୟାଦି ସହ ସମଗ୍ର ବର୍ଷ ପାଇଁ ଏସ୍‌ଏମ୍‌ସି/ ତଦାରଖ କରିବାର ଉପଯୁକ୍ତ ସମୟ ହେଉଛି ଅଗଷ୍ଟରୁ ନଭେମ୍ବର ।

ଅଡିଟ୍, ବର୍ଷ 2017-18 ପାଇଁ ବଜେଟ୍ ନଥି, କାର୍ଯ୍ୟକ୍ରମ ବ୍ୟୟ (ରାଜ୍ୟ ଯୋଜନା) ଅଧୀନରେ "ବର୍ଦ୍ଧିତ ଗ୍ରୀନ୍ କଭର୍ (ଆଇଜିସି)" ପାଇଁ ପାଣ୍ଠି ଆବଣ୍ଟନ ଏବଂ ବିତରଣର ଯାଞ୍ଚ କରିଥିଲା । ଏହା ଜଣାଗଲା ଯେ ବର୍ଷ 2017-18 ରେ 4,300 ହେକ୍ଟର ଜମିରେ 2015-16 ବୃକ୍ଷରୋପଣର ତୃତୀୟ ବର୍ଷର ଅର୍ଥନୈତିକ ବୃକ୍ଷରୋପଣ, ଲଣ୍ଡା ପାହାଡ଼ ବୃକ୍ଷରୋପଣ ଏବଂ ଓବିଟିପି ଏବଂ ଆଭେନ୍ୟୁ ବୃକ୍ଷରୋପଣ ଅଧୀନରେ 1,000 ଆରକେଏମ୍ ପାଇଁ ରକ୍ଷଣାବେକ୍ଷଣ ନିମନ୍ତେ କୌଣସି ପାଣ୍ଠି ପ୍ରଦାନ କରାଯାଇନଥିଲା । ଏଥିପାଇଁ 6.15 କୋଟି ଟଙ୍କାକୁ ବର୍ଷ 2018-19 ର ଦାବି ମଧ୍ୟରେ ଅନ୍ତର୍ଭୁକ୍ତ କରାଯାଇଥିଲା ଏବଂ 2017-18 ରେ ସିଏଏମ୍‌ପିଏ ସୁଧ ପାଣ୍ଠି ଅଧୀନରେ ପାଣ୍ଠି ପ୍ରଦାନ ହୋଇନଥିବାରୁ "2017-18 ର ପ୍ରତିବଦ୍ଧ ଦାୟିତ୍ୱ" ଭାବରେ ବିତରଣ କରାଯାଇଥିଲା ।

ଯେହେତୁ କୌଣସି ବୃକ୍ଷରୋପଣ/ ରକ୍ଷଣାବେକ୍ଷଣ କାର୍ଯ୍ୟ ପାଇଁ ଋଣ ଆଧାରରେ ଖର୍ଚ୍ଚ ବହନ କରିବାକୁ ସେପରି କୌଣସି ବ୍ୟବସ୍ଥା ନଥିଲା, ଡିଏଫ୍‌ଓମାନଙ୍କୁ ପ୍ରତିବଦ୍ଧ ଦାୟିତ୍ୱ ଭାବରେ ଉକ୍ତ ପାଣ୍ଠିର ଆବଣ୍ଟନ ଅନିୟମିତ ଥିଲା । ପୁନଶ୍ଚ, ବୃକ୍ଷରୋପଣ କାର୍ଯ୍ୟର ରକ୍ଷଣାବେକ୍ଷଣକୁ ଋଣ ଆଧାରରେ କାର୍ଯ୍ୟକାରୀ କରିବା ପାଇଁ, ଡିଏଫ୍‌ଓ ମାନଙ୍କ ଦ୍ୱାରା ଉପଯୁକ୍ତ କର୍ତ୍ତୃପକ୍ଷଙ୍କ ଅନୁମୋଦନ ପ୍ରାପ୍ତ ହୋଇନଥିଲା ।

ଏହାର ଉତ୍ତରରେ ସରକାର ଦର୍ଶାଇଲେ (ଅକ୍ଟୋବର 2021) ଯେ 2017-18 ର ପ୍ରତିବଦ୍ଧ ଦାୟିତ୍ୱ ଆକାରରେ ତୃତୀୟ ବର୍ଷର ରକ୍ଷଣାବେକ୍ଷଣ କାର୍ଯ୍ୟ ପାଇଁ 2018-19 ରେ ପାଣ୍ଠି ପ୍ରଦାନ କରାଯାଇଥିଲା । ଋଣ ଆଧାରରେ କାର୍ଯ୍ୟ କରିବା ପାଇଁ ସେପରି କୌଣସି ବ୍ୟବସ୍ଥା ନଥିବାରୁ ସରକାରଙ୍କ ଉତ୍ତର ଗ୍ରହଣୀୟ ନଥିଲା ।

## 2.1.11.8 ଖର୍ଚ୍ଚ ମାନଦର୍ଶରେ ବ୍ୟବସ୍ଥା ନଥାଇ ସହରୀ ବୃକ୍ଷରୋପଣରେ ଅନିୟମିତ ବ୍ୟୟ

ଆଠ ମାସର ବିହନ ସହିତ 1,000 ଚାରାର ସହରୀ ବୃକ୍ଷରୋପଣ (ବ୍ଲକ ମଡ୍ୟୁଲ୍) ନିମନ୍ତେ ବାଡ଼ ଏବଂ ତୃତୀୟ ବର୍ଷର ରକ୍ଷଣାବେକ୍ଷଣ ପାଇଁ ଖର୍ଚ୍ଚ ମାନଦର୍ଶ 2014 ରେ କୌଣସି ବ୍ୟବସ୍ଥା ନାହିଁ ।

ନଥିଗୁଡ଼ିକର ଯାଞ୍ଚରୁ ଜଣାଗଲା ଯେ 2014-15 ରୁ 2017-18 ମଧ୍ୟରେ ସହରୀ ବୃକ୍ଷରୋପଣ କାର୍ଯ୍ୟାନ୍ୱୟନ ପାଇଁ ପିସିସିଏଫ୍ (ଓ) ଙ୍କ ଦ୍ୱାରା ବାଡ଼ (କଂକ୍ରିଟ୍ ଏବଂ ସିମେଣ୍ଟ ସ୍ତମ୍ଭ ସହିତ କଣ୍ଟା ତାର ଇତ୍ୟାଦି) ଏବଂ ତୃତୀୟ

[24] ଏପିଓ - 2014-15 (1862 ଲକ୍ଷ ଟଙ୍କା), 2015-16 (2241 ଲକ୍ଷ ଟଙ୍କା), 2016-17 (11710 ଲକ୍ଷ ଟଙ୍କା) ଏବଂ 2017-18 (6771 ଲକ୍ଷ ଟଙ୍କା)

ବର୍ଷର ରକ୍ଷଣାବେକ୍ଷଣ ପାଇଁ ପାଣ୍ଠି ଅନିୟମିତତା ଭାବରେ ଆବଣ୍ଟିତ ହୋଇଥିଲା । ପ୍ରଯୁଜ୍ୟ ମୂଲ୍ୟ ମାନାଦର୍ଶକୁ ଉଲ୍ଲଙ୍ଘନ କରି 13 ଟି ବିଭାଜନରେ ଥିବା 29 ଟି ସାଇଟ୍‌ରେ ବାଡ଼ ଏବଂ ତୃତୀୟ ବର୍ଷର ବର୍ଷର ରକ୍ଷଣାବେକ୍ଷଣ (ଉପରୋକ୍ତ ସମସ୍ତ ମଧ୍ୟରେ ଯଥାକ୍ରମେ 6.32 କୋଟି ଏବଂ 8.50 କୋଟି ଟଙ୍କା) ପାଇଁ 14.82 କୋଟି ଟଙ୍କା ଆବଣ୍ଟନ କରାଯାଇଥିଲା ଯାହା ***ପରିଶିଷ୍ଟ-8*** ରେ ବିସ୍ତୃତ ଭାବରେ ବର୍ଣ୍ଣନା କରାଯାଇଛି ।

ଏହାର ଉତ୍ତରରେ ସରକାର ଦର୍ଶାଇଲେ (ଅକ୍ଟୋବର 2021) ଯେ ସହରୀ ବୃକ୍ଷରୋପଣର ତୃତୀୟ ବର୍ଷର ରକ୍ଷଣାବେକ୍ଷଣ କାର୍ଯ୍ୟ ନିମନ୍ତେ ମୂଲ୍ୟ ମାନାଦର୍ଶ, ମାନାଦର୍ଶ 2014 ପାଇଁ ପ୍ରସ୍ତୁତ ହୋଇଥିଲା, କିନ୍ତୁ ମୁଦ୍ରଣ ସମୟରେ ମୂଲ୍ୟର ମାନାଦର୍ଶରେ ଏହାକୁ ଅଜାଣତରେ ଛାଡ଼ି ଦିଆଯାଇଥିଲା । ଏହା ମଧ୍ୟ ବ୍ୟକ୍ତ କଲେ ଯେ ନିର୍ଦ୍ଧାରିତ ଗାବିଆନ୍ ମୂଲ୍ୟ ମାନାଦର୍ଶ ଅନୁଯାୟୀ ପ୍ରଥମ ବର୍ଷର ବୃକ୍ଷରୋପଣ ସମୟରେ ବାଡ଼ କାର୍ଯ୍ୟାରମ୍ଭ କରାଯାଇଥିଲା । ବାଡ଼ ପାଇଁ ଏବଂ ତୃତୀୟ ବର୍ଷର ରକ୍ଷଣାବେକ୍ଷଣ ନିମନ୍ତେ ଅନୁମୋଦିତ ବୃକ୍ଷରୋପଣ ମୂଲ୍ୟ ମାନାଦର୍ଶ 2014 ରେ କୌଣସି ବ୍ୟବସ୍ଥା ନଥିବାରୁ ଏହି ଉତ୍ତର ଗ୍ରହଣୀୟ ନଥିଲା ।

### 2.1.11.9 ବ୍ୟୟ ନକରି ବିନିଯୋଗ ପ୍ରମାଣପତ୍ରର ଅନିୟମିତ ଦାଖଲ

ଜିଓଆଇ ଦ୍ୱାରା ଜାରି କରାଯାଇଥିବା (ଅକ୍ଟୋବର 2013) ମଞ୍ଜୁରୀ ଆଦେଶର ଅନୁଚ୍ଛେଦ 2 (b) ଅନୁଯାୟୀ, କାର୍ଯ୍ୟକାରୀ ସଂସ୍ଥା, ଆର୍ଥିକ ବର୍ଷ ସମାପ୍ତ ହେବା ପରେ ଯଥାଶୀଘ୍ର ବିଭାଗ ନିକଟରେ ବିନିଯୋଗ ପ୍ରମାଣପତ୍ର ଦାଖଲ କରିବେ । ପୁନଶ୍ଚ, ଉପ-ଅନୁଚ୍ଛେଦ (h) ଧାର୍ଯ୍ୟ କରେ ଯେ କୌଣସି ବଳକା ରାଶି ଯାହା ଆର୍ଥିକ ବର୍ଷରେ ଅନୁମୋଦିତ ଉଦ୍ଦେଶ୍ୟରେ ଖର୍ଚ୍ଚ ହୋଇନପାରେ, ଉକ୍ତ ଆର୍ଥିକ ବର୍ଷ ଶେଷ ହେବା ପରେ ଜିଓଆଇକୁ ଫେରସ୍ତ କରାଯିବ । ସଂପୃକ୍ତ କାର୍ଯ୍ୟକାରୀ ସଂସ୍ଥାକୁ ପାଣ୍ଠି ପ୍ରଦାନ କରାଯିବ ।

ଓଡ଼ିଶା ବାଉଁଶ ବିକାଶ ଏଜେନ୍ସି (ଓବିଡିଏ) ରେ ଆବଣ୍ଟନ ଏବଂ ବ୍ୟୟ ସମ୍ବନ୍ଧୀୟ ନଥିଗୁଡ଼ିକୁ ଯାଞ୍ଚ କରି ଅଡିଟ୍ ଲକ୍ଷ୍ୟ କଲା ଯେ ସମସ୍ତ ୟୁସି ଗୁଡ଼ିକ ବିଭାଜନଗୁଡ଼ିକୁ ପାଣ୍ଠି ଆବଣ୍ଟନ କରିବା ପରେ ଜିଓଆଇ ନିକଟରେ ଦାଖଲ କରାଯାଇଥିଲା, ଯଦିଓ ଅନୁମୋଦିତ ବାର୍ଷିକ କାର୍ଯ୍ୟ ଯୋଜନା (ଏଏପି) ଅନୁଯାୟୀ ସେହି ବର୍ଷରେ ପ୍ରକୃତରେ ଏହି ଅର୍ଥ ବିନିଯୋଗ କରାଯାଇନଥିଲା ।

ଏହା ଦେଖାଗଲା ଯେ, 2013-18 ମଧ୍ୟରେ ମୋଟ ଆବଣ୍ଟନ / ପାଣ୍ଠି ପ୍ରଦାନ ହୋଇଥିବା 25.84 କୋଟି ଟଙ୍କା ମଧ୍ୟରୁ ବୃକ୍ଷରୋପଣ କାର୍ଯ୍ୟକ୍ରମ ପାଇଁ 18.14 କୋଟି ଟଙ୍କା ଖର୍ଚ୍ଚ କରାଯାଇଥିଲା ଏବଂ 7.70 କୋଟି ଟଙ୍କା ବ୍ୟୟ ନହୋଇ ପଡ଼ି ରହିଥିଲା । ସମୁଦାୟ ଆବଣ୍ଟିତ ରାଶି ପାଇଁ ବିନିଯୋଗ ପ୍ରମାଣ ପତ୍ର (ୟୁସି) ଜିଓଆଇକୁ ପ୍ରଦାନ କରାଯାଇଥିଲା । ଏହିପରି, ଖର୍ଚ୍ଚ ହୋଇନଥିବା ବଳକା ରାଶି ସହିତ ସମୁଦାୟ ରାଶି ପାଇଁ ୟୁସି ଦାଖଲ କରିବା ଅନୁପଯୁକ୍ତ ଥିଲା । ଅନୁମୋଦନର ସର୍ତ୍ତ ଅନୁଯାୟୀ ଏହି ପାଣ୍ଠି ଜିଓଆଇକୁ ଫେରସ୍ତ କରାଯିବା ଉଚିତ୍ ଥିଲା । ଅଧିକନ୍ତୁ, ଅକ୍ଟୋବର 2018 ରେ ଅନୁଷ୍ଠିତ ପ୍ରଥମ ରାଜ୍ୟ ସ୍ତରୀୟ କାର୍ଯ୍ୟନିର୍ବାହୀ କମିଟି (ଏସ୍ଏଲ୍ଇସି) ବୈଠକରେ ଏହା ଆଲୋଚନା କରାଯାଇଥିଲା ଯେ ଉପରୋକ୍ତ ବଳକା ରାଶି ସହିତ ସମୁଦାୟ 12.12 କୋଟି ଟଙ୍କାର ବଳକା ରାଶି (ଆରମ୍ଭରୁ) ଓବିଡିଏ ନିକଟରେ ପଡ଼ି ରହିଥିଲା, ଯଦିଓ ଜିଓଆଇକୁ ସମୁଦାୟ ରାଶି ପାଇଁ ୟୁସି ଦାଖଲ କରାଯାଇଥିଲା । ଏହି ସଞ୍ଚୟ ମୁଖ୍ୟତଃ ବିଫଳ ବୃକ୍ଷରୋପଣ ପାଇଁ ତୃତୀୟ ଏବଂ ଚତୁର୍ଥ ବର୍ଷର ରକ୍ଷଣାବେକ୍ଷଣ ନିମନ୍ତେ ପାଣ୍ଠିର ଉପଯୋଗ ନହେବା ହେତୁ ହୋଇଥିଲା ।

ଏହାର ଉତ୍ତରରେ ସରକାର ଦର୍ଶାଇଲେ (ଅକ୍ଟୋବର 2021) ଯେ, ଓବିଡିଏର ବାର୍ଷିକ କାର୍ଯ୍ୟ ଯୋଜନା (ଏଏପି) ଅନୁମୋଦନ ପରେ ଏହି ପାଣ୍ଠି ପ୍ରଦାନ କରାଯାଇଥିଲା । ବିଭିନ୍ନ କାର୍ଯ୍ୟକାରୀ ସଂସ୍ଥାକୁ ପାଣ୍ଠି ପ୍ରଦାନ ପରେ, ୟୁସି ଗୁଡ଼ିକୁ ଜିଓଆଇ ନିକଟରେ ଦାଖଲ କରାଯାଇଥିଲା । ଏହାର ଉତ୍ତର ଗ୍ରହଣୀୟ ନଥିଲା କାରଣ ଏହି ବୃକ୍ଷରୋପଣ ପାଇଁ ଅନୁମୋଦିତ ଉଦ୍ଦେଶ୍ୟରେ ପାଣ୍ଠି ସମ୍ପୂର୍ଣ୍ଣ ଭାବରେ ବିନିଯୋଗ ହୋଇନଥିଲା ଏବଂ ପରବର୍ତ୍ତୀ ଏଏପିରେ ଅନ୍ତର୍ଭୁକ୍ତ କରାଯିବା ପାଇଁ ଖର୍ଚ୍ଚ ହୋଇନଥିବା ବଳକା ଭାବରେ ମଧ୍ୟ ଦର୍ଶାଯାଇନଥିଲା ।

### 2.1.11.10 ବୃକ୍ଷ ବଞ୍ଚିବାର ଶତକଡ଼ା ସୁନିଶ୍ଚିତ ନକରି ପାଣ୍ଠିର ଅନିୟମିତ ପ୍ରଦାନ

ଏନ୍‌ବିଏମ୍ କାର୍ଯ୍ୟକାରୀ ନିର୍ଦ୍ଦେଶାବଳୀ, 2006 ର ପାରା 6.4.5 ଅନୁଯାୟୀ, ଜଙ୍ଗଲ ଅଞ୍ଚଳରେ ବାଉଁଶ ବୃକ୍ଷରୋପଣର ବିସ୍ତାର ପାଇଁ ଆନୁମାନିକ ମୂଲ୍ୟ 2013-14 ପର୍ଯ୍ୟନ୍ତ ହେକ୍ଟର ପିଛା 25,000 ଟଙ୍କା ଥିଲା ଯାହା

ଦୁଇଟି ସମାନ କିସ୍ତିରେ ପ୍ରଦାନ କରାଯିବାର ଥିଲା । 2014-15 ରୁ ହେକ୍ଟର ପିଛା ମୂଲ୍ୟ 42,000 ଟଙ୍କାକୁ ସଂଶୋଧିତ କରାଯାଇଥିଲା, ଯାହା ତିନୋଟି ବାର୍ଷିକ କିସ୍ତିରେ 50:25:25 ଅନୁପାତରେ ପ୍ରଦାନ କରାଯିବ । ପୁନଶ୍ଚ, ନିର୍ଦ୍ଦେଶାବଳୀରେ ଧାର୍ଯ୍ୟ ମତେ ଉଦ୍ଭିଦଗୁଡ଼ିକର 90 ପ୍ରତିଶତ ବଞ୍ଚିବାକୁ ଆଧାର କରି ଦ୍ୱିତୀୟ ବର୍ଷ ପାଇଁ ସହାୟତା ପ୍ରଦାନ କରାଯିବ ।

ଅଡିଟ୍, ବୃକ୍ଷରୋପଣ ନଥି ଯାଞ୍ଚ କରି ଏବଂ ପ୍ରଦାନ କରାଯାଇଥିବା ସୂଚନାରୁ ଏହା ଦେଖିଲା ଯେ 13 ଟି ଚୟନ କରାଯାଇଥିବା ବିଭାଜନ ମଧ୍ୟରୁ 10[25] ଟି ଜଙ୍ଗଲ ବିଭାଜନ ଅଧୀନରେ 73 ଟି ସ୍ଥାନରେ ମୋଟ 1,580 ହେକ୍ଟର ଅଞ୍ଚଳରେ ବୃକ୍ଷରୋପଣ କରାଯାଇଥିଲା ଏବଂ 2013-17 ମଧ୍ୟରେ ବୃକ୍ଷରୋପଣ ଆରମ୍ଭ ହୋଇଥିଲା । ବୃକ୍ଷରୋପଣର ପ୍ରଥମ ବର୍ଷରେ ସଂପୃକ୍ତ ଡିଏଫ୍‌ଓ ମାନଙ୍କୁ ଆବଣ୍ଟିତ ହେବାକୁ ଥିବା 5.25 କୋଟି ଟଙ୍କା ଗୋଟିଏ କିସ୍ତିରେ ପ୍ରଦାନ କରାଯାଇଥିଲା ଯାହାଦ୍ୱାରା ଉପରୋକ୍ତ ବ୍ୟବସ୍ଥାର ଉଲ୍ଲଂଘନ କରି ପ୍ରଥମ ବର୍ଷ ବଞ୍ଚିବାର ଶତକଡ଼ା ସୁନିଶ୍ଚିତ ନକରି ଅନିୟମିତ ଭାବରେ ପାଣ୍ଠି ପ୍ରଦାନ କରାଯାଇଥିଲା ।

ଅଡିଟ୍ ସିଦ୍ଧାନ୍ତକୁ ଗ୍ରହଣ କରି ସରକାର ପ୍ରକାଶ କଲେ (ଅକ୍ଟୋବର 2021) ଯେ ଜିଓଆଇ ରୁ ପ୍ରାପ୍ତ ହେବା ପରେ ଏବଂ ଏନ୍‌ବିଏମ୍ କାର୍ଯ୍ୟକାରୀ ମାର୍ଗଦର୍ଶିକା ଅନୁଯାୟୀ 2013-17 ପାଇଁ ପର୍ଯ୍ୟାୟ କ୍ରମେ ଡିଏଫ୍‌ଓ ମାନଙ୍କୁ ଏହି ଅର୍ଥ ପ୍ରଦାନ କରାଯାଇଥିଲା । କିନ୍ତୁ ବିଭାଜନ ସ୍ତରରେ କ୍ଷେତ୍ର ଅଧିକାରୀଙ୍କ ଉତ୍କଟ ଅଭାବ ହେତୁ ପ୍ରଥମ ବର୍ଷର ବୃକ୍ଷଗୁଡ଼ିକର ବଞ୍ଚିବାର ଶତକଡ଼ା ତଦାରଖ ହୋଇପାରି ନଥିଲା । ଉତ୍ତର ଗ୍ରହଣୀୟ ନଥିଲା ଯେହେତୁ ଡିଏଫ୍‌ଓମାନେ କାର୍ଯ୍ୟାନ୍ୱୟନ ସଂସ୍ଥା ଅଟନ୍ତି ଏବଂ ଦ୍ୱିତୀୟ କିସ୍ତି ପ୍ରଦାନ ପୂର୍ବରୁ ଓବିଡିଏ ପାଳନୀୟ ସର୍ତ୍ତଗୁଡ଼ିକୁ ପୂର୍ଣ୍ଣ କରାଯାଇଥିବା ସୁନିଶ୍ଚିତ କରିବାର ଥିଲା ।

### 2.1.11.11 ବିନା ଟେଣ୍ଡରରେ ବୃକ୍ଷରୋପଣରେ ଜଳ ସିଞ୍ଚନ ପାଇଁ ଯାନବାହାନର ଚୟନ

ଜିଓଓ ଦ୍ୱାରା ଜାରି କରାଯାଇଥିବା (ସେପ୍ଟେମ୍ବର 2011) ସର୍କୁଲାରର ଅନୁଚ୍ଛେଦ 5(b) ଅନୁଯାୟୀ ଯଦି କାର୍ଯ୍ୟ କିମ୍ବା ସେବାର ଆନୁମାନିକ ମୂଲ୍ୟ ଦୁଇ ଲକ୍ଷ ରୁ ଅଧିକ ହୋଇଥିବ, ତେବେ ପ୍ରାଧିକୃତ କର୍ତ୍ତୃପକ୍ଷ ଗୋଟିଏ ସ୍ଥାନୀୟ ଦୈନିକ ମାଧ୍ୟମରେ ଏକ ନିର୍ଦ୍ଦିଷ୍ଟ ତାରିଖ ଏବଂ ସମୟ ମଧ୍ୟରେ ଏକ ସଂକ୍ଷିପ୍ତ ଟେଣ୍ଡର ଆହ୍ୱାନ କରି ଅଫର ମାଗିବା ଉଚିତ୍ ଏବଂ ସବିଶେଷ ତଥ୍ୟ ପ୍ରାଧୀକୃତ କର୍ତ୍ତୃପକ୍ଷଙ୍କ ୱେବ୍ ସାଇଟ୍‌ରେ ଉପଲବ୍ଧ କରାଯିବ । କାର୍ଯ୍ୟ/ ସେବାର ଆନୁମାନିକ ମୂଲ୍ୟ ଦଶ ଲକ୍ଷରୁ ଅଧିକ ହେଲେ ଅନ୍ତତଃ ପକ୍ଷେ ଏକ ବହୁଳ ଭାବରେ ପ୍ରଚାରିତ ଜାତୀୟ ଖବର କାଗଜରେ ଟେଣ୍ଡର ପାଇଁ ବିଜ୍ଞାପନ ଦିଆଯିବା ଉଚିତ୍ । ସହରୀ ବୃକ୍ଷରୋପଣ ପାଇଁ ଖର୍ଚ୍ଚ ମାନାଦର୍ଶରେ ଜଳ ସିଞ୍ଚନ ବ୍ୟବସ୍ଥା ଅନ୍ତର୍ଭୁକ୍ତ ଯେଉଁଥିରେ ଟ୍ରାକ୍ଟର / ଟ୍ୟାଙ୍କର ମାଧ୍ୟମରେ ଜଳ, ଶ୍ରମ ଓ ପରିବହନ ମୂଲ୍ୟ ଅନ୍ତର୍ଭୁକ୍ତ ।

ରାଉରକେଲା ଜଙ୍ଗଲ ବିଭାଜନରେ ନଗଦ ଆଦାୟଣଗୁଡ଼ିକର ଯାଞ୍ଚରୁ ଜଣାଗଲା ଯେ ନଭେମ୍ବର 2015 ରୁ ମାର୍ଚ୍ଚ 2016 ମଧ୍ୟରେ ତିନିଟି ରେଞ୍ଜ ଯଥା ପାନପୋଷ, କୁଆଁରମୁଣ୍ଡା, ରାଜଗାଙ୍ଗପୁରରେ ସହରୀ ବୃକ୍ଷରୋପଣରେ ଟେଣ୍ଡର ଆହ୍ୱାନ ନକରି ଜଳସିଞ୍ଚନ ବାବଦରେ 69.12 ଲକ୍ଷ ଟଙ୍କା ବ୍ୟକ୍ତିବିଶେଷ ତଥା ଫାର୍ମକୁ ଅନିୟମିତ ଭାବରେ ପ୍ରଦାନ କରାଯାଇଥିଲା ଯାହା **ପରିଶିଷ୍ଟ-9** ରେ ବିସ୍ତୃତ ଭାବରେ ବର୍ଣ୍ଣନା କରାଯାଇଛି ।

ଏହାର ଉତ୍ତରରେ ସରକାର ଦର୍ଶାଇଲେ (ଅକ୍ଟୋବର 2021) ଯେ ଖର୍ଚ୍ଚ ମାନାଦର୍ଶରେ ଜଳସିଞ୍ଚନ ଖର୍ଚ୍ଚକୁ ଅନ୍ତର୍ଭୁକ୍ତ କରାଯାଇଥିଲା । ସହରାଞ୍ଚଳ ବୃକ୍ଷରୋପଣରେ ଜଳସେଚନ କାର୍ଯ୍ୟକୁ ଭାଗ ଭାଗ କରି ଚୁକ୍ତି ଭିତିରେ ଗାଡ଼ି ନିୟୋଜିତ କରାଯାଇଥିଲା । ରେଞ୍ଜ ସ୍ତରରେ ଚୁକ୍ତିନାମା ମାଧ୍ୟମରେ ଏହି ଗାଡ଼ି ଗୁଡ଼ିକୁ ନିୟୋଜିତ କରାଯାଇଥିଲା । କିନ୍ତୁ, ବୃକ୍ଷରୋପଣ ପାଇଁ ଟେଣ୍ଡର ଆହ୍ୱାନ କରାନଯିବା ନେଇ କୌଣସି ଉତ୍ତର ଦେଇନଥିଲେ । ଯଦିଓ ଯାନଗୁଡ଼ିକ ଚୁକ୍ତି ଭିତ୍ତିରେ ନିୟୋଜିତ ହୋଇଥିଲା

[25]ବଲାଙ୍ଗୀର, ବୌଦ୍ଧ, କଳାହାଣ୍ଡି(ଏସ୍), କୋରାପୁଟ, କେନ୍ଦୁଝର, ମାଲକାନଗିରି, ରେଢ଼ାଖୋଲ, ରାୟଗଡ଼ା ଏବଂ ସୁନ୍ଦରଗଡ଼

### ସୁପାରିଶ (ବୃକ୍ଷରୋପଣ କାର୍ଯ୍ୟାନ୍ୱୟନରେ ଆର୍ଥିକ ପରିଚାଳନା)

- *କୌଣସି ବୃକ୍ଷରୋପଣ ବିନା ପୁନରୁତ୍ପାଦନ କାର୍ଯ୍ୟ ଚାଲିଥିବାରୁ ଗ୍ୟାପ୍ ବିନା ଏଏନ୍ଆର୍ ଅଧୀନ ମୂଲ୍ୟ ମାନାଦର୍ଶରେ ତଦାରଖ ପାଇଁ ଖର୍ଚ୍ଚକୁ ଅନ୍ତର୍ଭୁକ୍ତ ନକରିବା ନିମନ୍ତେ ବିଭାଗ ବିଚାର କରିପାରନ୍ତି ।*
- *ଦୁଇଟି ବୃକ୍ଷରୋପଣରେ ସମାନ ଉପାଦାନ ଯଥା ଶ୍ରମିକ ଇତ୍ୟାଦିର ସମାନ ବ୍ୟବସ୍ଥା ଗ୍ରହଣ କରିବା ପାଇଁ ବିଭାଗ ବିଚାର କରିପାରନ୍ତି ।*
- *ସିଏ ପାଣ୍ଠି ନିୟମାବଳୀ, **2018** କୁ ଉଲ୍ଲଂଘନ କରି, ବିଭାଗ ସିଏଏମ୍ପିଏ ପାଣ୍ଠିକୁ ଅନ୍ୟ ରାଜ୍ୟ ଯୋଜନା ପ୍ରକଳ୍ପରେ ବିନିଯୋଗ ନ କରିବା ନିମନ୍ତେ ବିଚାର କରିପାରନ୍ତି ।*
- *ପାଣ୍ଠି ପ୍ରଦାନ ଓ ବିନିଯୋଗରେ ଏମ୍‌ଜିଏନଆରଇଜିଏସ୍, ସିଏଏମପିଏ, ଏକେଓ୍ୱାଇ, ଏନ୍‌ଟିଏମ୍ ଇତ୍ୟାଦି ଭଳି ଯୋଜନାରେ ଥିବା ନିୟମାବଳୀ ଏବଂ ମୂଲ୍ୟ ମାନାଦର୍ଶକୁ ଅନୁପାଳନ କରାଯାଇଥିବା ବିଭାଗ ସୁନିଶ୍ଚିତ କରି ପାରନ୍ତି ।*
- *ବୃକ୍ଷରୋପଣର ପ୍ରଥମ ବର୍ଷରେ ଗୋଟିଏ କିସ୍ତିରେ ଡିଏଫ୍‌ଓମାନଙ୍କୁ ଏନ୍‌ଟିଏମ୍ ଅଧୀନରେ ଥିବା ନିୟମ ଉଲଙ୍ଘନ କରି ପ୍ରଥମ ବର୍ଷ ବୃକ୍ଷ ବଞ୍ଚିବାର ଶତକଡ଼ା ସୁନିଶ୍ଚିତ ନକରି ପାଣ୍ଠି ପ୍ରଦାନ କରିବା ଅନୁଚିତ୍ ।*

## ପର୍ଯ୍ୟାଲୋଚନ ଏବଂ ନିର୍ଦ୍ଧାରଣ

## 2.1.12 ବୃକ୍ଷରୋପଣ ସ୍ଥଳର ପର୍ଯ୍ୟାଲୋଚନା

### 2.1.12.1 ବୃକ୍ଷରୋପଣର ନିରୀକ୍ଷଣ ଏବଂ ପର୍ଯ୍ୟାଲୋଚନା ପର୍ଯ୍ୟାପ୍ତ ନ ହେବା

ଏଫ୍‌ପିଏମ୍, 1977 ର ନିୟମ 207 ରେ ଧାର୍ଯ୍ୟ କରାଯାଇଛି ଯେ ରେଞ୍ଜ ଅଧିକାରୀ (ଆରଓ) ପ୍ରତ୍ୟେକ ବୃକ୍ଷରୋପଣକୁ ଅକ୍ଟୋବର ମାସରେ ଥରେ ପରେ ଜାନୁଆରୀରେ ଏବଂ ପୁନର୍ବାର ଜୁନ୍ ମାସରେ ଗଠନ ବର୍ଷ ଠାରୁ ଆରମ୍ଭ କରି ଲଗାତାର ତିନି ବର୍ଷ ପାଇଁ ପରିଦର୍ଶନ କରିବେ । ପ୍ରତ୍ୟେକ ନିରୀକ୍ଷଣ ପରେ (କ) ସର୍ବାଧିକ ଉଚ୍ଚତା, (ଖ) ହାରାହାରି ଉଚ୍ଚତା, (ଗ) ସମୁଦାୟ ବଞ୍ଚିଥିବା ଉଦ୍ଭିଦ ସଂଖ୍ୟା, (ଘ) ବଞ୍ଚିବାର ପ୍ରତିଶତ, (ଙ) ମୃତ୍ୟୁର କାରଣ ଏବଂ (ଚ) ଅନାବନା ଗଛ ବୃଦ୍ଧିର ସ୍ଥିତି ଉପରେ ଆର ଓ ପ୍ରତିବର୍ଷ 5 ନଭେମ୍ବର 5 ଫେବୃଆରୀ ଏବଂ 5 ଜୁଲାଇରେ ଏକ ରିପୋର୍ଟ ଦାଖଲ କରିବେ । ପ୍ରତ୍ୟେକ ବୃକ୍ଷରୋପଣ ସମ୍ବନ୍ଧରେ ଡିଏଫ୍‌ଓଙ୍କୁ ଏକ ପୃଥକ ରିପୋର୍ଟ ଦାଖଲ କରାଯିବ ।

ଚୟନ କରାଯାଇଥିବା ସମସ୍ତ ବିଭାଗରେ ବୃକ୍ଷରୋପଣ ପତ୍ରିକାର ଯାଞ୍ଚରୁ ଜଣାଗଲା ଯେ 1,187 ଟି ବୃକ୍ଷରୋପଣ ମଧ୍ୟରୁ 148 ଟିରେ ରେଞ୍ଜ ଅଧିକାରୀଙ୍କ ଦ୍ୱାରା ତ୍ରୈମାସିକ ନିରୀକ୍ଷଣ କରାଯାଇ ନଥିଲା କିମ୍ବା ଆବଶ୍ୟକ ଥିବା ରିପୋର୍ଟ ଦାଖଲ ପାଇଁ ଡିଏଫ୍‌ଓମାନଙ୍କ ଦ୍ୱାରା ପଦକ୍ଷେପ ନିଆଯାଇନଥିଲା । ଏହାଦ୍ୱାରା ବର୍ଷଓ୍ୱାରୀ ବୃଦ୍ଧି ଏବଂ ବଞ୍ଚିବାର ଶତକଡ଼ା ସୁନିଶ୍ଚିତ ହୋଇପାରି ନଥିଲା ଯାହା ବୃକ୍ଷରୋପଣର ସଫଳତାକୁ ଆକଳନ କରିବାର ଏକ ମାତ୍ର ପନ୍ଥା ଥିଲା । ପୁନଶ୍ଚ, ଉଚ୍ଚ ପଦାଧିକାରୀଙ୍କ ନିରୀକ୍ଷଣ ରିପୋର୍ଟ ଗୁଡ଼ିକୁ ଅଧିକାଂଶ ପତ୍ରିକାରେ ଅନ୍ତର୍ଭୁକ୍ତ କରାଯାଇ ନଥିଲା । ବୃକ୍ଷରୋପଣର ପର୍ଯ୍ୟାଲୋଚନା ଏବଂ ନିରୀକ୍ଷଣରେ ଥିବା ଅଭାବକୁ ସୂଚିତ କଲା ।

ଏହାର ଉତ୍ତରରେ ସରକାର ବ୍ୟକ୍ତ କଲେ (ଅକ୍ଟୋବର 2021) ଯେ ଅଡିଟ୍ ସିଦ୍ଧାନ୍ତକୁ ଭବିଷ୍ୟତ ମାର୍ଗଦର୍ଶନ ପାଇଁ ଲିପିବଦ୍ଧ କରାଗଲା ।

### 2.1.12.2 ପରିଚାଳନା ସୂଚନା ବ୍ୟବସ୍ଥାରେ ଅଭାବ

ଏଏଫ୍‌ପି, 1988 ର ଅନୁଚ୍ଛେଦ 4.14 ଅନୁଯାୟୀ ଜଙ୍ଗଲ ସମ୍ବଳ ସମ୍ବନ୍ଧୀୟ ତଥ୍ୟର ଅଭାବ ଏକ ଚିନ୍ତାର ବିଷୟ, କାରଣ ଏହା ଏକ ମିଥ୍ୟା ଆତ୍ମସନ୍ତୋଷ ସୃଷ୍ଟି କରେ । ବୈଜ୍ଞାନିକ ଉପାୟରେ ଦେଶର ଜଙ୍ଗଲ ସମ୍ବଳର ସର୍ବେକ୍ଷଣ ସମାପ୍ତ କରିବା ଏବଂ ସୂଚନା ଅପ୍‌ଡେଟ୍ କରିବା ପାଇଁ ପ୍ରାଥମିକତା ଦିଆଯିବା ଆବଶ୍ୟକ । ଏହି ଉଦ୍ଦେଶ୍ୟ ପାଇଁ ଆଧୁନିକ ବୈଷୟିକ ବୈଜ୍ଞାନିକ କୌଶଳ ଏବଂ ଯନ୍ତ୍ରପାତି ସହିତ ଜଙ୍ଗଲ ପରିଚାଳନାର ପ୍ରାସଙ୍ଗିକ ଦିଗ ଉପରେ ନିର୍ଭରଯୋଗ୍ୟ ତଥ୍ୟର ସମୟାନୁଯାୟୀ ସଂଗ୍ରହ, ସଂକଳନ ଏବଂ ପ୍ରକାଶନକୁ ଉନ୍ନତ କରିବା ଆବଶ୍ୟକ ।

ଅଡିଟ୍‌କୁ ପ୍ରଦାନ କରାଯାଇଥିବା ନଥି ଗୁଡ଼ିକର ଯାଞ୍ଚରୁ ନିମ୍ନଲିଖିତ ଅସଙ୍ଗତି ଗୁଡ଼ିକ ଦେଖିବାକୁ ମିଳିଥିଲା:

- *ବୃକ୍ଷରୋପଣ କାର୍ଯ୍ୟକ୍ରମ ପାଇଁ ନଥି/ ତଥ୍ୟର ଅନୁରକ୍ଷଣ କରାନଯିବା*

ବୃକ୍ଷରୋପଣ କାର୍ଯ୍ୟକଳାପ, ବୃକ୍ଷରୋପଣ ସୂଚକାଙ୍କ ସଂଖ୍ୟା, ଉପଲବ୍ଧ ଅବକ୍ଷୟ ଜଙ୍ଗଲ ଏବଂ ଖାଲି ଥିବା ରାଜସ୍ୱ ଜମି ସମ୍ବନ୍ଧୀୟ ମୌଳିକ ସୂଚନା ସଠିକ୍ ଭାବରେ ରକ୍ଷଣାବେକ୍ଷଣ କରାଯାଇ ନଥିଲା ଯେହେତୁ ପିସିସିଏଫ୍ ତଥା ଚୟନ କରାଯାଇଥିବା ସମସ୍ତ ଡିଏଫ୍‌ଓଙ୍କ ଦ୍ୱାରା ଅଡିଟ୍‌କୁ କୌଣସି ସୂଚନା ପ୍ରଦାନ କରାଯାଇପାରି ନଥିଲା । କିନ୍ତୁ, ଭୌତିକ / ଆର୍ଥିକ ଲକ୍ଷ୍ୟ ଏବଂ ସଫଳତା ବିଷୟରେ କିଛି ସୂଚନା, ପିସିସିଏଫ୍ ଦ୍ୱାରା ବିଭାଜନଠାରୁ ପ୍ରାପ୍ତ ହେବା ପରେ ପ୍ରଦାନ କରାଯାଇଥିଲା । ତେଣୁ, ବିଭାଗ ଦ୍ୱାରା କୌଣସି କେନ୍ଦ୍ରୀୟ ତଥ୍ୟ/ ସୂଚନା ଅନୁରକ୍ଷଣ କରାଯାଇନଥିଲା ।

ବୃକ୍ଷରୋପଣ କାର୍ଯ୍ୟକ୍ରମର ସୂଚନା ଅନୁରକ୍ଷଣ ଏକ ଦୀର୍ଘକାଳିନ ବୃକ୍ଷରୋପଣ କାର୍ଯ୍ୟକଳାପ ଏବଂ ଏହାର ଏକକାଳିନ ପର୍ଯ୍ୟାଲୋଚନା ପାଇଁ ଗୁରୁତ୍ୱପୂର୍ଣ୍ଣ । ଏହିପରି ବୈଧ ସୂଚନା ଉପଲବ୍ଧ ନଥିବା ଏନ୍‌ଏଫ୍‌ପିର ଲକ୍ଷ୍ୟ ହାସଲ କରିବାରେ ଉଚ୍ଚ ପରିଚାଳନା କର୍ତ୍ତୃପକ୍ଷଙ୍କ ଦ୍ୱାରା ଯୋଜନା, ନିଷ୍ପତ୍ତି ନେବା, ନିୟନ୍ତ୍ରଣ ଏବଂ ସମନ୍ୱୟ ପ୍ରକ୍ରିୟାରେ ବାଧା ସୃଷ୍ଟି କରିଥାଏ ।

- *ବୃକ୍ଷରୋପଣ ସୂଚନାରେ ତଥ୍ୟର ସତ୍ୟତା ନଥିବା*

2013-18 ଅବଧିର ଭୌତିକ/ ଆର୍ଥିକ ଲକ୍ଷ୍ୟହାସଲ ଏବଂ ମ୍ୟାନ୍‌ଡେଜ୍ ବିଷୟରେ ଉଲ୍ଲେଖ ଥିବା ବିଭାଜନୀୟ ବୃକ୍ଷରୋପଣ ସୂଚନାର ଯାଞ୍ଚରୁ ଜଣାଗଲା ଯେ ସୂଚନା କିମ୍ବା ତଥ୍ୟର ଅନୁରକ୍ଷଣରେ ସମାନତା ନଥିଲା । ବର୍ଷଓ୍ୱାରୀ, ପ୍ରକଳ୍ପଓ୍ୱାରୀ ଏବଂ ବଞ୍ଚିବାର ଶତକଡ଼ା ସହିତ ବୃକ୍ଷରୋପଣଓ୍ୱାରୀ ଖର୍ଚ୍ଚ ଅନ୍ତର୍ଭୁକ୍ତ ଥିବା ବୃକ୍ଷରୋପଣ ନଥିପତ୍ର ଉଭୟ ବିଭାଗ ଏବଂ ବିଭାଜନ ସ୍ତରରେ ସମାନ ଭାବରେ ରକ୍ଷଣାବେକ୍ଷଣ କରାଯାଇ ନଥିଲା ।

ତେଣୁ, ଉପଲବ୍ଧ ଥିବା ତଥ୍ୟରେ ସତ୍ୟତା ନଥିଲା ଏବଂ ଅଡିଟ୍ ବିଶ୍ଳେଷଣ ପାଇଁ ବର୍ଷଓ୍ୱାରୀ, ରେଞ୍ଜଓ୍ୱାରୀ ଏବଂ ଯୋଜନାଓ୍ୱାରୀ ତଥ୍ୟ ବାହାର କରିବା କଷ୍ଟକର ଥିଲା ।

- *ଓଡ଼ିଶା ୱେବ୍ ଆଧାରିତ ପର୍ଯ୍ୟାଲୋଚନା ପୋର୍ଟାଲ୍ ଇ-ଗ୍ରୀନ୍ ୱାଚ୍‌ରେ ସଠିକ ତଥ୍ୟ ନଥିବା*

ସିଏଏମ୍‌ପିଏ ପାଣ୍ଠିର କେତେ ଉପଯୋଗ ହେଉଛି ତାହା ଉପରେ ନଜର ରଖିବା ଏବଂ ଟ୍ରାକ୍ କରିବା ପାଇଁ ସୂଚନା ସଂଗ୍ରହ ଏବଂ ଉପସ୍ଥାପନ କରିବାର ଏକ ଉଦ୍ଦେଶ୍ୟ ସହିତ ଇ-ଗ୍ରୀନ୍ ୱାଚ୍ ଏକ ସମନ୍ୱିତ ଅନ୍‌ଲାଇନ୍ ସିଷ୍ଟମ ଭାବରେ ବିକଶିତ ହୋଇଥିଲା । ଏହାଦ୍ୱାରା ପର୍ଯ୍ୟାଲୋଚନା ପାଇଁ ପ୍ରକୃତ ସମୟରେ ତଥ୍ୟ ଉପଲବ୍ଧ ହେବ ଏବଂ ସମସ୍ତ ହିତାଧିକାରୀ ଏବଂ ଜନସାଧାରଣଙ୍କ ନିକଟରେ ସୂଚନା ଉପଲବ୍ଧ କରିପାରିବ ।

ଅଡିଟ୍ ଅବଲୋକନ କଲା ଯେ ଏଫ୍‌ଏସ୍‌ଆଇ ଲିଙ୍କରେ ଜଙ୍ଗଲ କାର୍ଯ୍ୟକଳାପ ଉପରେ ତଥ୍ୟ ପ୍ରକୃତ ସମୟରେ ନଥିବା ଯେହେତୁ 503 ସିଏ ବୃକ୍ଷରୋପଣ ମଧ୍ୟରୁ କେବଳ 288 ସିଏ ସ୍ଥାନର (57 ପ୍ରତିଶତ) ତଥ୍ୟ ବହୁଭୁଜ[26] ସହିତ ଅପ୍‌ଲୋଡ୍ ହୋଇଥିଲା ଏବଂ 2010 ଠାରୁ ଅବଶିଷ୍ଟ 2015 ସ୍ଥାନର ତଥ୍ୟ ଅପ୍‌ଲୋଡ୍ ପାଇଁ ପଡ଼ି ରହିଥିଲା ।

[26] ବହୁଭୁଜ ହେଉଛି କିଛି ନିର୍ଦ୍ଦିଷ୍ଟ ସଂଖ୍ୟାର ସମରେଖା ଦ୍ୱାରା ଏକ ଆବଦ୍ଧ ବହୁଭୁଜାକାର କ୍ଷେତ୍ର । ବୃକ୍ଷରୋପଣ ସ୍ଥଳର ପ୍ରାନ୍ତର କୋଅର୍ଡିନେଟ୍‌କୁ ଗୁଗୁଲ୍ ଆର୍ଥ ସଫ୍ଟୱେୟାରରେ ପ୍ଲଟ୍ କରି ଏକ ବହୁଭୁଜ ପ୍ରସ୍ତୁତ କରାଯାଇଥିଲା

ଏହି ପରିପ୍ରେକ୍ଷୀରେ ଆଡ୍‌ହକ୍ ସିଏଏମ୍‌ପିଏ ପାଣ୍ଠି ପ୍ରଦାନ ବେଳେ (ଜାନୁଆରୀ 2017) ଦେଖିଲେ ଯେ ଅଧିକାଂଶ ପର୍ଯ୍ୟାଲୋଚନା ପାରାମିଟର ଉପରେ ରାଜ୍ୟର ରିପୋର୍ଟ ସନ୍ତୋଷଜନକ ନଥିଲା । 12.79 ବହୁଭୁଜ ଭୁଲ୍ ଏବଂ 76.12 ପ୍ରତିଶତ ଅନିର୍ଦ୍ଦିଷ୍ଟ ସହ ଇ-ଗ୍ରୀନ୍ ୱାଚରେ 11.09 ପ୍ରତିଶତ ଭୁଲ ଥିଲା । ଇ-ଗ୍ରୀନ୍ ୱାଚ୍ ପୋର୍ଟାଲରେ ଲୋଡ୍ ହେବା ପୂର୍ବରୁ ବହୁଭୁଜ ଗୁଡ଼ିକର କେନ୍ଦ୍ରୀୟ ସ୍କ୍ରିନିଂ ଉପରେ କୌଣସି ରିପୋର୍ଟ ନଥିଲା ।

ଅଡିଟ୍ ସିଦ୍ଧାନ୍ତକୁ ସରକାର ଗ୍ରହଣ କରିଥିଲେ (ଅକ୍ଟୋବର 2021) ।

### 2.1.12.3 ଆଇଜିସି ଅଧୀନରେ କାର୍ଯ୍ୟକାରୀ ହୋଇଥିବା ବୃକ୍ଷରୋପଣ ନିର୍ଦ୍ଧାରଣ ନହେବା

ଆଇଜିସିର ପ୍ରକଳ୍ପ ମାର୍ଗଦର୍ଶିକାର ଅନୁଚ୍ଛେଦ 12 ଅନୁଯାୟୀ ଆଭ୍ୟନ୍ତରୀଣ ଏବଂ ତୃତୀୟ ପକ୍ଷ ଦ୍ୱାରା ନିର୍ଦ୍ଧାରଣ କରାଯିବାର ଥିଲା । ରୋପଣ ହୋଇଥିବା ଚାରା ବଞ୍ଚିବା, ଚାରାର ଅଭିବୃଦ୍ଧି, ମାନଚିତ୍ର ପ୍ରସ୍ତୁତି ଏବଂ ନଥି ଅନୁରକ୍ଷଣ, ସ୍ଥାନୀୟ ଲୋକ ଏବଂ ଅନ୍ୟାନ୍ୟ ଲାଇନ୍ ବିଭାଗ ଏବଂ ଜିଲ୍ଲା ପ୍ରଶାସନ ଅନ୍ତର୍ଭୁକ୍ତିକୁ ଆଧାର କରି ନିର୍ଦ୍ଧାରଣ କରାଯିବା ଉଚିତ୍ । ଚାରି ବର୍ଷ ପରେ ଲଗାଯାଇଥିବା ଚାରା ରୋପଣର 60 ଭାଗ ବଞ୍ଚିବାକୁ ସଫଳ ବୃକ୍ଷରୋପଣ ଭାବରେ ବିବେଚନା କରାଯିବା ଉଚିତ୍ । ନିର୍ଦ୍ଧାରଣ ରିପୋର୍ଟକୁ ଆଧାର କରି କ୍ଷେତ୍ର କର୍ମଚାରୀଙ୍କ କାର୍ଯ୍ୟଦକ୍ଷତା ବିଚାର କରାଯିବାର ଥିଲା ।

ତୃତୀୟ ପକ୍ଷ ନିର୍ଦ୍ଧାରଣ ନଥି ଗୁଡ଼ିକର ଯାଞ୍ଚରୁ ଜଣାଗଲା ଯେ ଆଇଜିସି କାର୍ଯ୍ୟକ୍ରମ ବନ୍ଦ ହେବାର ପ୍ରାୟ ଏକ ବର୍ଷ ପରେ ଅର୍ଥାତ୍ 2018 ରେ ଏହି କାର୍ଯ୍ୟକ୍ରମର ନିର୍ଦ୍ଧାରଣ ପାଇଁ ବିଭାଗ, ଟେଣ୍ଡର ପ୍ରକ୍ରିୟା ଆରମ୍ଭ କରିଥିଲା । ଏମ୍‌ଓଇଏଫ୍ ଏବଂ ସିସିର ଏକ ସ୍ୱୟଂଶାସିତ ପ୍ରତିଷ୍ଠାନ ଇଣ୍ଡିଆନ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଫରେଷ୍ଟ ମ୍ୟାନେଜମେଣ୍ଟ (ଆଇଆଇଏଫ୍‌ଏମ୍), ସେପାଳ ଟେଣ୍ଡର ପ୍ରକ୍ରିୟା ମାଧ୍ୟମରେ ମନୋନୀତ ହୋଇଥିଲା ଏବଂ 76.12 ଲକ୍ଷ ଟଙ୍କା ବ୍ୟୟରେ ଏହି କାର୍ଯ୍ୟ କରିବାକୁ କାର୍ଯ୍ୟ ନିର୍ଦ୍ଦେଶ ଜାରି କରାଯାଇଥିଲା ( ମାର୍ଚ୍ଚ 2018) । କିନ୍ତୁ, ସମୟ ଏବଂ ଦେୟ ସୂଚୀରେ ମତ ଭେଦ ହେତୁ ଏହି ପ୍ରସ୍ତାବ ବାତିଲ୍ ହୋଇଥିଲା (ଅପ୍ରେଲ 2018) । କିନ୍ତୁ, ଆଇଆଇଏଫ୍‌ଏମ୍, ବିନା ଅତିରିକ୍ତ ମୂଲ୍ୟରେ ଦୁଇ ମାସ ସ୍ଥାନରେ ଛଅ ମାସ ପାଇଁ ସମୟ ଏବଂ 50 ପ୍ରତିଶତ ଅଗ୍ରୀମ ଦେୟ ପାଇଁ ଅନୁରୋଧ କରିଥିଲା ଯାହା ବିଭାଗ ଦ୍ୱାରା ଗ୍ରହଣ କରାଯାଇଥିଲା । ପରିଶେଷରେ ଏହି ସମ୍ବନ୍ଧରେ ଚୁକ୍ତିନାମା ମାର୍ଚ୍ଚ 2019 ରେ ସାକ୍ଷରିତ ହୋଇଥିଲା । ଯଦିଓ 38 ଲକ୍ଷ ଟଙ୍କାର ଅଗ୍ରୀମ ଦେୟ ପ୍ରଦାନ କରାଯାଇଥିଲା (ମାର୍ଚ୍ଚ 2019), ଆଇଆଇଏଫ୍‌ଏମ୍ ଦ୍ୱାରା ନିର୍ଦ୍ଧାରଣ ପାଇଁ କ୍ଷେତ୍ର କାର୍ଯ୍ୟ ଆରମ୍ଭ ହୋଇନଥିଲା । ଏହିପରି, ବୃକ୍ଷରୋପଣର ଏକକାଳୀନ ନିର୍ଦ୍ଧାରଣ ପ୍ରାୟ 48 ମାସ ବିଳମ୍ବିତ ହୋଇଥିଲା ।

ସରକାର ବ୍ୟକ୍ତ କଲେ (ଅକ୍ଟୋବର 2021) ଯେ ଆଇଆଇଏଫ୍‌ଏମ୍, ପିସିସିଏଫ୍ (ଓ ଏବଂ ଏଚ୍‌ଓଏଫ୍‌ଏଫ୍) କାର୍ଯ୍ୟାଳୟରେ ଅନ୍ତିମ ରିପୋର୍ଟ ଦାଖଲ କରିଥିଲା । କିନ୍ତୁ, ସେହି ନିର୍ଦ୍ଧାରଣୀ ରିପୋର୍ଟର କୌଣସି ନକଲ ଅଡିଟ୍‌କୁ ପ୍ରଦାନ କରାଯାଇନଥିଲା ।

### 2.1.12.4 କ୍ଷେତ୍ର କର୍ମଚାରୀଙ୍କ ଅଭାବ

ପିସିସିଏଫ୍ କାର୍ଯ୍ୟାଳୟ ଏବଂ ନମୁନା କରାଯାଇଥିବା 13 ଟି ବିଭାଜନ ସହ ଏଫ୍‌ଆର୍‌ଏସ୍ ବିଭାଜନରେ ମଞ୍ଜୁରୀ ପ୍ରାପ୍ତ କର୍ମଚାରୀ ସଂଖ୍ୟା ଏବଂ ଉପଲବ୍ଧ ଥିବା କର୍ମଚାରୀ ସଂଖ୍ୟାର ସମୀକ୍ଷାରୁ ଜଣାଗଲା ଯେ 31 ମାର୍ଚ୍ଚ 2018 ସୁଦ୍ଧା ମଞ୍ଜୁରୀପ୍ରାପ୍ତ କର୍ମଚାରୀ ସଂଖ୍ୟା ସାମଗ୍ରୀକ ଭାବେ 16 ରୁ 38 ପ୍ରତିଶତ ପର୍ଯ୍ୟନ୍ତ ଖାଲି ଥିଲା ଯାହା ପରିଶିଷ୍ଟ-10 ରେ ବିସ୍ତୃତ ଭାବେ ବର୍ଣ୍ଣନା କରାଯାଇଅଛି ।

ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ଥିଲା, ତୃଣମୂଳ ସ୍ତରରେ ବୃକ୍ଷରୋପଣ କାର୍ଯ୍ୟକଳାପକୁ କାର୍ଯ୍ୟକାରୀ କରିବା ପାଇଁ ଦାୟୀ ଥିବା ଅଣଗେଜେଟେଡ୍ କ୍ଷେତ୍ର କର୍ମଚାରୀଙ୍କ ଖାଲି ଥିବା ପଦବୀ 15 ରୁ 38 ପ୍ରତିଶତ ମଧ୍ୟରେ ରହିଥିଲା । ଏହି ଖାଲି ପଦବୀ 2013-18 ମଧ୍ୟରେ ସମାନ ଢାଞ୍ଚାରେ ରହିଥିଲା ।

ଉତ୍ତରରେ ସରକାର ବ୍ୟକ୍ତ କଲେ (ଅକ୍ଟୋବର 2021) ଯେ କ୍ଷେତ୍ରୀୟ ସ୍ତରରେ ମାନବ ସମ୍ବଳର ଅଭାବକୁ ଆଇଜିସି ଅଧୀନରେ ଆରମ୍ଭ କରାଯାଇଥିବା ବୃକ୍ଷରୋପଣ ଗୁଡ଼ିକୁ ନିରୀକ୍ଷଣ ଏବଂ ନିର୍ଦ୍ଧାରିତ ବ୍ୟବସ୍ଥା ଅନୁଯାୟୀ ନିର୍ଦ୍ଧାରଣ କରାଯାଇପାରିଲା ନାହିଁ ।

ସୁପାରିଶ (ବୃକ୍ଷରୋପଣର ପର୍ଯ୍ୟାଲୋଚନା ଏବଂ ନିର୍ଦ୍ଧାରଣ)

- *ଆରଓ ଙ୍କ ଦ୍ୱାରା ବୃକ୍ଷରୋପଣର ତ୍ରୈମାସିକ ନିରୀକ୍ଷଣ କରାଯିବା ଏବଂ ଡି ଏଫ୍ ଓ ମାନଙ୍କ ଦ୍ୱାରା କାର୍ଯ୍ୟ ତଦାରଖ କରାଯିବା ବିଭାଗ ସୁନିଶ୍ଚିତ କରିପାରନ୍ତି ।*
- *ବୃକ୍ଷରୋପଣ କାର୍ଯ୍ୟକ୍ରମ ଉପରେ ବିଭାଗ ଡାଟାବେସ୍ ପ୍ରସ୍ତୁତ କରିପାରନ୍ତି, ଯାହା ଦୀର୍ଘକାଳୀନ ବୃକ୍ଷରୋପଣ କାର୍ଯ୍ୟକଳାପ ଏବଂ ଏହାର ଏକକାଳୀନ ପର୍ଯ୍ୟାଲୋଚନା ପାଇଁ ଉପଯୋଗୀ ହେବ ।*
- *ଜଙ୍ଗଲ ସମ୍ପଦର ଉତ୍ତମ ପରିଚାଳନା ପାଇଁ ବିଭାଗ ପ୍ରତ୍ୟେକ ବୃକ୍ଷରୋପଣ ସ୍ଥାନଗୁଡ଼ିକର ଜିପିଏସ୍ ଟ୍ୟାଗ୍ଡ୍ ପ୍ରତିଛବି ଗୁଡ଼ିକର ଏକ ଡାଟାବେସ୍ ପ୍ରସ୍ତୁତ କରିପାରନ୍ତି ।*

## 2.1.13 ଉପସଂହାର

➢ ଧାର୍ଯ୍ୟ ଅବଧି ମଧ୍ୟରେ ବୃକ୍ଷରୋପଣ ଲକ୍ଷ୍ୟ ହାସଲ ଅଯୌକ୍ତିକ ଅଭାବ ସହିତ ସମାପିତ ହେଲା, ଯାହା ଲକ୍ଷ୍ୟଗୁଡ଼ିକୁ ଅବାସ୍ତବ ଭାବେ ଧାର୍ଯ୍ୟ କରାଯାଇଥିବା ସୂଚାଇଲା । ଅବକ୍ଷୟ ଜଙ୍ଗଲ ଜମି ଏବଂ ଖାଲି ଥିବା ରାଜସ୍ୱ ଜମି ସମ୍ବନ୍ଧୀୟ ତଥ୍ୟ ଉପଲବ୍ଧ ନଥିବା କାରଣରୁ ବୃକ୍ଷରୋପଣ ପାଇଁ ଯୋଜନା ପ୍ରଣାଳୀ କେବଳ କ୍ଷେତ୍ରୀୟ କର୍ମଚାରୀଙ୍କ ଦ୍ୱାରା ଭାଗ ଭାଗ କରି ପ୍ରଦାନ କରାଯାଇଥିବା ତତ୍କ୍ଷଣାତ୍ ତଥ୍ୟ ମଧ୍ୟରେ ସୀମିତ ଥିଲା । ରେଞ୍ଜ, ବିଭାଗ ଏବଂ ବନ ମୁଖ୍ୟାଳୟ ମଧ୍ୟରେ ସମନ୍ୱୟର ଅଭାବ ହେତୁ ଲକ୍ଷ୍ୟର ଦୀର୍ଘକାଳୀନ ଯୋଜନା ଏବଂ ଧାର୍ଯ୍ୟ ଲକ୍ଷ୍ୟ ହାସଲ ହୋଇ ପାରିଲା ନାହିଁ । ବିଭିନ୍ନ ବାର୍ଷିକ ବୃକ୍ଷରୋପଣ ଯୋଜନା ସମ୍ବନ୍ଧୀୟ ଆବଶ୍ୟକୀୟ ତଥ୍ୟ ଯେପରିକି ଯୋଜନାଓ୍ୱାରୀ ବାର୍ଷିକ ଲକ୍ଷ୍ୟ ଏବଂ ଲକ୍ଷ୍ୟ ହାସଲ, ଆବଣ୍ଟନ ଏବଂ ବ୍ୟୟ, ଜୀବିତ ଥିବା ବୃକ୍ଷଗୁଡ଼ିକର ପ୍ରତିଶତ ଇତ୍ୟାଦି ସରକାର କିମ୍ବା ପ୍ରମୁଖ ମୁଖ୍ୟ ଜଙ୍ଗଲ ସଂରକ୍ଷକ (ଓ ଏବଂ ଏଚ୍ଓଏଫ୍ଏଫ୍) ସ୍ତରରେ ଅନୁରକ୍ଷଣ କରାଯାଇ ନଥିଲା ।

ସ୍ଥାନୀୟ ଭୂ-ଜଳବାୟୁ ପରିସ୍ଥିତିକୁ ଅନୁଧ୍ୟାନ କରି ଜାତୀୟ ଜଙ୍ଗଲ ନୀତି ଅନୁଯାୟୀ ରାଜ୍ୟ, ନିଜସ୍ୱ ରାଜ୍ୟ ଜଙ୍ଗଲ ନୀତି(ଏସ୍ଏଫ୍ପି) ଗଠନ କରିବା ଆବଶ୍ୟକ ଥିଲା । ଏସ୍ଏଫ୍ପି ପ୍ରସ୍ତୁତ ନ ହେବା ଯୋଗୁଁ ରାଜ୍ୟରେ ସବୁଜ ବଳୟ ବୃଦ୍ଧିର ପର୍ଯ୍ୟାପ୍ତ ଯୋଜନା ହୋଇପାରିନଥିଲା । ଅନୁମୋଦିତ କାର୍ଯ୍ୟକାରୀ ଯୋଜନା/ କାର୍ଯ୍ୟକାରୀ ପରିକଳ୍ପନା ବିନା ଜଙ୍ଗଲ ବିଭାଜନଗୁଡ଼ିକ କାର୍ଯ୍ୟ କରୁଥିଲା । ବିଭାଗ ଦ୍ୱାରା କାର୍ଯ୍ୟକାରୀ ହୋଇଥିବା ବୃକ୍ଷରୋପଣ କାର୍ଯ୍ୟ, ଉପଯୁକ୍ତ ଯୋଜନା ସହ କରାଯାଇ ନଥିଲା । ବୃକ୍ଷରୋପଣ ସ୍ଥଳଗୁଡ଼ିକ ଉପଯୁକ୍ତ ଭାବରେ ଚୟନ କରାଯାଇ ନଥିଲା ଏବଂ ବୃକ୍ଷରୋପଣ ପୂର୍ବରୁ ପ୍ରସ୍ତୁତ କରାଯାଇ ନଥିଲା ।

➢ ଅବନତି ଜଙ୍ଗଲ ଏବଂ ଅଣଜଙ୍ଗଲ ଜମି ସମ୍ବନ୍ଧୀୟ ତଥ୍ୟ ବିଭାଗ ନିକଟରେ ଉପଲବ୍ଧ ନଥିବା ଯୋଗୁଁ ସିଏଏମ୍ପିଏ ଅଧୀନରେ କ୍ଷତିପୂରଣ ବନୀକରଣ କାର୍ଯ୍ୟକ୍ରମଗୁଡ଼ିକ ପାଇଁ ଧାର୍ଯ୍ୟ ଲକ୍ଷ୍ୟ ହାସଲ ସମୟ ତିନି ବର୍ଷ ମଧ୍ୟରେ ହୋଇପାରିଲା ନାହିଁ । ଯାହାଫଳରେ ଜଙ୍ଗଲ ଜମିର ପରିବର୍ତ୍ତନ ତୁଳନାରେ ଜଙ୍ଗଲ ପରିସରକୁ କ୍ଷତିପୂରଣ ଦେଇ ପାରିଲା ନାହିଁ ।

➢ ବୃକ୍ଷରୋପଣ କାର୍ଯ୍ୟର କାର୍ଯ୍ୟକାରିତା ମଧ୍ୟ ଖରାପ ଥିଲା କାରଣ ବିଭାଗ ସ୍ୱଦେଶୀ ପ୍ରଜାତି ରୋପଣ କରିବାରେ ବିଫଳ ହୋଇଥିଲା ଏବଂ ଏହା ବଦଳରେ ଶାଗୁଆନ୍ ମୁଖ୍ୟ ପ୍ରଜାତି ଭାବରେ ଲଗାଯାଇଥିଲା । ପ୍ରଜାତିଗୁଡ଼ିକର ଉଚ୍ଚ ଏବଂ କାନପି ପରିସର ବୃକ୍ଷରୋପଣ ଅବଧି ସହିତ ଅନୁରୂପ ନଥିଲା । ବିଭାଗ ଦ୍ୱାରା ମୃତ୍ତିକା ଆର୍ଦ୍ରତା ସଂରକ୍ଷଣ ପାଇଁ ଦକ୍ଷ ପଦକ୍ଷେପ ଗ୍ରହଣ କରାଯାଇ ନଥିଲା କାରଣ ଷ୍ଟାଗର୍ଡ ଟ୍ରେଞ୍ଚ ଗୁଡ଼ିକ ବୃକ୍ଷରୋପଣ କ୍ଷେତ୍ର ବାହାରେ ଖୋଳା ଯାଇଥିଲା କିମ୍ବା ଆଦୌ କାର୍ଯ୍ୟକାରୀ କରାଯାଇ ନଥିଲା । ନିର୍ବାହ ହୋଇଥିବା ଟ୍ରେଞ୍ଚ ଗୁଡ଼ିକ ମଧ୍ୟ ଭୂଖଣ୍ଡ ସହିତ ଲମ୍ବ ଭାବରେ ଅବସ୍ଥିତ ନଥିଲା ଯାହା ଟ୍ରେଞ୍ଚର ଜଳ ଧାରଣ କ୍ଷମତାକୁ ଆହୁରି ହ୍ରାସ କରିଥିଲା । ବୃକ୍ଷରୋପଣ ସ୍ଥାନ ଭିତରେ ଥିବା ଅବନତି ଭୂଖଣ୍ଡ ଗୁଡ଼ିକୁ ସଠିକ୍ ଭାବେ ନିର୍ଦ୍ଧାରଣ କରାଯାଇ ନଥିଲା ଏବଂ ସହଜରେ ପ୍ରବେଶ କରାଯାଇପାରୁଥିବା ଅଞ୍ଚଳରେ ବୃକ୍ଷ ରୋପଣ କରାଯାଇଥିଲା । ତେଣୁ, ୩.୩୬ କୋଟି ଟଙ୍କାର ବ୍ୟୟ ଫଳପ୍ରଦ ହେଲା ନାହିଁ ।

- ଏମ୍‌ଜିଏନ୍‌ଆରଇଜିଏସ୍ ଅଧୀନରେ କରାଯାଇଥିବା ବୃକ୍ଷରୋପଣ କାର୍ଯ୍ୟକ୍ରମ ନିଷ୍ଫଳ ଥିଲା ଏବଂ ଘଞ୍ଚ ଜଙ୍ଗଲ ମଧ୍ୟରେ ବୃକ୍ଷରୋପଣ ସ୍ଥାନ ଚୟନ କରାଯାଇ ଥିବା ଯୋଗୁଁ ବିଫଳ ହୋଇଥିଲା । ଏକ ବିଭାଜନରେ ବୃକ୍ଷରୋପଣ ପ୍ରକଳ୍ପର ଯୋଜନା କରିବାରେ ଡିଏଫ୍‌ଓ ଏବଂ ଡିଆରଡିଏ ସ୍ତରରେ କୌଣସି ସମନ୍ୱୟ ନଥିଲା । ଏକ ବିଭାଜନରେ ଉପଲବ୍ଧ ଥିବା କୁଶଳୀ ଶ୍ରମିକ ସମ୍ପର୍କିତ ସୂଚନା ଡିଏଫ୍‌ଓ କିମ୍ବା ବିଭାଗ ସ୍ତରରେ ନଥିଲା ଏବଂ ପ୍ରକଳ୍ପ ପ୍ରସ୍ତାବ ଗୁଡ଼ିକୁ ଡିଆରଡିଏ ନିକଟକୁ ବିଳମ୍ବରେ ପ୍ରେରଣ କରାଯାଇଥିଲା ଯାହାଫଳରେ ବୃକ୍ଷରୋପଣ କାର୍ଯ୍ୟକାରିତା ପ୍ରଭାବିତ ହେଲା । ରକ୍ଷଣାବେକ୍ଷଣ କାର୍ଯ୍ୟ ପାଇଁ ଦ୍ୱିତୀୟ ବର୍ଷ ଠାରୁ ପାଣ୍ଠି ମଧ୍ୟ ପ୍ରଦାନ କରାଯାଇ ନଥିଲା । ଏହିସବୁ କାରଣ ଯୋଗୁଁ ଏମ୍‌ଜିଏନ୍‌ଆରଇଜିଏସ୍ ଅଧୀନରେ ବୃକ୍ଷରୋପଣ ବିଫଳ ହେଲା ଏବଂ 13.17 କୋଟି ଟଙ୍କାର ନିଷ୍ଫଳ ବ୍ୟୟ ହେଲା ।

- ଏନ୍‌ବିଏମ୍ ଅଧୀନରେ ବାଉଁଶ ବୃକ୍ଷରୋପଣର ଧାର୍ଯ୍ୟ ଲକ୍ଷ୍ୟ ତୁଳନାରେ ବିଭାଗ, ମାତ୍ର 51.74 ପ୍ରତିଶତ ହାସଲ କରିପାରିଥିଲା । ସ୍ଥାନଗୁଡ଼ିକର ଭୁଲ ଚୟନ ଏବଂ ଖରାପ ପରିଚାଳନା ଯୋଗୁଁ କାର୍ଯ୍ୟକାରୀ ହୋଇଥିବା ବାଉଁଶ ବୃକ୍ଷରୋପଣରେ ବୃକ୍ଷ ବଞ୍ଚିବାର ଶତକଡ଼ା ଖରାପ ଥିଲା । 40 ପ୍ରତିଶତରୁ ଅଧିକ କାନପି ଘନତା ଥିବା ଘଞ୍ଚ ଜଙ୍ଗଲ ମଧ୍ୟରେ ଏହି ସ୍ଥାନଗୁଡ଼ିକର ଚୟନ କରାଯାଇଥିଲା ଯେଉଁଥିପାଇଁ ଖରାପ ଆଲୋକ ଉପଲବ୍ଧତା ହେଲା ଏବଂ କ୍ଲମ୍ପଗୁଡ଼ିକର ବହୁତ କମ୍ ଅଭିବୃଦ୍ଧି ହୋଇଥିଲା ।

  ବୃକ୍ଷ ବଞ୍ଚିବାର ପ୍ରତିଶତ ସୁନିଶ୍ଚିତ ନକରି ବାଉଁଶ ବୃକ୍ଷରୋପଣର ପ୍ରଥମ ବର୍ଷରେ ମଞ୍ଜୁରୀ ପ୍ରାପ୍ତ ସଂପୂର୍ଣ୍ଣ 5.25 କୋଟି ଟଙ୍କାକୁ ଗୋଟିଏ କିସ୍ତିରେ ଓବିଡିଏ ଦ୍ୱାରା ଅନିୟମିତ ଭାବେ ପ୍ରଦାନ କରାଯାଇଥିଲା ଯାହା ପ୍ରକଳ୍ପ ମାର୍ଗଦର୍ଶିକାର ଉଲ୍ଲଂଘନ ଥିଲା ।

- ଯେହେତୁ କୌଣସି ପ୍ରକୃତ ଜଙ୍ଗଲ ସୃଜନ ଅର୍ଥାତ୍ ଗ୍ୟାପ୍ ବୃକ୍ଷରୋପଣ ବିନା ସହାୟକ ପ୍ରାକୃତିକ ପୁନରୁତ୍ପାଦନ (ଏଏନ୍‌ଆର୍) ରେ କୌଣସି ଗଛ ପ୍ରକୃତରେ ଲଗା ନଯାଇ ଚାରି ବର୍ଷର ସମଗ୍ର ପୁନରୁତ୍ପାଦନ ଅବଧି ପାଇଁ ତଦାରଖ ନିମନ୍ତେ ମୂଲ୍ୟ ମାନାଦର୍ଶରେ ବ୍ୟବସ୍ଥା ହୋଇଥିବାରୁ 63.19 କୋଟି ଟଙ୍କାର ପରିହାର୍ଯ୍ୟ ବ୍ୟୟ ହୋଇଥିଲା । ଆହୁରି ମଧ୍ୟ, ସହରାଞ୍ଚଳ ବୃକ୍ଷରୋପଣରେ କୌଣସି ବିଜ୍ଞାନ ସମ୍ମତ ବିଶ୍ଳେଷଣ ନକରି ମ୍ୟାନ୍‌ଡେଜ୍ ବ୍ୟବସ୍ଥା କରାଯାଇଥିଲା ଯାହାଫଳରେ 39.40 କୋଟି ଟଙ୍କାର ପରିହାର୍ଯ୍ୟ ଅତିରିକ୍ତ ଖର୍ଚ୍ଚ ହୋଇଥିଲା । ତେଣୁ, ମୂଲ୍ୟ ମାନାଦର୍ଶକୁ ବିଜ୍ଞାନ ସମ୍ମତ ଏବଂ ଯୁକ୍ତିଯୁକ୍ତ କରିବାରେ ବିଭାଗ ବିଫଳ ହୋଇଥିଲା ।

  ବିଭିନ୍ନ ଉପାଦାନ ଅଧୀନରେ କିମ୍ବା ଖର୍ଚ୍ଚ ମାନାଦର୍ଶରେ ଥିବା ନିୟମ ବାହାରେ ଅଧିକ ଖର୍ଚ୍ଚ ହୋଇଥିଲା ଯାହା ଦ୍ୱାରା 22 ଲକ୍ଷ ଟଙ୍କାର ପରିହାର୍ଯ୍ୟ / ନିଷ୍ଫଳ ଖର୍ଚ୍ଚ ହୋଇଥିଲା । ବାଡ଼ ଏବଂ ତୃତୀୟ ବର୍ଷର ରକ୍ଷଣାବେକ୍ଷଣ ପାଇଁ 14.42 କୋଟି ଟଙ୍କା ଅନିୟମିତ ଭାବରେ ଆବଣ୍ଟନ କରାଯାଇଥିଲା ଏବଂ ସହରୀ ବୃକ୍ଷରୋପଣ ଅଧୀନରେ ଖର୍ଚ୍ଚ କରାଯାଇଥିଲା ଯାହା ପ୍ରଯୁଜ୍ୟ ମୂଲ୍ୟ ମାନାଦର୍ଶରେ ଉଲ୍ଲଂଘନ ଥିଲା । ସଡ଼କ ପ୍ରଶସ୍ତିକରଣ ହେତୁ ଆଭେନ୍ୟୁ ବୃକ୍ଷରୋପଣ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଥିଲା ଏବଂ ସମନ୍ୱୟ ଅଭାବ ଏବଂ ଅପ୍ରଭାବୀ ପର୍ଯ୍ୟାଲୋଚନା ହେତୁ କ୍ଷତିଗ୍ରସ୍ତ ବୃକ୍ଷରୋପଣ ପାଇଁ ବ୍ୟବହାରକାରୀ ସଂସ୍ଥା ଠାରୁ ଏହିପରି କ୍ଷତି ପାଇଁ ପାଣ୍ଠି ସଂଗ୍ରହ କରାଯାଇ ନଥିଲା । ତେଣୁ ବିଭାଗ ସମ୍ପୃକ୍ତ ମୂଲ୍ୟ ମାନାଦର୍ଶ ଏବଂ ଆର୍ଥିକ ନିୟମ ପାଳନ କରିବାରେ ବିଫଳ ହୋଇଥିଲା ।

- ବୃକ୍ଷରୋପଣ ପତ୍ରିକାଗୁଡ଼ିକ ସଠିକ୍ ଭାବରେ ଅନୁରକ୍ଷଣ କରାଯାଇ ନଥିଲା ଏବଂ କ୍ଷେତ୍ର ସ୍ତରର ଅଧିକାରୀ, ନିର୍ଦ୍ଦିଷ୍ଟ ଭାବରେ ରେଞ୍ଜ ଅଧିକାରୀଙ୍କ ଦ୍ୱାରା ନିରୀକ୍ଷଣ/ ପର୍ଯ୍ୟାଲୋଚନାର ଅଭାବ ଥିଲା । ବର୍ଷଓ୍ୱାରୀ ଅଭିବୃଦ୍ଧି ଏବଂ ବୃକ୍ଷ ବଞ୍ଚିବାର ଶତକଡ଼ା ନିଶ୍ଚିତ କରାଯାଇପାରି ନଥିଲା ଯାହା ଜଙ୍ଗଲ ସୃଜନ ସୃଷ୍ଟି ଏବଂ ରକ୍ଷଣାବେକ୍ଷଣରେ ବିଭାଗର ମୂଳ ଉଦ୍ଦେଶ୍ୟଗୁଡ଼ିକର ନିର୍ଦ୍ଧାରଣରେ ବିଫଳତା ସୃଷ୍ଟି କଲା ।

- ତେଣୁ, ଓଡ଼ିଶା ରାଜ୍ୟ ଦ୍ୱାରା ଆରମ୍ଭ କରାଯାଇଥିବା ବୃକ୍ଷରୋପଣ କାର୍ଯ୍ୟକଳାପ ଅବକ୍ଷୟ ଜଙ୍ଗଲ କ୍ଷେତ୍ରର ଉନ୍ନତି ଆଣିପାରି ନଥିଲା କିମ୍ବା ପୂର୍ଣ୍ଣ ସାମର୍ଥ୍ୟରେ ଜଙ୍ଗଲ ବଳୟ ବୃଦ୍ଧି କରିପାରି ନଥିଲା ।